


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-131 ♦FRIDAY ♦7 NOVEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୩୧ ♦ଶୁକ୍ରବାର ♦୭ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ବିହାର ନିର୍ବାଚନ

# ୭୩ ବର୍ଷରେ ସର୍ବାଧିକ ମତଦାନ

### ପ୍ରଥମ ପର୍ଯ୍ୟାୟରେ ୬୪.୬୬ % ଭୋଟ୍



■ **ପାଟନା, ୬।୧୧ (ଏଜେନ୍ସି):** ବିହାର ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ଆଜି ଶେଷ ହୋଇଛି । ୩ କୋଟି ୭୫ ଲକ୍ଷ ମତଦାତାଙ୍କ ମଧ୍ୟରୁ ୬୪.୬୬ ପ୍ରତିଶତ ଭୋଟର ସନ୍ଧ୍ୟା ସୁଦ୍ଧା ମତଦାନ କରିଛନ୍ତି । ଏହା ୨୦୨୦ ନିର୍ବାଚନ ତୁଳନାରେ ୮.୯୮ ପ୍ରତିଶତ ଅଧିକ । ୨୦୨୦ରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ୫୫.୬୮ ପ୍ରତିଶତ ମତଦାନ ହୋଇଥିଲା । ଏହାସହିତ ୨୪୩ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାର ୧୨୧ଟି ଆସନରେ ୧୩୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି । ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଆସନ୍ତା ୧୧ ତାରିଖରେ ହେବ । ଏଥିପାଇଁ ପ୍ରଚାର ଅଭିଯାନ ଜୋରଦାର ଚାଲିଛି ।

ନିର୍ବାଚନ କମିସନଙ୍କ ସୂତ୍ରରୁ ପ୍ରକାଶ ଯେ ୬୪.୬୬ ପ୍ରତିଶତ ମତଦାନ ହେଉଛି ବିହାର ନିର୍ବାଚନ ଇତିହାସ(୭୩ବର୍ଷ)ରେ ସର୍ବାଧିକ । ଏହାପୂର୍ବରୁ ୨୦୦୦ରେ ବିଧାନସଭା ନିର୍ବାଚନରେ ସର୍ବାଧିକ ୬୨.୫୭ ପ୍ରତିଶତ ମତଦାନ ହୋଇଥିବା ବେଳେ ୧୯୯୮ ଲୋକସଭା ନିର୍ବାଚନରେ ୬୪.୬ ପ୍ରତିଶତ ମତଦାନ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାବି କରିଛନ୍ତି ଯେ ଏତେ ଅଧିକ ହାରରେ ମତଦାନ ସୂଚାଉଛି ଯେ ଏନ୍‌ଡିଏକୁ ବିପୁଳ ସଫଳତା ମିଳିବ । ଅନ୍ୟପକ୍ଷରେ ପ୍ରଶାନ୍ତ କିଶୋର କହିଛନ୍ତି ଯେ ଅଧିକ ମତଦାନ ସରକାର ପରିବର୍ତ୍ତନର ଆଭାସ ଦେଉଛି ।

ସୂଚନାଯୋଗ୍ୟ ଯେ ଗତ ୨୦୨୦ରେ ହୋଇଥିବା ନିର୍ବାଚନରେ ଏହି ୧୨୧ ଆସନ ମଧ୍ୟରୁ ଆରଜେଡି ମେଣ୍ଟକୁ ୬୩ ଆସନ ମିଳିଥିବା ବେଳେ ବିଜେପି ମେଣ୍ଟକୁ ମିଳିଥିଲା ୫୫ ଆସନ ।

ପ୍ରଥମ ପର୍ଯ୍ୟାୟ ମତଦାନରେ ଆଜି ସକାଳୁ ମତଦାନ କେନ୍ଦ୍ରମାନଙ୍କରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆର୍‌ଜେଡି ନେତା ଲାଲୁ ପ୍ରସାଦ ଯାଦବ, ତେଜସ୍ୱୀ ଯାଦବ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ ମତଦାନ କେନ୍ଦ୍ର ଯାଇ ଭୋଟ ଦେଇଥିବା 'ଏକ୍ସ'ରେ ସେୟାର କରିଛନ୍ତି । ଆଜିର ମତଦାନ ମୋଟାମୋଟି ରୂପେ ଶାନ୍ତିପୂର୍ଣ୍ଣ ରହିଛି । କୌଣସି ସ୍ଥାନରେ ବଡ଼ ଧରଣର ହିଂସାକାଣ୍ଡ ଘଟିନାହିଁ । କେବଳ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ ଗାଡ଼ି ଉପରକୁ ଆକ୍ରମଣ ହୋଇଥିବାର ଖବର ମିଳିଛି ।

ରାଜ୍ୟରେ ଏଥର ନିର୍ବାଚନରେ ମୁଖ୍ୟ ମୁକାବିଲା ଏନ୍‌ଡିଏ ଏବଂ ଇଣ୍ଡିଆ ମେଣ୍ଟ ମଧ୍ୟରେ ହେଉଛି । ବେକାରୀ ସମସ୍ୟା, ଦୁର୍ନୀତି, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ରହିଛି । ବିହାରରେ ବିବାଦୀୟ ଏସ୍‌ଆଇଆର୍ ପରେ ପ୍ରଥମ ଥର ଲାଗି ମତଦାନ ହେଉଛି । ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ୬୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି । ଏଥିମଧ୍ୟରେ ଅନେକ ଭୋଟରଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ କେତେକ ଅନ୍ୟ ରାଜ୍ୟକୁ ଚାଲିଯାଇଛନ୍ତି ବୋଲି ନିର୍ବାଚନ କମିସନ କହିଛନ୍ତି । କିନ୍ତୁ ବିରୋଧୀ ଦଳ ଅଭିଯୋଗ ▶ପୃଷ୍ଠା-୭

# ଘାଟି ଚଢୁଚଢୁ ଜଳିଗଲା ବସ୍

### ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



■ **ପଟ୍ଟାଙ୍ଗି, ୬।୧୧ (ସମିସ):** ଆନ୍ଧ୍ରର ବିଜୟନଗରରୁ ଓଡ଼ିଶା ଆସୁଥିବା ଏକ ଓଏସ୍‌ଆର୍‌ଟିସି ବସ୍‌ରେ ନିଆଁ ଲାଗି ଜଳିଯାଇଛି । ଇଞ୍ଜିନ୍ ନିକଟରେ ସର୍ଟସର୍କିଟ୍ ହୋଇ ଏହି ଅଘଟଣ ଘଟିଛି । ତେବେ ସୌଭାଗ୍ୟକୁ ବସ୍ ଚାଳକ ଗାଡ଼ିକୁ ରାସ୍ତାପାର୍ଶ୍ୱରେ ଅଟକାଇ ଦେବାରୁ ବସ୍‌ରେ ଥିବା ଯାତ୍ରୀମାନଙ୍କ ଜୀବନ ରକ୍ଷା ପାଇଯାଇଛି ।

ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୫ଟାରେ ଓଏସ୍‌ଆର୍‌ଟିସିର ଏକ ବସ୍ (ଓଡି ୧୦ ଏସ୍ ୬୭୫୪) ଆନ୍ଧ୍ରପ୍ରଦେଶର ବିଜୟନଗର ଡିପୋରୁ ଯାତ୍ରୀଙ୍କୁ ଧରି ଜୟପୁର ଅଭିମୁଖେ ଆସୁଥିଲା । ସକାଳ ପ୍ରାୟ ସାଢ଼େ ୭ଟାରେ ବସ୍‌ଟି ଓଡ଼ିଶା ସୀମାନ୍ତ ପାସିପେଣ୍ଠା ଥାନା ଅନ୍ତର୍ଗତ କୋନାଓ୍ୱାଲାସା ଗ୍ରାମ ନିକଟ ସାଲୁର୍ ଘାଟି ଚଢୁଥିବା ବେଳେ ଇଞ୍ଜିନରୁ ଧୂଆଁ ବାହାରୁଥିବା ଚାଳକ ଦେଖିବାକୁ ପାଇଥିଲେ । ତେଣୁ, ସେ ଗାଡ଼ିଟିକୁ ରାସ୍ତାପାର୍ଶ୍ୱରେ ଅଟକାଇ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଇଥିଲେ । କିଛି ସମୟ ପରେ ଗାଡ଼ିଟି ହୁତୁହୁତୁ ହୋଇ ଜଳିଥିଲା । ଘାଟି ନିକଟରେ ଏକ ପୁଲିସ ଚେକ୍‌ପୋଷ୍ଟରୁ ଖବର ପାଇ ସାଲୁର ସହରରେ ରହିଥିବା ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା । କିନ୍ତୁ ସେତେବେଳକୁ ବସ୍‌ଟି ସଂପୂର୍ଣ୍ଣ ଜଳି ଯାଇଥିଲା । ପାସିପେଣ୍ଠା ପୁଲିସ ଏକ ମାମଲା ରୁଜୁ କରି ଅଧିକ ଯାଞ୍ଚ ଚଳାଇଛି ।

# ଆଜି ନୂଆପଡ଼ାରେ ନବୀନ ଶୋ'



### ସକାଳେ ୨ ଏନ୍‌ଏସିରେ ୬ ପଥପ୍ରାନ୍ତ ସଭା

### ଅପରାହ୍ନରେ ପାରକୋଡ଼ରେ ଜନସମାବେଶ

■ **ନୂଆପଡ଼ା, ୬।୧୧ (ସମିସ):** ଆସନ୍ତାକାଲି ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନିମନ୍ତେ ପ୍ରଚାର ନିମନ୍ତେ ଦ୍ୱିତୀୟବାର ନୂଆପଡ଼ା ଆସିବେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ନୂଆପଡ଼ା ନିର୍ବାଚନମଣ୍ଡଳୀର ନୂଆପଡ଼ାରୁ ଖରିଆର୍ ରୋଡ୍ ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍ ଶୋ'ରେ ଯୋଗ ଦେବେ ବୋଲି ନିଜେ ନବୀନ ଦିନକ ତଳେ ସୂଚନା ଦେଇଛନ୍ତି ।

ସୂଚନା ଅନୁସାରେ ଖରିଆର ରୋଡ୍ ଥାନା ନିକଟରେ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ନବୀନ ୧୧ଟା ୪୦ରୁ ରୋଡ୍ ଶୋ' ଆରମ୍ଭ କରିବେ । ଦାଗା ଛକ, ବିଜୁ ପଟ୍ଟନାୟକ ଛକ, ଲଖମାନିଆ ପେଟ୍ରୋଲପମ୍ପ ଛକ ନିକଟରେ ଜନସମାବେଶକୁ ଉଦ୍‌ବୋଧନ ଦେବେ । ଏହାପରେ ନୂଆପଡ଼ା ଏନ୍‌ଏସି ଅନ୍ତର୍ଗତ ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ, ଏକତା ଛକରେ ମଧ୍ୟ ଅନୁରୂପ ସମାବେଶରେ ନବୀନ ଉଦ୍‌ବୋଧନ ଦେବେ । ସେହିପରି ଅପରାହ୍ନରେ ନବୀନ ପାରକୋଡ୍ ନିକଟରେ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରିବେ ବୋଲି ତାଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଗତ ୩ ତାରିଖରେ ନବୀନ ନୂଆପଡ଼ା ଗସ୍ତ ସମୟରେ ଶାସକ ଦଳକୁ ଶାଣିତ ଆକ୍ରମଣ କରିଥିଲେ । ରାଜ୍ୟ ସରକାରଙ୍କୁ 'ନେମ୍ ଚେଞ୍ଜର୍' ଓ 'ରଙ୍ଗବଦଳା' ବୋଲି ଉଲ୍ଲେଖ କରି ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କୁ କରାଯାଇଥିବା ପ୍ରତାରଣାକୁ ଗୋଟିଗୋଟି ଗଣିଥିଲେ । ନବୀନଙ୍କ ଏହି ଆକ୍ରମଣାତ୍ମକ ମୁଦ୍ରା ନୂଆପଡ଼ାବାସୀଙ୍କୁ ବେଶ୍ ପ୍ରଭାବିତ କରିଥିବା ବିଜେଡି ମନେକରୁଛି । ନବୀନଙ୍କ ଗସ୍ତ ନୂଆପଡ଼ା ନିର୍ବାଚନରେ ନିର୍ଣ୍ଣାୟକ ହେବ ବୋଲି ମଧ୍ୟ ବିଭିନ୍ନ ରାଜନୈତିକ ସମୀକ୍ଷକମାନେ ମନେକରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ନବୀନଙ୍କ ଗସ୍ତ ଉପରେ ସମସ୍ତଙ୍କର ନଜର ।

# ଉତ୍ତରାଖଣ୍ଡରେ ରାୟଗଡ଼ା ଯୁବତୀଙ୍କୁ ବୀଭତ୍ସ ହତ୍ୟା

### ଘର ମାଲିକ ପୁଅ ଗିରଫ




■ **ରାୟଗଡ଼ା, ୬।୧୧(ସମିସ):** ଉତ୍ତରାଖଣ୍ଡରେ ଓଡ଼ିଆ ଯୁବତୀଙ୍କୁ ବୀଭତ୍ସ ହତ୍ୟା । ମୃତ ଯୁବତୀଜଣଙ୍କ ହେଲେ, ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ସହରର ସୃଷ୍ଟି ଶର୍ମା(୨୩) । ପୁଲିସ ସେଠାକାର ଏକ ନଦୀରୁ ତାଙ୍କ ଶବ ଉଦ୍ଧାର କରିଛି । ଏହି ଘଟଣାରେ ପୁଲିସ୍ ସୃଷ୍ଟ ଭଡ଼ାରେ ରହୁଥିବା ଘର ମାଲିକର ପୁଅକୁ ଗିରଫ କରିଛି । ସେ ହେଲା, ଅମିତ ସିଂହ । ସୃଷ୍ଟିଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ସେ ଶବକୁ ଚାଦରରେ ଗୁଡ଼ାଇ ସେଥିରେ ଇଟା, ପଥର ▶ପୃଷ୍ଠା-୭

### ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ରିପୋର୍ଟ

# ବେତନ ଓ ପେନ୍‌ସନରେ ଯାଉଛି ବଜେଟର ୬୨%


### ବିକାଶ ପ୍ରକଳ୍ପ ପାଇଁ ଖର୍ଚ୍ଚ କରିବାକୁ ପଇସା ନାହିଁ

### ରାଜ୍ୟର ସ୍ଥିତିକୁ ଦୁର୍ବଳ କରୁଛି ମାଗଣା ସହାୟତା




■ **ନୂଆଦିଲ୍ଲୀ, ୬।୧୧ (ଏଜେନ୍ସି):** ସମ୍ପ୍ରତି ଦେଶର ରାଜ୍ୟଗୁଡ଼ିକ ଏକ ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ଏହି ଅର୍ଥାଭାବ ସ୍ଥିତି ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଇବାର କ୍ଷମତାକୁ ପ୍ରଭାବିତ କରିଛି । କେବଳ ଦରମା ଓ ପେନସନ ବାବଦରେ ରାଜ୍ୟଗୁଡ଼ିକ ବଜେଟ୍‌ର ୬୨% ବ୍ୟୟ କରୁଛନ୍ତି । ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଷ୍ଟେଟ୍ ଅଫ୍ ଷ୍ଟେଟ୍ ଫାଇନାନ୍ସ ୨୦୨୫ ଶୀର୍ଷକ ରିପୋର୍ଟରେ ଏହା କୁହାଯାଇଛି ।

ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବଜେଟ୍ ଡକ୍ୟୁମେଣ୍ଟ, ଅଡିଟ୍ ଆକାଉଣ୍ଟରୁ ତଥ୍ୟ ଆଧାରରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ ଆର୍ଥିକବର୍ଷ ୨୦୨୪ରେ ଦେଶର ବିଭିନ୍ନ ରାଜ୍ୟଗୁଡ଼ିକ ରାଜସ୍ୱ ଆୟର ୫୩% ପ୍ରତିଶତ ଅର୍ଥ କେବଳ ଦରମା, ପେନସନ ଏବଂ ସୁଧ ଦେୟ ବାବଦ ଖର୍ଚ୍ଚ ହୋଇଛି । ପଞ୍ଜାବ ଭଳି ରାଜ୍ୟରେ ନିଜସ୍ୱ ରାଜସ୍ୱର ୧୦୭% ଅଧିକ ଖର୍ଚ୍ଚ କେବଳ ଏହି କ୍ଷେତ୍ରରେ ବ୍ୟୟ କରିଛି । ସେହିପରି ହିମାଚଳ ପ୍ରଦେଶ (୮୫ ପ୍ରତିଶତ), ତାମିଲନାଡୁ (୭୭ ପ୍ରତିଶତ), କେରଳ (୭୫ ପ୍ରତିଶତ) ଏବଂ ହରିୟାଣା (୭୧ ପ୍ରତିଶତ) ରହିଛି । ରିପୋର୍ଟରେ ଆହୁରିମଧ୍ୟ କୁହାଯାଇଛି ଯେ ▶ପୃଷ୍ଠା-୭




ସକାଳ
www.sakalaepaper.com

# ପ୍ରଥମ ପ୍ରୟାସରେ ରିକ୍ସାବାଲାଙ୍କ ପୁଅ ଆଇଏଏସ୍



ନୂଆଦିଲ୍ଲୀ, ୬ ।୧୧(ଏଜେନ୍ସି): ରିକ୍ସାବାଲାଙ୍କ ପୁଅ ହୋଇଥିଲେ ମଧ୍ୟ ପ୍ରଥମ ପ୍ରୟାସରେ ୟୁନିୟନ ପବ୍ଲିକ ସର୍ଭିସ କମିସନ (ୟୁପିଏସ୍‌ସି) ପରୀକ୍ଷାରେ ସଫଳତା ହାସଲ କରି ଆଇଏଏସ୍ ପାଇଛନ୍ତି ଗୋବିନ୍ଦ ଜୟସ୍ୱାଲ। ସେ ଉତ୍ତରପ୍ରଦେଶର ବାରଣାସୀରେ ଅତି ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଦାରିଦ୍ର୍ୟ ତଥା ଆର୍ଥିକ ଅନଟନ ତାଙ୍କ ସ୍ୱପ୍ନକୁ ପୂରଣ କରିବାରେ ବାଧକ ସାଜି ନଥିଲା। ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ ଓ କଠିନ ପରିଶ୍ରମ ବଳରେ ମଣିଷ ସବୁକିଛି ହାସଲ କରିପାରିବ ବୋଲି ସେ ପ୍ରମାଣ କରିଥିଲେ। ନିକଟରେ ଏକ ସାକ୍ଷାତକାର ଦେବା ଅବସରରେ ଗୋବିନ୍ଦ ନିଜର ସଂଘର୍ଷ କାହାଣୀ ବଖାଣିଛନ୍ତି। ଯଦି ମୁଁ ଆଇଏଏସ୍ ପାଇଛି, ତେବେ ସମସ୍ତେ ମଧ୍ୟ ପାଇପାରିବେ। କୌଣସି ପ୍ରକାର ସ୍ଥିତିରେ ଖରାପ ପରିସ୍ଥିତିର ଦୋଷ ଦେବା ଉଚିତ୍ ନୁହଁ ବୋଲି ସେ କହିଛନ୍ତି। ଏବେ ସେ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗରେ ଯୁଗ୍ମ ସଚିବ ପଦରେ କାର୍ଯ୍ୟ କରୁଛନ୍ତି।

ବାପା ନାରାୟଣ ଜୟସ୍ୱାଲ ରିକ୍ସା ଟାଣନ୍ତି। ମା'ଙ୍କ ଚିକିତ୍ସା କାରଣରୁ ପରିବାର ଆର୍ଥିକ ସ୍ଥିତି ଖରାପ ହୋଇଯାଇଥିଲା। ଗୋବିନ୍ଦ ୭ମ ଶ୍ରେଣୀରେ ପଢୁଥିବା ବେଳେ ବ୍ରେନ ହାମରେଜ କାରଣରୁ ମା'ଙ୍କ ଦେହାନ୍ତ ହୋଇଥିଲା। ଫଳରେ ସ୍ଥିତି ଆହୁରି ଖରାପ୍ ହୋଇଥିଲା। ଲୋକ ଗୋବିନ୍ଦଙ୍କୁ ଏହି ସ୍ଥିତିରେ ପରିହାସ କରି ବିଭିନ୍ନ ମନ୍ତବ୍ୟ ଦେଉଥିଲେ। ବାପାଙ୍କ ଭଳି ରିକ୍ସା ଟାଣିବାକୁ ଓ ଭଉଣୀମାନଙ୍କ ପର ଘରେ ବାସନ ମାଜିବାକୁ ଲୋକେ ତାଙ୍କୁ ତାଚ୍ଛଲ୍ୟ କରି କହୁଥିଲେ। ଗୋବିନ୍ଦ ଏ ସବୁ ଚୁପ୍‌ଚାପ ଶୁଣି ସହିଯାଉଥିଲେ। କିନ୍ତୁ ନିଜ ଶୈଳୀରେ ସେ ସମସ୍ତଙ୍କୁ ଉଚିତ ଜବାବ ଦେବେ ବୋଲି ମନେମନେ ସ୍ଥିର କରି ନେଇଥିଲେ। ଅଭାବ ଅସୁବିଧା ସତ୍ତ୍ୱେ ନାରାୟଣ କେବେବି ପୁଅ ଓ ୩ ଝିଅଙ୍କ ପାଠ ପଢ଼ାରେ ଅବହେଳା କରିନାହାନ୍ତି। ପାଠ ଓ ଜ୍ଞାନ ବଳରେ ପୁଅ ଓ ଝିଅଙ୍କ ଜୀବନ ସାର୍ଥକ ହେବ ବୋଲି ସେ ଭଲଭାବେ ଅବଗତ ଥିଲେ। ନିଜ ୪ ପିଲାଙ୍କୁ ପଢ଼ାଇବା ପାଇ ସେ ସବୁ ପ୍ରକାର ପ୍ରୟାସ କରିଥିଲେ। କୌଣସି ପ୍ରକାର ଗୋବିନ୍ଦ ଓ ତାଙ୍କ ୩ ଭଉଣୀ ଗ୍ରାଜୁଏସନ କରିଥିଲେ। ପିଲାଟି ବେଳୁ ଗୋବିନ୍ଦ ୟୁପିଏସ୍‌ସି ସିଭିଲ ସର୍ଭିସ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ସହ ଆଇଏଏସ୍ ହେବେ ବୋଲି ସ୍ୱପ୍ନ ଦେଖୁଥିଲେ। ସେ ରିକ୍ସାବାଲାଙ୍କ ପୁଅ ବୋଲି ଜାଣିପାରି ତାଙ୍କ ସାଙ୍ଗଙ୍କ ପରବାର ଲୋକେ ମଧ୍ୟ ତାଙ୍କୁ ଏକାଧିକବାର ଖରାପ ବ୍ୟବହାର କରିଥିଲେ। ସମସ୍ତଙ୍କ କଡ଼ା ଜବାବ ଦେବେ ବୋଲି ସେ ସ୍ଥିର କରିନେଇଥିଲେ। କିନ୍ତୁ ଆଇଏଏସ ହେବାର ରାସ୍ତା ଆଦୌ ସହଜ ନଥିଲା। କୌଣସି କାରଣରୁ ଆହତ ହେବା ପରେ ନାରାୟଣ ଆଉ ରିକ୍ସା ଚଳାଇପାରି ନଥିଲେ। ତେଣୁ ସେ ଜମି ବିକ୍ରି କରି ଗୋବିନ୍ଦଙ୍କୁ ଦିଲ୍ଲୀ ପଠାଇଥିଲେ। ଅର୍ଥାଭାବ କାରଣରୁ ଗୋବିନ୍ଦ ଦିଲ୍ଲୀରେ ଟ୍ୟୁସନ କରି ନିଜେ ପାଠ ପଢ଼ିବା ସହ ନିଜ ପରିବାରକୁ ଟଙ୍କା ପଠାଉଥିଲେ। ସେ ମଧ୍ୟ ଗୋଟିଏ ଓଳି ଖାଇବା ଛାଡି ଦେଇଥିଲେ। ୨୦୦୬ରେ ସେ ପ୍ରଥମଥର ପାଇଁ ଆଇଏସ୍ ପରୀକ୍ଷା ଦେଇଥିଲେ ଓ କୃତକାର୍ଯ୍ୟ ହୋଇଥିଲେ। ସର୍ବଭାରତୀୟ ମାନ୍ୟତାରେ ସେ ୪୮ ତମ ସ୍ଥାନ ଅଧିକାର କରିଥିଲେ।

## ଫିଲିପାଇନ୍ସରେ ବାତ୍ୟା; ୧୧୪ ମୃତ

ମାନିଲା, ୬ ।୧୧(ଏଜେନ୍ସି): ଫିଲିପାଇନ୍ସରେ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ ଜୁନିଅର ଗୁରୁବାର ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଛନ୍ତି। ବାତ୍ୟା କାଲମାଗୀ ଯୋଗୁଁ ଦେଶରେ ୧୧୪ ଜଣ ଲୋକ ମୃତ୍ୟୁବରଣ କରିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବାତ୍ୟା କାରଣରୁ ହୋଇଥିବା ବିପର୍ଯ୍ୟୟ ପରିଚାଳନା ବୈଠକରେ ମାର୍କୋସ ଏହି ଘୋଷଣା କରିଥିଲେ। ଚଳିତବର୍ଷ କାଲମାଗୀ ଦେଶରେ ସର୍ବବୃହତ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହେଉଛି। ଅଧିକାଂଶ ଲୋକ ଅଚାନକ ଆସିଥିବା ବନ୍ୟାରେ ବୁଡିବା ଯୋଗୁଁ ମୃତ୍ୟୁବରଣ କରିଥିଲେ। ଏବେ ମଧ୍ୟ ୧୨୭ ଜଣ ଲୋକ ନିଖୋଜ ଅଛନ୍ତି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଏମାନଙ୍କ ମଧ୍ୟରେ ଅଧିକାଂଶ ଲୋକ ସବୁ ପ୍ରଦେଶର ବୋଲି କୁହାଯାଇଛି। ଏହି ବାତ୍ୟାରେ ପାଖାପାଖି ୨୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫.୬ ଲକ୍ଷ ଲୋକଙ୍କୁ ଘର ଛାଡିବାକୁ ପଡ଼ିଥିଲା। ଏବେ ୪.୫ ଲକ୍ଷ ଲୋକ ରିଲିଫ୍ ଶିବିରରେ ଶରଣ ନେଇଛନ୍ତି। ଇତିମଧ୍ୟରେ ଆଉ ଏକ ବାତ୍ୟା ପ୍ରଶାନ୍ତ ମହାସାଗରରୁ ଆସିବ ଓ ଏହା ଆସନ୍ତା ସପ୍ତାହରେ ଫିଲିପାଇନ୍ସରେ ଲ୍ୟାଣ୍ଡଫଲ କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

## ସୈନିକ ସ୍କୁଲ୍‌ରେ ଛାତ୍ରଙ୍କ ଆତ୍ମହତ୍ୟା

ଇଟାନଗର, ୬ ।୧୧(ଏଜେନ୍ସି): ଅରୁଣାଚଳ ପ୍ରଦେଶର ଇଷ୍ଟ ସିଆଙ୍ଗ ଜିଲ୍ଲାସ୍ଥିତ ନିଗଲୋକ ସୈନିକ ସ୍କୁଲ୍‌ରେ ଜଣେ ସପ୍ତମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏନେଇ ଛାତ୍ରଙ୍କ ଭଉଣୀ ତାତ୍ତୁ ଲୁନିଆ ସିନିଅର ଛାତ୍ରଙ୍କ ଉପରେ ର୍ୟାଗିଂ କରିବାର ଅଭିଯୋଗ ଆଣିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ସେୟାର କରି ସେ ଏହି ଅଭିଯୋଗ କରିଛନ୍ତି। ଅକ୍ଟୋବର ୩୧ ରାତି ୧୧ଟାରେ ୧୦ମ ଓ ୮ମ ଶ୍ରେଣୀର ଜୁନିଅର ଛାତ୍ରଙ୍କ କୋଠରୀରେ ପଶିଥିଲେ। ବରିଷ୍ଠ ଛାତ୍ରମାନେ ୭ମ ଶ୍ରେଣୀ ଛାତ୍ରଙ୍କୁ ଡରାଇବା ଓ ଧମକାଇବା ସହ ମୋ ଭାଇକୁ ୧୦ମ ଶ୍ରେଣୀ କୋଠରୀକୁ ନେଇଥିଲେ। ରାତିସାରା ଭାଇକୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ମୋ ଭାଇକୁ ସେମାନେ ଚୋର କହିଥିଲେ ବୋଲି ଲୁନିଆ କହିଛନ୍ତି। ଛାତ୍ରଙ୍କ ସୁସାଇଡ୍ ନୋଟ ମଧ୍ୟ ଜବତ କରାଯାଇଛି। ଏଥିରେ ସିନିଅର ଛାତ୍ରମାନେ ନିର୍ଯାତନା ଦେଉଥିଲେ ଓ ଏବେ କ'ଣ କରିବି ବୋଲି ସେ ଉଲ୍ଲେଖ କରିଛନ୍ତି। ନଭେମ୍ବର ପହିଲାରେ ୧୨ ବର୍ଷର ଜଣେ ଛାତ୍ରଙ୍କ ମୃତଦେହ ପାଣି ଟାଙ୍କିରେ ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲାରେ ପୁଲିସ ୮ ଜଣ ଛାତ୍ରଙ୍କୁ ଗିରଫ କରିଛି ଓ ଯାଞ୍ଚ ଆରମ୍ଭ କରିଛି।

**ରାଗିଂର ଅଭିଯୋଗ, ୮ ଛାତ୍ର ଗିରଫ**

## ପାକିସ୍ତାନରେ ଜେନ୍-ଜେଡ୍ ବିକ୍ଷୋଭ

ଇସଲାମାବାଦ୍, ୬ ।୧୧(ଏଜେନ୍ସି): ନେପାଳ ଓ ବାଂଲାଦେଶ ପରେ ଏବେ ପାକିସ୍ତାନରେ ସରକାରଙ୍କ ବିରୋଧରେ ଜେନ୍- ଜେଡ୍ ପ୍ରଦର୍ଶନ ଆରମ୍ଭ ହୋଇଛି। ସରକାରଙ୍କ ବିରାଧରେ ଯୁବଗୋଷ୍ଠୀ ସଡ଼କକୁ ଓହ୍ଲାଇଛନ୍ତି। ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଏହି ପ୍ରଦର୍ଶନ ଦେଖିବାକୁ ମିଳିଛି। ଶିକ୍ଷା ବ୍ୟବସ୍ଥାରେ ଉନ୍ନତି, ପରୀକ୍ଷା ଇ- ମାର୍କିଂ ସିଷ୍ଟମରେ ସମସ୍ୟା, ଫି ବୃଦ୍ଧି ଓ ମୌଳିକ ସୁବିଧା ସୁଯୋଗ ନେଇ ଏହି ପ୍ରଦର୍ଶନ ହୋଇଛି। ଏହି ଆନ୍ଦୋଳନ ନଭେମ୍ବର ୪ରେ ପିଓକେ ରାଜଧାନୀ ମୁଜାଫରାବାଦ୍‌ର ୟୁନିଭର୍ସିଟି ଅଫ୍ ଆଜାଦ ଜମ୍ମୁ ଆଣ୍ଡ କଶ୍ମୀରରୁ ଆରମ୍ଭ ହୋଇଥିଲା। ସେମିଷ୍ଟାର ଫିସ୍‌ରେ ଲକ୍ଷ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଥିବାରୁ ଛାତ୍ରମାନେ ଏହାର ବିରୋଧ କରିଥିଲେ। ଆନ୍ଦୋଳନ ଅବସରରେ ଜଣେ ଛାତ୍ରଙ୍କ ଦେହରେ ଗୁଳି ବାଜିଥିଲା। ଫଳରେ ଆନ୍ଦୋଳନ ଆହୁରି ଉଗ୍ର ହୋଇଥିଲା। ମୁଜାଫରାବାଦ୍‌ରୁ ବାହାରି ଏହି ଆନ୍ଦୋଳନ ମୀରପୁର, କୋଟଲି, ରାବଲାକୋଟ ଓ ଅନ୍ୟ ସହରକୁ ବ୍ୟାପୀ ଯାଇଥିଲା। ଲାହୋରରେ ମଧ୍ୟ ଇଣ୍ଟରମିଡିଏଟ୍ ଛାତ୍ରମାନେ ଧାରଣା ଦେଇଛନ୍ତି। ଛାତ୍ରମାନେ 'ଆଜାଦୀ ଓ ହତ୍ୟାକାରୀ ଜବାବ ଦିଅ, ରକ୍ତର ହିସାବ ଦିଅ' ସ୍ଲୋଗାନ ଦେବା ସହ ପାକ୍ ସେନା ଉପରେ ଅତ୍ୟାଚାର କରୁଥିବାର ଅଭିଯୋଗ କରିଥିଲେ। ପୂର୍ବରୁ ଦରଦାମ ବୃଦ୍ଧି ନେଇ ପିଓକେରେ ୫ ଦିନଧରି ପ୍ରଦର୍ଶନ ଚାଲିଥିଲା। ପୂର୍ବରୁ ମଧ୍ୟ ପିଓକେରେ ଏଭଳି ଏକାଧିକ ଉଗ୍ର ପ୍ରଦର୍ଶନ ଦେଖିବାକୁ ମିଳିଥିଲା।

**ସେନାର ଅତ୍ୟାଚାର, ଫି' ବୃଦ୍ଧିକୁ ନେଇ ରାସ୍ତାରେ ବିକ୍ଷୋଭ**

# ପୋଖରୀରେ ହଜାର ହଜାର ଆଧାର କାର୍ଡ

କୋଲକାତା୬ ।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଏକ ପୋଖରୀରୁ ହଜାର ହଜାର ଆଧାର କାର୍ଡ ମିଳିଛି। ବର୍ଦ୍ଧମାନ ଜିଲ୍ଲାର ଲଳିତପୁର ଅଞ୍ଚଳରେ ଏହି ଘଟଣା ସାମ୍ନାକୁ ଆସିଛି। ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ବିଜେପି ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁହାଁମୁହିଁ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଲଳିତପୁରରେ କିଛି ଲୋକ ଏକ ପୋଖରୀ ସଫା କରୁଥିବା ବେଳେ ଏକ ବଡ଼ ବ୍ୟାଗ୍ ପାଇଥିଲେ। ଏଥିରେ ବହୁ ସଂଖ୍ୟାରେ ଆଧାର କାର୍ଡ ଥିଲା। ବେଙ୍ଗଲ ବିଜେପି ସୋସିଆଲ ମିଡିଆ 'ଏକ୍ସ'ରେ ଏହାର ଭିଡିଓ ସେୟାର କରିଛି। ମମତା ବାନାର୍ଜୀ ନିଜର ଆସନକୁ ସୁରକ୍ଷିତ ରଖିବା ପାଇଁ ଦେଶର ସମ୍ପ୍ରଭୁତାକୁ ବିପଦରେ ପକାଉଛନ୍ତି ଓ ଭାରତୀୟଙ୍କର ପରିଚୟ ପ୍ରଣାଳୀକୁ ବିପଦରେ ପକାଇଛନ୍ତି ବୋଲି

**ଏସ୍‌ଆଇଆର୍‌କୁ ନେଇ ଅଷ୍ଟମ ଆତ୍ମହତ୍ୟା**



ବିଜେପି ଫଟୋ କ୍ୟାପସନରେ ଉଲ୍ଲେଖ କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ବିରୋଧ କରି ନଭେମ୍ବର ୪ରେ କୋଲକାତାରେ ପଦଯାତ୍ରା ବାହାର କରିଥିଲେ।

ଅନ୍ୟପଟେ ଦକ୍ଷିଣ ୨୪ ପରଗଣା ଜିଲ୍ଲାରେ ଭୋଟର ତାଲିକାରୁ ନାମ କଟିଯିବା ଡରରେ ସଫିକୁଲ ଗାଜି ନାମକ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେ ଗତ କିଛିମାସ ହେବ ଶ୍ୱଶୁର ଘରେ ରହୁଥିଲେ। ଏସ୍‌ଆଇଆର ପ୍ରକ୍ରିୟା ଲାଗୁ ହେବା କାରଣରୁ ସେ ଆଶଙ୍କାରେ ରହୁଥିଲେ ବୋଲି ତାଙ୍କ ସମ୍ପର୍କୀୟମାନେ କହିଛନ୍ତି। ବୈଧ ପରିଚୟ ପତ୍ର ନଥିବା କାରଣରୁ ତାଙ୍କୁ ଦେଶରୁ ବାହାର କରିଦିଆଯିବ ବୋଲି ସେ ଆଶଙ୍କାରେ ଥିଲେ। ଏସ୍‌ଆଇଆରକୁ ନେଇ ପଶ୍ଚିମବଙ୍ଗରେ ଏହା ୮ମ ଆତ୍ମହତ୍ୟା ଘଟଣା ବୋଲି ଟିଏମ୍‌ସି କହିଛି। ଏସ୍‌ଆଇଆରକୁ ନେଇ ବିଜେପି ଭୟର ବାତାବରଣ ସୃଷ୍ଟି କରିଥିବାରୁ ଏଭଳି ଘଟଣା ଘଟୁଛି ବୋଲି ଟିଏମ୍‌ସି ଅଭିଯୋଗ ଆଣିଛି। ସେପଟେ ଏସ୍‌ଆଇଆରକୁ ନେଇ ମାତୁଆ ସମ୍ପ୍ରଦାୟର ଲୋକ ଆମରଣ ଅନସନ ଜାରି ରଖିଛନ୍ତି। ବାଂଲାଦେଶରୁ ଆସିଥିବା ସବୁ ଶରଣାର୍ଥୀଙ୍କୁ ବିନା ସର୍ତ୍ତରେ ନାଗରିକତା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ କେରଳରେ ଏସ୍‌ଆଇଆର୍ ବିରୋଧରେ ବିଜେପିକୁ ବାଦ୍ ଦେଇ ସବୁ ରାଜନୈତିକ ଦଳ ଏକାଠି ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଏସ୍‌ଆଇଆର ପ୍ରକ୍ରିୟାକୁ ସରକାର ବିରୋଧ କରିବେ ବୋଲି ଘୋଷଣା କରିଛନ୍ତି। ବିରୋଧୀ ଦଳ ମଧ୍ୟ ଏ ବାବଦରେ ସରକାରଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି।

## ରାଇନା- ଧାୱନଙ୍କ ୧୧ କୋଟିର ସମ୍ପତ୍ତି ଜବତ କଲା ଇଡି

ନୂଆଦିଲ୍ଲୀ, ୬ ।୧୧(ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗୁରୁବାର ପୂର୍ବତନ କ୍ରିକେଟର ସୁରେଶ ରାଇନା ଓ ଶିଖର ଧାୱନଙ୍କ ୧୧.୧୪ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହି ଦୁଇ ଖେଳାଳି ଅନ୍‌ଲାଇନ୍ ବେଟିଂ ଆପ୍ '୧xବେଟ୍'ର ପ୍ରମୋଶନ କରି ଉପାର୍ଜନ କରିଥିବା ଅର୍ଥକୁ ନିବେଶ ଓ ସମ୍ପତ୍ତି କ୍ରୟ କରିବାରେ ଖର୍ଚ୍ଚ କରିଥିଲେ ବୋଲି ଇଡି କହିଛି। କଳା ଧନକୁ ବୈଧ ବା ଧଳା କରିବା ଅର୍ଥାତ ମନି ଲଣ୍ଡରିଂ ନିରୋଧ ଆଇନ୍ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଇନା ୬, ୬୪ କୋଟି ଟଙ୍କା ମ୍ୟୁଚୁଆଲ ଫଣ୍ଡରେ ନିବେଶ ଓ ଧାୱନଙ୍କ ୪.୫ କୋଟି ଟଙ୍କାର ସମ୍ପତ୍ତିକୁ ଇଡି ଜବତ କରିଛି। ଏହି ସମ୍ପତ୍ତିକୁ ଅପରାଧରୁ ଉପାର୍ଜିତ ଧନ ବୋଲି ବିବେଚନା କରାଯିବ ବୋଲି ଇଡି କହିଛି।

**ବେଟିଂ ଆପ୍‌ରେ ବିଜ୍ଞାପନ**

## ଦିଲ୍ଲୀରେ ୨୨ ଲକ୍ଷ ପିଲାଙ୍କୁ ଫୁସ୍‌ଫୁସ୍ ରୋଗ



ନୂଆଦିଲ୍ଲୀ, ୬ ।୧୧(ଏଜେନ୍ସି): ସାରା ଦେଶରେ ଏବେ ବାୟୁ ପ୍ରଦୂଷଣ ସର୍ବକାଳୀନ ଉଚ୍ଚସ୍ତରରେ ପହଞ୍ଚିଛି। ବର୍ଦ୍ଧିତ ପ୍ରଦୂଷଣକୁ ରୋକିବା ପାଇଁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ଏହାକୁ ଲୁକ୍ ଖ୍ରୀଷ୍ଟାଫର କାଉଣ୍ଟିନୋ ଦାଏର କରିଛନ୍ତି। ପ୍ରଦୂଷଣ ଏତେ ବୃଦ୍ଧି ପାଇଛି ଯେ, ଏହା ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିର ସ୍ତରରେ ପହଞ୍ଚିଛି ବୋଲି ସେ କହିଛନ୍ତି। ଏହା ଗାଁ ଓ ସହରରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଉଛି। କେବଳ ଦିଲ୍ଲୀରେ ହିଁ ୨୨ ଲକ୍ଷ ଛୋଟ ସ୍କୁଲ ପିଲାଙ୍କ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇଛି ଓ ଏମାନେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହେବା ଏବେ କଷ୍ଟକର ବୋଲି ଏହି ଆବେଦନରେ ଉଲ୍ଲେଖ କରାଯାଇଛି। ସରକାରୀ ଓ ମେଡିକାଲ ସର୍ଭେରୁ ଏହା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି। ଗୁରୁବାର ସକାଳେ ଦିଲ୍ଲୀରେ ଧୂଆଁ ଛାଇ ରହିଥିଲା ଓ ଏକ୍ୟୁଆଇ ୨୭୮ ଥିଲା। ଏହା ଖରାପ ବର୍ଗରେ ସାମିଲ ରହିଛି। ସନ୍ଧ୍ୟା ସୁଦ୍ଧା ଏହା ଆହୁରି ଖରାପ୍ ସ୍ଥିତିରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ନଭେମ୍ବର ୬ରୁ ୮ ମଧ୍ୟରେ ପ୍ରଦୂଷଣ ଆହୁରି ଖରାପ୍‌ସ୍ତରରେ ପହଞ୍ଚିବ। ସୁପ୍ରିମକୋର୍ଟ ଦୁଇଦିନ ତଳେ ଦିଲ୍ଲୀ-ଏନ୍‌ସିଆରରେ ବର୍ଦ୍ଧିତ ପ୍ରଦୂଷଣ ନେଇ ଚିନ୍ତା ପ୍ରକଟ କରିଥିଲେ। ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ କୋର୍ଟ ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍)କୁ ପ୍ରଶ୍ନ ପଚାରିଥିଲେ।



ବିହାରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଭୋଟ ଦେବାକୁ ଲାଇନ୍‌ରେ ମତଦାତା

# ମୃତ ମହିଳାଙ୍କ ଭୋଟର କାର୍ଡରେ ମଡେଲଙ୍କ ଫଟୋ

ନୂଆଦିଲ୍ଲୀ, ୬ ।୧୧(ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ବରିଷ୍ଠ ସଂସଦ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ନେଇ ସାମ୍ନାକୁ ଆସିଛନ୍ତି ରହସ୍ୟମୟୀ ବ୍ରାଜିଲ ମଡେଲ। ସେ ହେଉଛନ୍ତି ଲାରିସା। ସୋସିଆଲ ମିଡିଆ 'ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରି ସେ ଏ ନେଇ ନିଜର ମତ ରଖିଛନ୍ତି। ଏହି ଭିଡିଓରେ ସେ ପର୍ତ୍ତୁଗାଲ ଭାଷାରେ ବାର୍ତ୍ତା ଦେଇଛନ୍ତି। ଭାରତରେ ଭୋଟ ଦେବା ପାଇଁ ମୋର ପୁରୁଣା ଫଟୋର ବ୍ୟବହାର କରାଯାଉଛି। ମୋତେ ଭାରତୀୟ ବୋଲି କହି ନିଜ ଭିତରେ ଲଢ଼େଇ କରୁଛନ୍ତି। ମୁଁ କେବେବି ଭାରତ ଗସ୍ତ କରିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।





୨୦୨୨ରେ ମୃତ୍ୟୁବରଣ କରିଥିବା ହରିୟାଣାର ଜଣେ ମହିଳାଙ୍କ ଭୋଟର ରେକର୍ଡରେ ଲାରିସାଙ୍କ ଫଟୋ ରହିଛି ବୋଲି ଜଣାପଡ଼ିଛି। ଏହି ମହିଳା ହେଉଛନ୍ତି ବିନୋଦଙ୍କ ପତ୍ନୀ ଗୁନିଆ। ମୃତ୍ୟୁର ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଗୁନିଆଙ୍କ ନାମ ଭୋଟର ତାଲିକାରେ ରହିଥିବାରୁ ତାଙ୍କ ପରିବାର ଲୋକ ଚକିତ ହୋଇଛନ୍ତି। ପୁଣି ତାଲିକାରେ ଗୁନିଆଙ୍କ ବଦଳରେ ଏହି ବିଦେଶୀ ମଡେଲଙ୍କ ଫଟୋ ରହିଛି ବୋଲି ଗୁନିଆଙ୍କ ଶାଶୁ କହିଛନ୍ତି। ମୃତ୍ୟୁ ପୂର୍ବରୁ ସେ ଭୋଟ୍ ଦେଇଥିଲେ କିନ୍ତୁ ଏ ଫଟୋ କିଭଳି ଆସିଲା ସେ ପ୍ରଶ୍ନ କରିଛନ୍ତି।

ରାହୁଲ ଗାନ୍ଧୀ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ହରିୟାଣାରେ ୨୦୨୪ ବିଧାନସଭା ନିର୍ବାଚନରେ ୨୫ ଲକ୍ଷ ଭୋଟ ଚୋରି ହୋଇଥିଲା। ସେ ନିଳ ଡେନିମ ଜ୍ୟାକେଟ ପିନ୍ଧିଥିବା ଜଣେ ମହିଳାଙ୍କ ଫଟୋ ଦେଖାଇ ପ୍ରଶ୍ନ କରିଥିଲେ। ହରିୟାଣା ଭୋଟର ତାଲିକାରେ ଏହି ବ୍ରାଜିଲ ମଡେଲଙ୍କର କ'ଣ କାମ ବୋଲି ସେ ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଥିଲେ। ଏହି ମଡେଲ ହରିୟାଣାରେ ୧୦ଟି ବୁଥ୍‌ରେ କେତେବେଳେ ସୀମା, ସୁଇଟି, ସରସ୍ୱତୀ ନାମରେ ୨୨ଥର ଭୋଟ ଦେଇଛନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ହରିୟାଣା ଭଳି ବିହାରରେ ମଧ୍ୟ ସରକାର ଭୋଟ ଚୋରି କରିବାର ପ୍ରକ୍ରିୟା ଜାରି ରଖିଛନ୍ତି ବୋଲି ରାହୁଲ କହିଥିଲେ। ରାହୁଲ ଲାରିସାଙ୍କ ୧୮ କିମ୍ବା ୨୦ ବର୍ଷର ଫଟୋ ଦେଖାଇଥିଲେ। ସେତେବେଳେ ମଡେଲିଂ ଆରମ୍ଭ କରୁଥିଲି ବୋଲି ଲାରିସା କହିଛନ୍ତି। ବିନା ଅନୁମତିରେ ମୋ ଫଟୋ ବ୍ୟବହାର କରାଯାଇଛି। ଏବେ ମଡେଲିଂ କରୁନାହିଁ। ସେମାନେ ଠକିବା ପାଇଁ ମୋ ଫଟୋର ବ୍ୟବହାର କରୁଛନ୍ତି। ଭାରତର ରାଜନୀତି ନେଇ ମୋର କୌଣସି ଯାଏ ଆସେ ନାହିଁ ବୋଲି ଲାରିସା ସ୍ପଷ୍ଟ କରିଛନ୍ତି।

## ଭାରତ-ପାକିସ୍ତାନ ଯୁଦ୍ଧରେ ୭ ନୁହେଁ; ୮ ଜେଟ୍ ଖସିଛି: ଟ୍ରମ୍ପ

ନ୍ୟୁୟର୍କ, ୬ ।୧୧(ଏଜେନ୍ସି): ଭାରତ- ପାକିସ୍ତାନ ଯୁଦ୍ଧ ତଥା ଅପରେସନ ସିନ୍ଦୂର ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୋହ ତୁଟିବାର ନାମ ନେଉନାହିଁ। ସେ ବାରମ୍ବାର ଏନେଇ ନିଜର ମତ ଦୋହରାଉଛନ୍ତି ଓ ମତ ବଦଳାଉଛନ୍ତି ମଧ୍ୟ। ୩ ଦିନର ଏହି ଛୋଟିଆ ଯୁଦ୍ଧରେ କେତେ ସଂଖ୍ୟାରେ ଲଢୁଆ ଜେଟ୍ ବିମାନ ଖସିଛି ସେ ନେଇ ଏକ ନୂଆ ତଥ୍ୟ ଦେଇଛନ୍ତି। ସେ ବିନା କୌଣସି ତଥ୍ୟ ଓ ପ୍ରମାଣ ପୂର୍ବରୁ ଏକାଧିକ ବାର ମନ୍ତବ୍ୟ ଦେଇଛନ୍ତି। ଏବେ ସେ ଏକ ବିଜ୍‌ନେସ ଫୋରମ୍‌ର କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ପୂର୍ବ ମନ୍ତବ୍ୟକୁ ସଂଶୋଧନ କରିଛନ୍ତି। ମେ ୭ରୁ ୧୦ ତାରିଖ ମଧ୍ୟରେ ହୋଇଥିବା ଏହି ଯୁଦ୍ଧରେ ୮ଟି ଜେଟ୍‌କୁ ମାରି ଖସାଯାଇଥିଲା ବୋଲି ସେ କହିଛନ୍ତି। ତାଙ୍କ ଯୋଗୁଁ ଏହି ଯୁଦ୍ଧ ବନ୍ଦ ହୋଇଥିଲା ବୋଲି ସେ ପୁଣି ଥରେ ଦାବି କରିଛନ୍ତି। ଆର୍ଥିକ କଟକଣା ଲାଗୁ କରିବାର ଧମକ ଦେବା ପରେ ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ଏହି ଯୁଦ୍ଧରେ ୭ଟି ଜେଟ୍‌କୁ ମାରି ଖାସା ଯାଇଥିଲା ଓ ଅଷ୍ଟମ ବିମାନଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଅର୍ଥାତ ମୋଟ ଉପରେ ୮ଟି ବିମାନ ଧ୍ୱଂସ ହୋଇଥିଲା ବୋଲି ସେ କହିଛନ୍ତି। ସେ ଏହି ଯୁଦ୍ଧକୁ ରୋକିବାର ଶ୍ରେୟ ନେବାକୁ ଗତ ମାସ ମଧ୍ୟରେ ଅତିକମ୍‌ରେ ୬୦ରୁ ଅଧିକଥର ଦାବି କରି ସାରିଛନ୍ତି। ଅବଶ୍ୟ ଖସା ଯାଇଥିବା ବିମାନ କେଉଁ ଦେଶର ସେ କେବେ କହିନାହାନ୍ତି। ଏହି ଯୁଦ୍ଧରେ ୫ଟି ବିମାନକୁ ଧ୍ୱଂସ କରି ଖସାଯାଇଥିବା କଥା ସେ ପୂର୍ବରୁ କହିଥିଲେ। ଏବେ ଏହାର ସଂଖ୍ୟାକୁ ସେ ବୃଦ୍ଧି କରି ୮ରେ ପହଞ୍ଚାଇଛନ୍ତି। ଏହି ଯୁଦ୍ଧରେ ପାକିସ୍ତାନର ୮ରୁ ୧୦ଟି ବିମାନକୁ ମାରି ଖସାଯାଇଛି ବୋଲି ଭାରତ ପୂର୍ବରୁ ଦାବି କରିଥିଲା। ଏଥିରେ ଏଫ୍-୧୬ ଓ ଜେଏଫ୍-୧୭ ବିମାନ ସାମିଲ ଥିଲା।

# ମମ୍‌ଦାନୀଙ୍କ କେଜ୍ରିୱାଲ ମଡେଲ: କାମରେ ଆସିଲା ମାଗଣା ଯୋଜନା ପ୍ରତିଶ୍ରୁତି

ନ୍ୟୁୟର୍କ, ୬ ।୧୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଜୋହରାନ ମମ୍‌ଦାନୀ ନ୍ୟୁୟର୍କର ମେୟର ନିର୍ବାଚିତ ହେବା ସହ ଇତିହାସ ସୃଷ୍ଟି କରିଛନ୍ତି। ମେୟର ନିର୍ବାଚନରେ ତାଙ୍କୁ ବିଜୟୀ କରାଇବାରେ ଆମେରିକାର ଅଶ୍ୱେତ ତଥା କୃଷ୍ଣକାୟ ସମ୍ପ୍ରଦାୟ ଓ ଏସୀୟ ପ୍ରବାସୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ନ୍ୟୁୟର୍କରେ ୫୫ ପ୍ରତିଶତ କୃଷ୍ଣକାୟ ଓ ୫୧ ପ୍ରତିଶତ ଏସୀୟ ପ୍ରବାସୀ ରୁହନ୍ତି। ପୁଣି ୩୪ ବର୍ଷୀୟ ମମ୍‌ଦାନୀ ଜଣେ ଯୁବ ନେତା ହୋଇଥିବାରୁ ଜେନ୍- ଜେଡ୍ ଉପରେ ତାଙ୍କ ଯାଦୁ ସବୁଠାରୁ ଅଧିକ କାମ କରିଥିଲା। ୧୫ରୁ ୨୯ ବର୍ଷ ବୟସର ଯୁବକ ଯୁବତୀମାନେ ତାଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇଥିଲେ। ମମଦାନୀଙ୍କ ଏହି ବିଜୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦୀୟ ଆର୍ଥିକ ନୀତି ବିରୋଧରେ ସବୁଠାରୁ ବଡ଼ ଜନମତ ବୋଲି ବିବେଚନା କରାଯାଉଛି। ମମ୍‌ଦାନୀ ଏବେ ପ୍ରବାସୀଙ୍କ ପାଇଁ ନୂଆ ଆଶାଭରସା ସୃଷ୍ଟି କରିଛନ୍ତି। ମମ୍‌ଦାନୀ ନିର୍ବାଚିତ ହେବା ପରେ ପ୍ରବାସୀମାନଙ୍କ ପାଇଁ ଆମେରିକାରୁ ବିଦା ହେବା ଆଶଙ୍କାକୁ କମ୍ କରିଛି। ଏଥିସହ ବିଭିନ୍ନ କାରଣ ପାଇଁ ମମ୍‌ଦାନୀଙ୍କୁ ଆମେରିକାର କେଜ୍ରିୱାଲ ବୋଲି କୁହାଯିବା ଆରମ୍ଭ ହୋଇଛି। ମମ୍‌ଦାନୀ କେଜ୍ରିୱାଲଙ୍କ ଭଳି ନିର୍ବାଚନ ମାଗଣା ପ୍ରତିଶ୍ରୁତି ଦେଇ ଅର୍ଥାତ କେଜ୍ରିୱାଲଙ୍କ ନୀତି ଆପଣାଇ ବିଜୟୀ ହେବାକୁ ସକ୍ଷମ ହୋଇଛନ୍ତି ବୋଲି କୁହାଯାଉଛି। ବିଜୟୀ ହେବା ପାଇଁ ସେ କେଜ୍ରିୱାଲଙ୍କ ଭଳି ବିଭିନ୍ନ ମାଗଣା ଯୋଜନାର ଘୋଷଣା କରିଥିଲେ ଓ ଏହା ଭୋଟରଙ୍କୁ ପ୍ରଭାବିତ କରିଥିଲା। ପୂର୍ବରୁ କେଜ୍ରିୱାଲ ଦିଲ୍ଲୀ ନିର୍ବାଚନରେ ବିଜୟୀ ହେବା ପାଇଁ ଏହି ନୀତି ଆପଣାଇ ସଫଳତା ପାଇଥିଲେ।

କେଜ୍ରିୱାଲଙ୍କ ଭଳି ମମ୍‌ଦାନୀ ମାଗଣା ବସ୍ ଯାତ୍ରାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ନ୍ୟୁୟର୍କରେ ସେ ଆଗାମୀ ୪ ବର୍ଷ ପାଇଁ ଘର ଭଡ଼ା ନ ବୃଦ୍ଧି କରିବା ନେଇ ଭୋଟରଙ୍କୁ କଥା ଦେଇଥିଲେ। ପୁଣି ସରକାରୀ ପାଣ୍ଠିରୁ ଗରିବ ଲୋକଙ୍କ ପାଇଁ ସେ ଦୁଇ ଲକ୍ଷ ବାସଗୃହ ନିର୍ମାଣ କରି ପ୍ରଦାନ କରିବେ ବୋଲି କହିଥିଲେ। ପୁଣି ଲୋକଙ୍କୁ ଶସ୍ତା ରାଶନ ଦେବା ପାଇଁ ଶସ୍ତା ରାଶନର ଦୋକାନ ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ତାଙ୍କୁ ବହୁ ସଂଖ୍ୟାରେ ଭୋଟ ମିଳିଥିଲା ଓ ସେ ନ୍ୟୁୟର୍କର ଦକ୍ଷିଣ ଏସିଆର ପ୍ରଥମ ମୁସ୍‌ଲିମ୍ ମେୟର ନିର୍ବାଚିତ ହେବାର ପଥ ପରିଷ୍କାର ହୋଇଥିଲା। ଠିକ୍ ଏହିପରି କେଜ୍ରିୱାଲ ମଧ୍ୟ ଦିଲ୍ଲୀରେ ମାଗଣା ବିଜୁଳି, ପାଣି ଦେବାକୁ ଘୋଷଣା କରି ନିର୍ବାଚନ ଜିତିଥିଲେ। କିନ୍ତୁ ନିଜର ପ୍ରତିଶ୍ରୁତିକୁ ରକ୍ଷା କରିବା ଏବେ ମମ୍‌ଦାନୀ ପାଇଁ ଆଦୌ ସହଜ ହେବ ନାହିଁ। ନ୍ୟୁୟର୍କର ବଜେଟ ମଧ୍ୟ ଏତେ ପର୍ଯ୍ୟାପ୍ତ ନୁହେଁ ଯେ, ସେ ତାଙ୍କ ସବୁ ପ୍ରତିଶ୍ରୁତି ପାଳନ କରିବେ।



ଏଥିପାଇଁ ତାଙ୍କୁ କେନ୍ଦ୍ର ସରକାର ତଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ନିର୍ଭର କରିବାକୁ ହେବ। ଟ୍ରମ୍ପ ତାଙ୍କୁ ସହାୟତା କରିବାର ସମ୍ଭାବନା କମ୍ ରହିଛି। ପୂର୍ବରୁ ଯଦି ମମ୍‌ଦାନୀ ବିଜୟୀ ହେବେ, ନ୍ୟୁୟର୍କ ସହରର ବଜେଟକୁ ରୋକି ଦେବେ ବୋଲି ପୂର୍ବରୁ ଟ୍ରମ୍ପ ଖୋଲାଖୋଲି ଭାବେ ଧମକ ଦେଇସାରିଛନ୍ତି। ପୁଣି ଆମେରିକାର ଚାଲିଥିବା ସଟ୍‌ଡାଉନ୍ ସ୍ଥିତିକୁ ଆହୁରି ଖରାପ୍ କରିଛି। ନିଜର ପ୍ରତିଶ୍ରୁତି ପୂରଣ କରିବାକୁ ମମ୍‌ଦାନୀଙ୍କୁ ଧନୀଲୋକଙ୍କ ଉପରେ ଟିକସ୍ ବୃଦ୍ଧି କରିବାର ଏକ ବିକଳ୍ପ ରହିଛି। ଆୟଠାରୁ ବ୍ୟୟ ଅଧିକ ହେବା ନିଶ୍ଚିତ। ତେଣୁ ସୀମିତ ସମ୍ବଳକୁ ବାଦ୍ ଦେଲେ ଏବେ ଅର୍ଥ କେଉଁଠାରୁ ଆସିବ ସେ ନେଇ ମମ୍‌ଦାନୀ ନିଶ୍ଚିତ ଭାବେ ସମସ୍ୟାର ସମ୍ମୁଖୀନ ହେବେ। ସେ କେଜ୍ରିୱାଲ ମଡେଲ ଆପଣେଇ ବିଜୟୀ ହେବାକୁ ସକ୍ଷମ ହେଲେ। କିନ୍ତୁ କେଜ୍ରିୱାଲଙ୍କ ଭଳି ଏବେ ତାଙ୍କର ଅନ୍ତ ମଧ୍ୟ ହେବ ବୋଲି ବିଶେଷଜ୍ଞମାନେ ଅନୁମାନ କରି କହିଛନ୍ତି। ପ୍ରତିଶ୍ରୁତି ପୂରଣ ନ କରିପାରିଲେ ନ୍ୟୁୟର୍କରେ ଅବ୍ୟବସ୍ଥା ଦେଖା ଦେବ। ତେଣୁ ମୋଟମୋଟି ଉପରେ ଏବେ ମମ୍‌ଦାନୀଙ୍କ ଉପରେ ଆଗକୁ କଡ଼ା ଚ୍ୟାଲେଞ୍ଜ ରହିଛି ବୋଲି ନିଶ୍ଚିତ ଭାବେ କୁହାଯାଇପାରେ।

## ଆତ୍ମସମର୍ପଣ ପାଇଁ ଜଙ୍ଗଲରେ ୧୨ ଘଣ୍ଟା ଚାଲିଲେ

ମାଲକାନଗିରି, ୬ ।୧୧(ସମିସ): ଜଙ୍ଗଲରେ ୧୨ଘଣ୍ଟା ଚାଲିଚାଲି ଜଣେ କୁଖ୍ୟାତ ମାଓନେତ୍ରୀ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବକରକଟ୍ଟା ଅଞ୍ଚଳରେ ଏଭଳି ଏକ ଘଟଣା ଘଟିଛି । ଆତ୍ମସମର୍ପଣ କରିଥିବା ମାଓନେତ୍ରୀଜଣଙ୍କ ହେଲେ, କମଳା ସୋଡି ଓରଫ୍ ତରୁଣା । ତାଙ୍କ ଘର ଛତିଶଗଡ଼ର ସୁକମା ଜିଲ୍ଲାରେ । ସେ ଦୀର୍ଘ ୧୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି

**କୁଖ୍ୟାତ ମାଓନେତ୍ରୀଙ୍କ ଆତ୍ମସମର୍ପଣ**



ମାଓ ସଙ୍ଗଠନରେ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ମାଓ ହିଂସାରେ ଜଡ଼ିତ ଥିଲେ । ତାଙ୍କ ମୁଣ୍ଡ ଉପରେ ୧୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା । ମାଓଗଡ଼ କୁହାଯାଉଥିବା ବାଲାଘାଟ ଜଙ୍ଗଲରେ ପ୍ରାୟ ୧୨ ଘଣ୍ଟା ଚାଲି ଚାଲି ଆସିବା ପରେ ସେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ବର୍ତ୍ତମାନ ମାଓ ସଙ୍ଗଠନ ନିଜର ନୀତି ଆଦର୍ଶ ହରାଇବାରେ ଲାଗିଛି । ଏହାସହ, ସରକାରଙ୍କ ମାଓ ଦମନ ଅପରେସନ୍ ଏବଂ ପୁନର୍ବାସ ନୀତିରେ ଅନୁପ୍ରାଣିତ ହୋଇ ସେ ଆତ୍ମସମର୍ପଣ କରିଛନ୍ତି ବୋଲି କହିଛନ୍ତି । ସରକାରଙ୍କ ନୀତି ଅନୁଯାୟୀ ତାଙ୍କୁ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ।

## ସିଭିଲ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷାରେ ୨୪୦୫ଜଣ କୃତକାର୍ଯ୍ୟ

କଟକ, ୬।୧୧ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା-୨୦୨୪ର ପ୍ରିଲିମିନାରୀ ଲିଖିତ ପରୀକ୍ଷାରେ ମୋଟ ୨୪୦୫ଜଣ କୃତକାର୍ଯ୍ୟ ହେବା ସହ ପରବର୍ତ୍ତୀ ମୁଖ୍ୟ ଲିଖିତ ପରୀକ୍ଷା ପାଇଁ ଉନ୍ନୀତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୭୮୧ଜଣ ମହିଳା ପ୍ରାର୍ଥୀ ରହିଛନ୍ତି । ଏ ସଂକ୍ରାନ୍ତରେ ଓପିଏସ୍‌ସି ୱେବ୍‌ସାଇଟ୍‌ରେ ସବିଶେଷ ତାଲିକା ପ୍ରକାଶ ପାଇଛି । ଗତ ଅକ୍ଟୋବର୍ ୧୨ରେ ପ୍ରିଲିମିନାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ସିଭିଲ୍ ସର୍ଭିସ୍ ମୁଖ୍ୟ ପରୀକ୍ଷା ଆସନ୍ତା ୨୦୨୬ ଜାନୁଆରି ଶେଷ କିମ୍ବା ଫେବୃଆରି ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି । ଏ ସଂକ୍ରାନ୍ତରେ ଓପିଏସ୍‌ସି ପକ୍ଷରୁ ପରବର୍ତ୍ତୀ ସମୟରେ ୱେବସାଇଟ୍‌ରେ ବିଜ୍ଞପ୍ତି ଜାରି କରାଯିବ ।

# ଚଣ୍ଡୀ ମନ୍ଦିର ନବକଳେବର ପ୍ରକଳ୍ପ ବାଟବଣା

କଟକ, ୬।୧୧ (ସମିସ): ଆଧ୍ୟାତ୍ମିକତା, ଭାବାବେଗ ଓ କିଂବଦନ୍ତିର ପୃଷ୍ଠାକୁ ଆଧାର କରି ଆରମ୍ଭ ହୋଇଥିବା ଯୋଜନା ଏବେ ରାଜନୀତି ଭିତରେ ଅଣନିଃଶ୍ୱାସୀ ହୋଇପଡ଼ିଛି । ଅଧାଖଣ୍ଡିଆ ହୋଇ ଶୋଇଛି ମା' କଟକ ଚଣ୍ଡୀମନ୍ଦିରର ନବକଳେବର ପ୍ରକଳ୍ପ । ପୂର୍ବ ସରକାରଙ୍କ ଯୋଜନାକୁ ମାଡ଼ିମକଚି ଲୋଚାକୋଚା କରି ପକାଇଲେଣି ଏବର ସରକାରୀ କଳ । ନବନିର୍ମାଣ ପାଇଁ ତମାମ ମନ୍ଦିରକୁ ଭାଙ୍ଗି ଦିଆଯାଇଛି ସତ, ହେଲେ ପ୍ରକଳ୍ପ କାର୍ଯ୍ୟର ମନ୍ଥରତା ଧୀରେଧୀରେ ଜନଆକ୍ରୋଶର କାରଣ ପାଲଟିଲାଣି । ନିର୍ଦ୍ଧାରିତ ସମୟ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ତ ଦୂରର କଥା, ଯୋଜନାର ବାଟବଣା ଶ୍ରଦ୍ଧାଳୁଙ୍କୁ ଯନ୍ତ୍ରଣା ଦେଲାଣି ।

୭୦ କୋଟି ଟଙ୍କା ବ୍ୟୟରେ କଟକ ଚଣ୍ଡୀମନ୍ଦିର ପ୍ରକଳ୍ପ ଆରମ୍ଭ ହୋଇଥିଲା । ରାଜ୍ୟରେ ଭାରତୀୟ ଜନତା ପାର୍ଟି(ବିଜେପି) ସରକାର ଗଠନ ପରେ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଅଧିକ ବ୍ୟୟ କରାଯିବ ବୋଲି ଘୋଷଣା କରାଯାଇଥିଲା । ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସିସି)କୁ ମନ୍ଦିରର ନିର୍ମାଣ ଦାୟିତ୍ୱ ଦିଆଯାଇଛି । ମାର୍କେଟ୍ କମ୍ପ୍ଲେକ୍ସ, ପ୍ରସାଦ ସେବନ ଗୃହ ଆଦି ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଅନ୍ୟ କୌଣସି କାର୍ଯ୍ୟ ଯଥୋଚିତ ଆଗେଇ ପାରିନାହିଁ । ୨୦୨୫ ଡିସେମ୍ବର ସୁଦ୍ଧା କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ





ମନ୍ଦିର ନବୀକରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୁରୁଣା ମନ୍ଦିର ଢାଞ୍ଚାରେ ଏହି ମନ୍ଦିର ତିଆରି କରାଯିବାକୁ ସ୍ଥିର ହୋଇଥିଲା । ମାତ୍ର ସ୍ଥିତାବସ୍ଥାରୁ ଜଳଜଳ ହୋଇ ଦିଶୁଛି,

- ଜଗମୋହନରେ ଶୋଉଛି କୁକୁର
- ପାର୍ଶ୍ୱ ଦେବଦେବୀଙ୍କୁ ଆସ୍ଥାନ ମିଳିନି
- ବର୍ଷା ହେଲେ ମନ୍ଦିରରେ ବନ୍ୟା
- କଣ୍ଟ ପୂରିବାକୁ ଆଉ ମାସେ ବାକି

କଣ୍ଟ ପୂରିବା ବେଳକୁ ପ୍ରକଳ୍ପ ସରିବନି ।

ମନ୍ଦିରର ସିଂହଦ୍ୱାର ନିର୍ମାଣ ଶେଷ ହୋଇଛି, ହେଲେ କାମଚଳା ଭଳି । ସିଂହଦ୍ୱାରରେ କୌଣସି ମୂର୍ତ୍ତି ଲଗାଯାଇନାହିଁ କି ଫାଟକ ଖଞ୍ଜା ଯାଇନି । ଉତ୍ତରଦ୍ୱାର ଏବଂ ପଶ୍ଚିମ ଦ୍ୱାରର ହାଲତ ମଧ୍ୟ ସମାନ । ଏଣୁ, ରାତି ହେଲେ ଜଗମୋହନରେ କୁକୁର ଶୋଉଛି ବୋଲି ମନ୍ଦିରର ଜଣେ ସେବାୟତ ଆଲୋଚନା ପ୍ରସଙ୍ଗରେ କହିଛନ୍ତି । ନୂତନ ଭାବେ ନିର୍ମାଣ ହେବାକୁ ଥିବା ମୁଖ୍ୟ ମନ୍ଦିରର ଉଚ୍ଚତା ୪୪ ଫୁଟ୍ ହେବ । ଯାହାକି ପୁରୁଣା ମନ୍ଦିରଠାରୁ ପ୍ରାୟ ଦେଢ଼ଗୁଣା ଅଧିକ । ପୁରୁଣା ମନ୍ଦିରର ଉଚ୍ଚତା ୨୫ ଫୁଟ୍ । ତେବେ ମୁଖ୍ୟମନ୍ଦିର ନିର୍ମାଣ ଯେଉଁଭଳି ଭାବେ ଆଗେଇ ଚାଲିଛି, ତଦ୍ୱାରା ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଏବଂ ପୂଜାର୍ଚ୍ଚନା କାଠିକର ପାଠ ହେଲାଣି ବୋଲି ସେବାୟତ କହିଛନ୍ତି । ନବକଳେବର ପ୍ରକଳ୍ପ ଆରମ୍ଭ କରାଯିବା ବେଳେ ପାର୍ଶ୍ୱ ଦେବଦେବୀଙ୍କ ପୀଠ ଭାଙ୍ଗି ଦିଆଯାଇଥିଲା । ଗତ ୯ ମାସ ହେଲାଣି ପାର୍ଶ୍ୱ ଦେବଦେବୀ ନିକଟସ୍ଥ ଶିବ ମନ୍ଦିର ଭିତରେ ରହି ପୂଜା ପାଉଛନ୍ତି । ପାର୍ଶ୍ୱ ଦେବଦେବୀଙ୍କ ପାଇଁ ଆସ୍ଥାନ ମଧ୍ୟ ଏଯାଏଁ ନିର୍ମାଣ କରାଗଲା ନାହିଁ । ସେହିପରି ମନ୍ଦିର ନିକଟରେ ଥିବା ଦୋକାନ ଗୃହଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା । କ୍ଷତିପୂରଣ ଉଦ୍ଦେଶ୍ୟରେ ୧୮ଟି ଦୋକାନ ଗୃହ ନିର୍ମାଣ ହୋଇଛି । ହେଲେ ଦୋକାନଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଏ ପର୍ଯ୍ୟନ୍ତ ଦିଆଯାଇନାହିଁ । ଦୋକାନ ଘରଗୁଡ଼ିକ ମନ୍ଦିର ପରିଚାଳନା କମିଟିକୁ ମଧ୍ୟ ହସ୍ତାନ୍ତର କରାଯାଇନାହିଁ ।

ଅକ୍ଟୋବର ସୁଦ୍ଧା ମନ୍ଦିରରୁ ଜଳ ନିଷ୍କାସନ ବ୍ୟବସ୍ଥା କାମ ସାରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ । ତାରିଖ ଶେଷ ହୋଇଥିଲେ ସୁଦ୍ଧା ଡ୍ରେନେଜ୍ କାମ ଶେଷ ହୋଇପାରିଲା ନାହିଁ । ଏଣୁ, ଅଦିନିଆ ବର୍ଷା ହେଲେ ମନ୍ଦିର ଭିତରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ମନ୍ଦିରର ଏଭଳି ଅସମ୍ପୂର୍ଣ୍ଣ କାର୍ଯ୍ୟ କେବେ ଯେ ସମ୍ପୂର୍ଣ୍ଣ ହେବ, ତାହା ସ୍ପଷ୍ଟ ହୋଇପାରୁନାହିଁ । ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ଚଣ୍ଡୀମନ୍ଦିର ନବକଳେବର ପାଇଁ ରହିଥିବା ପୂର୍ବ ସରକାରଙ୍କ ଯୋଜନା ଏବେ ଫସର ଫାଟିବାକୁ ଯାଉଛି । ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେଉଥିବାରୁ ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବାବେଗ ଉପରେ ଆଘାତ ଆସିଥିବା କୁହାଯାଉଛି ।

# ସୁନାର ଓଡ଼ିଶାକୁ ବିଜେପି ସରକାର ଛାରଖାର କରିଦେଲା: ବିଜେଡି

ନୂଆପଡ଼ା, ୬।୧୧(ସମିସ): ରାଜ୍ୟର ଗରିବ, ପ୍ରବାସୀ ଶ୍ରମିକ, କୃଷକ, ମହିଳାମାନଙ୍କ ପାଇଁ ନବୀନ ସରକାର ଯାହା ସବୁ କରିଥିଲେ, ତାକୁ ମୋହନ ସରକାର ଛାରଖାର କରିଦେଲେ । ୧୬ ମାସ ଭିତରେ ରାଜ୍ୟକୁ ଆଗକୁ ନେବା ପରିବର୍ତ୍ତେ ପଛକୁ ନେବାର ସବୁ ବନ୍ଦୋବସ୍ତ କରିଛନ୍ତି । ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରିବାରେ ବିଜେପି ସରକାର ଗୁରୁତର ବିଫଳ ହେବା ସହ ଲୋକଙ୍କୁ କେବଳ ପ୍ରତାରଣା ଦେଇଛନ୍ତି ।

- ବିଜେପିର ମହିଳା ଜାଗରଣ: ୧୬ ମାସରେ ୪ ହଜାର ବଳାତ୍କାର
- ସୁଭଦ୍ରା, ଆୟୁଷ୍ମାନ, ମାଗଣା ବିଜୁଳି, ଭତ୍ତା; ସବୁଥିରେ ଠକିଲେ

ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଏପରି ଅଭିଯୋଗ କରି ସରକାରଙ୍କୁ ଘେରିଛି । ଦଳର ବରିଷ୍ଠ ନେତା ତଥା ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ବିଧାୟକ ଧ୍ରୁବଚରଣ ସାହୁ ବିଜେପି ସରକାରଙ୍କ ଅପାରଗତାର ହିସାବ ଦେବା ସହ ନୂଆପଡ଼ା ଉପନିର୍ବାଚନରେ ବିଜେପିର ପରାଜୟ ସୁନିଶ୍ଚିତ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ।

ଶ୍ରୀ ଆଚାର୍ଯ୍ୟ କହିଥିଲେ, ଓଡ଼ିଶାର ମହିଳାମାନଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ କ'ଣ କରିଛନ୍ତି, ତାହା କାହାକୁ ଅଛପା ନାହିଁ । କିନ୍ତୁ ରାଜ୍ୟର ସ୍ଥିତି ଆଜି ଦ୍ରୁତଗତିରେ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଖୋଦ୍ କେନ୍ଦ୍ର ସରକାରଙ୍କ ରିପୋର୍ଟ କହୁଛି, ଓଡ଼ିଶାରେ ପ୍ରତିଦିନ ହାରାହାରି ୧୫ ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି । ଗତ ୧୬ ମାସ ଭିତରେ ୪ ହଜାର ମହିଳା ଏହି ଦଶା ଭୋଗିଲେଣି । ବେସରକାରୀ ଭାବେ ଏହି ସଂଖ୍ୟା ଆହୁରି ଅଧିକ ହେବ । ଏହା ହେଉଛି ବିଜେପି ସରକାରରେ



ମହିଳା ଜାଗରଣ ଓ ସଶକ୍ତୀକରଣ ବୋଲି ସେ କଟାକ୍ଷ କରିଛନ୍ତି । ସେହିପରି ଚାଷୀଙ୍କୁ ଇନପୁଟ ସବ୍‌ସିଡି ଦେଇ ଏମଏସ୍‌ପି ବୃଦ୍ଧି କଲେ ବୋଲି କହୁଛନ୍ତି । କିନ୍ତୁ ଯୋଗାଣ ବିଭାଗ ଏପରି ଏକ ପଞ୍ଜୀକରଣ ବ୍ୟବସ୍ଥା ଆବିଷ୍କାର କଲା, ଯେଉଁଥିରେ ହଜାରହଜାର ଚାଷୀ ପଞ୍ଜୀକରଣ କରିନପାରି ଶାଗ ମାଛ ଦରରେ ଦଲାଲଙ୍କୁ ଧାନ ବିକୁଛନ୍ତି । ବିଏସ୍‌କେୱାଇ ଭଳି ଏକ ଲୋକପ୍ରିୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବନ୍ଦ କରି ଆୟୁଷ୍ମାନ କାର୍ଡ ପ୍ରଚଳନ କରିବା ପରେ ଡାକ୍ତରଖାନାରେ ରୋଗୀ ଚିକିତ୍ସା ନ ପାଇ ଛଟପଟ ହେଉଛନ୍ତି । 'ସୁଭଦ୍ରା' ଯୋଜନାରେ ବର୍ଷକରେ ୫୦ ହଜାର ଟଙ୍କା ଦେବେ ବୋଲି କହି ୫ ବର୍ଷରେ ୫୦ ହଜାର ଦେଉଛନ୍ତି । ସେଥିରେ ପୁଣି ହଜାର ହଜାର ଲକ୍ଷପତି ଦିଦି ସୃଷ୍ଟି କରିଦେଇଛନ୍ତି ବୋଲି ସଫେଇ ଦେବା ହାସ୍ୟାସ୍ପଦ ଛଡ଼ା ଆଉ କିଛି ନୁହେଁ । ରାଜ୍ୟକୁ ଶିଳ୍ପରେ ଲକ୍ଷଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆଣିଛନ୍ତି ବୋଲି ବିଜେପି ସରକାର ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ବାସ୍ତବରେ କେତେ ନିବେଶ ପ୍ରସ୍ତାବ କାର୍ଯ୍ୟକାରୀ ହେଲା, ତା'ର ହିସାବ ଦେଇପାରୁନାହାନ୍ତି । ମାଗଣା ୩୦୦ ୟୁନିଟ୍ ବିଜୁଳି, ସମସ୍ତ ସାମାଜିକ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଦିବାସ୍ୱପ୍ନ ପାଲଟିଛି । ଏଥିପାଇଁ ଲୋକେ ବିଜେପିକୁ କ୍ଷମା ଦେବେ ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ଶ୍ରୀ ଦାସବର୍ମା କହିଥିଲେ, ବିଜେପି ସରକାରରେ ଗରିବ ଲୋକ ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି । ମୋହନ ସରକାର ଇ-କେୱାଇସି ନାମରେ କେବଳ ନୂଆପଡ଼ା ନିର୍ବାଚମଣ୍ଡଳୀରେ ୪୧,୭୭୧ ଜଣଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ଦେଇ ସେମାନଙ୍କ ରାସନ ବନ୍ଦ କରିଦେଇଛନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ନୂଆପଡ଼ାର ଅନେକ ଲୋକ ବାଦ୍ ପଡ଼ିଥିବା ଜାଣିବା ପରେ ନବୀନ ବାବୁ ଏହିଠାରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ । ବିଜେପି କ୍ଷମତାକୁ ଆସିବା ପରେ ରାସନ୍‌କାର୍ଡ କାଟିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସବ୍-କମିଟି ଗଠନ କରି ଲକ୍ଷାଧିକ ଯୋଗ୍ୟ ହିତାଧିକାରଙ୍କ ରାସନ୍ ବନ୍ଦ କଲେ । କେବଳ ନୂଆପଡ଼ା ବ୍ଲକରେ ୧୭,୩୦୩, କୋମନା ବ୍ଲକ୍‌ରେ ୨୩,୫୬୫, ନୂଆପଡ଼ା ଏନ୍‌ଏସିରେ ୩୬୩ ଏବଂ ଖରିଆରରୋଡ୍ ୪୮୯ ଜଣଙ୍କୁ ବାଦ୍ ଦିଆଯାଇଛି । ଯୋଗାଣ ମନ୍ତ୍ରୀଙ୍କ ବିବୃତ୍ତି ସର୍ବଦା ଦାୟିତ୍ୱହୀନ ବୋଲି ସ୍ପଷ୍ଟ ହୋଇ ଚାଲିଛି । ଏହାକୁ କ'ଣ ଲୋକଙ୍କ ସରକାର ବୋଲି କୁହାଯିବ ବୋଲି ଶ୍ରୀ ଦାସବର୍ମା ପ୍ରଶ୍ନ କରିଛନ୍ତି ।

ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଥିଲେ, ଲୋକଙ୍କ ସରକାର ବୋଲାଉଥିବା ଏହି ସରକାର କେବଳ ରାଜ୍ୟ ତଥା ରାଜ୍ୟବାସୀଙ୍କ ଅନିଷ୍ଟ କରି ଚାଲିଛି । ଏଥିପାଇଁ ନୂଆପଡ଼ା ଉପ-ନିର୍ବାଚନରେ ବିଜେପିକୁ ବହୁ ମୂଲ୍ୟ ଦେବାକୁ ହେବ । ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ, ବିଜେପି ସରକାରଙ୍କୁ ନେଇ ରାଜ୍ୟବାସୀଙ୍କ ମନରେ କ୍ରୋଧ ରହିଛି । ଆଗାମୀ ୧୧ ତାରିଖ ଦିନ ଏହି ଆକ୍ରୋଶ ଭୋଟ ମାଧ୍ୟମରେ ପରିପ୍ରକାଶ କରିବା ପାଇଁ ନୂଆପଡ଼ାବାସୀ ନିଷ୍ପତ୍ତି ନେଇସାରିଛନ୍ତି । କ୍ଷମତା ଲୋଭରେ ବିଜେପି ଓ ରାଜ୍ୟ ସରକାର ଖୋଲାଖୋଲି ଭାବେ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରି ଚାଲିଛନ୍ତି । ଶାଢ଼ି, ମଦ, ଟଙ୍କା ବଣ୍ଟା ଯାଉଛି । ପ୍ରଶାସନକୁ ଲଗାଇ ବିଜେଡି ନେତା, କର୍ମୀ ଓ ସାଧାରଣ ଭୋଟରଙ୍କୁ ଭୟଭିତ କରାଯାଉଛି । ଆତଙ୍କର ଛାୟା ମଧ୍ୟରେ ନିର୍ବାଚନ କରିବା ପାଇଁ ସରକାର ସବୁ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ସାହୁ କହିଛନ୍ତି ।

**ଉପଭୋକ୍ତା ଶୋଷିତ, ଶିଳ୍ପପତିଙ୍କୁ ଅନୁକମ୍ପା**

# ଝିଣ୍ଟିକା ମାରି ବଣି ପୋଷୁଛି ଏସଏଲଡିସି

ଭୁବନେଶ୍ୱର, ୬।୧୧(ସମିସ): ରାଜ୍ୟରେ ଝିଣ୍ଟିକା ମାରି ବଣି ପୋଷୁଛି ରାଜ୍ୟ ବିଦ୍ୟୁତଭାର ପ୍ରେରଣ କେନ୍ଦ୍ର (ଏସଏଲଡିସି) । ରାଜ୍ୟର କୋଟିଏ ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଉପେକ୍ଷା କରି ଏହି ସଂସ୍ଥା ଶିଳ୍ପପତିମାନଙ୍କୁ ଅନୁକମ୍ପା ଦେଖାଇଛି ଓ ଏଥିଯୋଗୁଁ ଗୋଟିଏ ବର୍ଷରେ ୧୭୨୮ କୋଟି ଟଙ୍କା ରାଜସ୍ୱ କ୍ଷତି ଘଟିଛି । କ୍ୟାପ୍‌ଟିଭ୍ ପ୍ଲାଣ୍ଟ ସ୍ଥାପନ କରିଥିବା ଏହି ଶିଳ୍ପଗୁଡ଼ିକରୁ ବର୍ଷକରେ ୭୨୦୦ କୋଟି ୟୁନିଟ ବିଦ୍ୟୁତ ବିନା ଦେୟରେ ପ୍ରେରଣ କରିଛନ୍ତି ଓ ପରୋକ୍ଷରେ ଏହି ବିଦ୍ୟୁତ୍ ପରିବହନର ଦେୟ ଅନ୍ୟାୟ ଭାବରେ ରାଜ୍ୟର କୋଟିଏ ଉପଭୋକ୍ତାଙ୍କୁ ବହନ କରିବାକୁ ପଡ଼ିଛି । ଏପରି ଏକ

- ବର୍ଷକୁ ରାଜସ୍ୱ କ୍ଷତି ୧୭୨୮ କୋଟି ଟଙ୍କା
- ୧୫ ହଜାର ମେଗାୱାଟରୁ ଆଦାୟ ହେଉନି ଟାରିଫ

ସାଂଘାତିକ ଅଭିଯୋଗ ଆସିବା ପରେ ରାଜ୍ୟ ଶକ୍ତି ବିଭାଗ ଓ ଏସ୍‌ଏଲ୍‌ଡ଼ିସିର ଭୂମିକାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି । ସୁଲଭ ବିଦ୍ୟୁତ୍ ଯୋଗାଇବା ପରିବର୍ତ୍ତେ ଉପଭୋକ୍ତା ଶୋଷଣ ନୀତି ବିରୋଧରେ କ୍ରମଶଃ ସାଧାରଣରେ ରୋଷ ବଢ଼ିବାରେ ଲାଗିଛି । ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ ଓ ବିଶେଷଜ୍ଞଗଣ ।

ସୂଚନାନୁସାରେ ବିଦ୍ୟୁତ ଆଇନ ୨୦୦୩ ଧାରା ୩୧ ଅନୁସାରେ ଏସଏଲଡିସି କାର୍ଯ୍ୟକୁ ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ସରକାରୀ କମ୍ପାନୀ ଗଠନ କରାଯିବା କଥା । ଓପିଟିସିଏଲ ଅଧୀନରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ସମସ୍ତ ବିଦ୍ୟୁତ ଗ୍ରୀଡ୍ ଗୁଡିକ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସହିତ ସେଗୁଡିକୁ ନିୟନ୍ତ୍ରଣ କରି ତାହାର ସର୍ବୋତ୍ତମ ବ୍ୟବହାର କରିବା ବିଦ୍ୟୁତ ଆଇନ ଧାରା ୩୨ ଅନୁସାରେ ଏସଏଲଡିସିର ପ୍ରମୁଖ କାର୍ଯ୍ୟ । ଏପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସମ୍ପାଦନ କରିବାପାଇଁ ରାଜ୍ୟ ଗ୍ରୀଡ୍ ସହିତ ସଂଯୋଗ ହୋଇଥିବା ସମସ୍ତ ବିଦ୍ୟୁତ ଉତ୍ପାଦନ କମ୍ପାନୀ ଓ ଲାଇସେନ୍ସଧାରୀ ବିଦ୍ୟୁତ ଉପଭୋକ୍ତାମାନଙ୍କର ସବିଶେଷ ତଥ୍ୟ ପଞ୍ଜୀକରଣ କରି ସେମାନେ ପ୍ରତି ମିନିଟରେ ପ୍ରେରଣ ଓ ଗ୍ରହଣ କରୁଥିବା ସମସ୍ତ ବିଦ୍ୟୁତଶକ୍ତିର ଟିକିନିଖି ହିସାବ ରଖିବା । ମାତ୍ର ଏଇଠାରେ ସବୁ ଗଡ଼ବଡ଼ ଆରମ୍ଭ ହୋଇଛି ।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ରାଜ୍ୟ ଗ୍ରୀଡ ସହିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପ୍ରାୟ ୬୦ଟି ଉତ୍ପାଦନ କମ୍ପାନୀ ସଂଯୋଗ ହୋଇ ୨୫ ହଜାର ମେଗାୱାଟ କ୍ଷମତାର ବିଦ୍ୟୁତ ଉତ୍ପାଦନ ଶକ୍ତିକେନ୍ଦ୍ର ସ୍ଥାପନ କରିଛନ୍ତି । ଏଥିରେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ସଂସ୍ଥା ସହିତ ଶିଳ୍ପପତି ମାନଙ୍କର ସ୍ୱାଧୀନ ଓ ନିଜସ୍ୱ ବିଦ୍ୟୁତ କେନ୍ଦ୍ର ରହିଛି । ଏସଏଲଡିସି ଓ ଓପିଟିସିଏଲ ନିଜର ସମୁଦାୟ ବାର୍ଷିକ ଖର୍ଚ୍ଚ ଭରଣା କରିବା ପାଇଁ କେବଳ ଓଡ଼ିଶା ପାଇଁ ସଂରକ୍ଷିତ ଥିବା ୧୦ ହଜାର ମେଗାୱାଟ ବିଦ୍ୟୁତ ପ୍ରେରଣରୁ ଟାରିଫ ଆଦାୟ କରୁଥିବା ବେଳେ ଅବଶିଷ୍ଟ ୧୫ ହଜାର ମେଗାୱାଟ ବା ୭୨ ହଜାର ନିୟୁତ ୟୁନିଟ ବିଦ୍ୟୁତ ଉପରେ ଟାରିଫ ଆଦାୟ ନକରି ଲୁଚାଛପାରେ ପ୍ରେରଣ କରୁଛି । ଫଳରେ ଓଡ଼ିଶାର ଏକକୋଟି ଉପଭୋକ୍ତା ରାଜ୍ୟ ଗ୍ରୀଡର ସମସ୍ତ ବାର୍ଷିକ ଖର୍ଚ୍ଚ ଅନ୍ୟାୟ ଭାବେ ଭରଣା କରୁଛନ୍ତି । ତେଣୁ ଏସଏଲଡିସି ଓ ଓପିଟିସିଏଲ ଅପାରଗତା ତଥା ଦୁର୍ନୀତିଖୋର ମନୋବୃତ୍ତି ପାଇଁ ୟୁନିଟ ପିଛା ୨୪ ପଇସା ହିସାବରେ ବାର୍ଷିକ ୧୭୨୮ କୋଟିଟଙ୍କା ରାଜସ୍ୱ ହରାଉଛି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି ।

## ଭିଜିଲାନ୍ସ ଜାଲରେ କୋଟିପତି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ

କେନ୍ଦୁଝର, ୬।୧୧ (ସମିସ): ଲାଞ୍ଚ ନେଇ ଭିଜିଲାନସ୍ ଜାଲରେ ପଡ଼ିଛନ୍ତି କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ । ଏକ ଏନ୍‌ଜିଓ ନିକଟରୁ ଫୋନ୍-ପେ' ଜରିଆରେ ୨୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନସ୍ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଛନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ତାଙ୍କର ୩ଟି ଠିକଣାରେ ଚଢ଼ଉ କରୁଛି ଭିଜିଲାନସ୍ । ପ୍ରାଥମିକ ସୂଚନାନୁସାରେ, ଶ୍ରୀ ସାମନ୍ତରାୟଙ୍କ ଭୁବନେଶ୍ୱରରେ ୧୦ଟି ପ୍ଲଟ୍, ୩ ହଜାର ବର୍ଗଫୁଟ୍‌ର ୩ ମହଲା ବିଶିଷ୍ଟ ଏକ ଘର, ଭୁବନେଶ୍ୱର ଉପକଣ୍ଠ ମଦନପୁରଠାରେ ଅନ୍ୟ ଏକ ଘର, ୩ ଏକରର ଏକ ଫାର୍ମହାଉସ୍ ଠାବ ହୋଇଛି । ଠାବ ସଂପତ୍ତିର ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି । ବିଶେଷଜ୍ଞ ଟିମ୍ ଏହାର ଆକଳନ କରୁଛନ୍ତି । ଏଥିସହ ସେ ବିଭିନ୍ନ କାମ କରାଇବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଲୋକଙ୍କଠାରୁ ଫୋନ୍ ପେ ମାଧ୍ୟମରେ ଲାଞ୍ଚ ନେଇଥିବା ଭିଜିଲାନସ୍ ବିଭାଗ ଜାଣିବାକୁ ପାଇଛି ।



## ୧୩ ଲକ୍ଷର ବ୍ରାଉନସୁଗର ଜବତ

କଟକ, ୬।୧୧ (ସମିସ): ଜଣେ ପେସାଦାର ନିଶାବେପାରୀକୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି । ସେ ହେଲା, ଲାଲବାଗ ଥାନା ଦିୱାନ ବଜାରର ଶେଖ ସାଜିଦ ଅଲ୍ଲୀ (୩୨) । ତା' ପାଖରୁ ୧୩୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି । ଆଜି ପୂର୍ବାହ୍ଣରେ ସାଜିଦ ନିଶାଦ୍ରବ୍ୟ ଧରି ସତୀଚୌରା ଛକ ନିକଟକୁ ଆସିଥିଲା । ସେଠାରେ ଜଣେ ଗ୍ରାହକ ଅପେକ୍ଷାରେ ଛିଡ଼ା ହୋଇଥିଲା । ଏହି ସୂଚନା ପାଇବା ମାତ୍ରେ ଫ୍ଲାଇଂ ସ୍କ୍ୱାଡ୍ ତୁରନ୍ତ ସେଠାରେ ଚଢ଼ଉ କରି ତାକୁ ମାଡ଼ି ବସିଥିଲା । ତଲାସି ପରେ ଅଭିଯୁକ୍ତ ସାଜିଦ ପାଖରୁ ଏକ ଜରି ପୁଡ଼ିଆରେ ଥିବା ୧୩୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିଲା । ଏହାର ବଜାର ମୂଲ୍ୟ ପ୍ରାୟ ୧୩ ଲକ୍ଷ ୮୦ହଜାର ଟଙ୍କା ହେବ । ସେ ଦୀର୍ଘ ଦିନ ହେବ ବାଲେଶ୍ୱର, ଖୋର୍ଦ୍ଧା ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି କଟକରେ ବେପାର କରୁଥିବା ତଦନ୍ତରୁ ଜଣାପଡ଼ିଛି । କୋର୍ଟଚାଲାଣ ପରେ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।




### ନଭେମ୍ବର ପ୍ରଥମ ସପ୍ତାହ ସରିଲା

# ହୋଇନି କ୍ରୟସମିତି ବୈଠକ, ଅଭାବୀ ବିକ୍ରି ଆଶଙ୍କାରେ ଚାଷୀ

**ସମ୍ବଲପୁର, ୬।୧୧ (ସମିସ)**

ଚଳିତ ଖରିଫ୍‌ରେ ମୌସୁମୀ ଅନ୍ୟବର୍ଷ ତୁଳନାରେ ଆଗୁଆ ଆସିଥିବାରୁ ଚାଷ ବି ଆଗରୁ ହୋଇଛି। ଜିଲ୍ଲାର ଜଳସେଚିତ ଓ ଅଣଜଳସେଚିତ ଅଞ୍ଚଳରେ ଅଳ୍ପଦିନିଆ ଓ ମଧ୍ୟମକାଳୀନ ଧାନଫସଲ ଅମଳ ଆରମ୍ଭ ହୋଇଗଲାଣି। କେତେକ ଅଞ୍ଚଳରେ ଛୋଟଧାନ ଅମଳ ସରି ମଧ୍ୟଗଲାଣି। ଧାନ ସଂରକ୍ଷଣର କୌଣସି ସୁବିଧା ନଥିବାରୁ ଧାନ ଖଳାରେ ପଡ଼ିରହୁଛି। ଅଦିନିଆ ବର୍ଷାରେ ନଷ୍ଟ ମଧ୍ୟ ହେଉଛି। ନଭେମ୍ବର ପ୍ରଥମ ସପ୍ତାହ ସରିବାକୁ ବସିଛି। ତେବେ, ଖରିଫ୍ ଧାନକ୍ରୟକୁ ନେଇ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ କରାଯାଉନାହିଁ। ଖରିଫ୍ ଧାନ କ୍ରୟ ସମିତି ବୈଠକ ଆୟୋଜନ ନହେବାରୁ ମଣ୍ଡି କେବେ ଖୋଲିବ ତାହାକୁ ନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଶୀଘ୍ର ଜିଲ୍ଲାସ୍ତରୀୟ ଖରିଫ୍ ଧାନକ୍ରୟ ସମିତି ବୈଠକ ଡକାଯାଇ ୧୦ ତାରିଖ ସୁଦ୍ଧା ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଖରିଫ୍‌ରେ ନଭେମ୍ବର ୬ ତାରିଖ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି (ଡିଏଲ୍‌ପିସି) ବୈଠକ କରାଯାଇ ଧାନ କ୍ରୟବିକ୍ରୟ ଦିବସ ଧାର୍ଯ୍ୟ କରାଯାଇଥିଲା।

ନଭେମ୍ବର ପ୍ରଥମ ସପ୍ତାହ ସରିଥିବାବେଳେ ଛୋଟ ଧାନ ଅମଳ ପ୍ରାୟତଃ ସରିଲାଣି। ଅନ୍ୟ କିସମ ଧାନଫସଲ ଅମଳକ୍ଷମ ହେବାସହ କେତେକସ୍ଥାନରେ ଅମଳ ଆରମ୍ଭ ମଧ୍ୟ ହୋଇଗଲାଣି। ତେବେ ସରକାର କିମ୍ବା ଜିଲ୍ଲା ପ୍ରଶାସନ ଖରିଫ୍ ଧାନ କ୍ରୟବିକ୍ରୟ ସକାଶେ ମଣ୍ଡି ଖୋଲିବାକୁ ନେଇ ନୀରବ ରହିଛନ୍ତି। ଅମଳ ହୋଇଥିବା ଧାନ ରଖିବା ପାଇଁ ଚାଷୀ ସକାଶେ କୌଣସି ଗୋଦାମ ସୁବିଧା ଉପଲବ୍ଧ କରାଯାଇନାହିଁ। ପୁଣି ମଝିରେ ମଝିରେ



ଲଘୁଚାପଜନିତ ବର୍ଷା ଚାଷୀ ସକାଶେ ବାଧକ ହେଉଛି। ଶୀଘ୍ର ମଣ୍ଡି ଖୋଲା ନଗଲେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବ। ଚଳିତବର୍ଷ ଆଗୁଆ ମୌସୁମୀ ଯୋଗୁଁ ଚାଷ କାର୍ଯ୍ୟ ଆଗୁଆ ହୋଇଥିଲା। ଧାନକିଣା ବିଳମ୍ବିତ ହେଲେ ଚାଷୀ ମଣ୍ଡି ବାହାରେ ଧାନ ବିକ୍ରୟ କରିବାକୁ ବାଧ୍ୟ ହେବ। ଏହାଦ୍ୱାରା ବହୁସଂଖ୍ୟକ ଚାଷୀଙ୍କୁ ଇନପୁଟ ଅର୍ଥରାଶିରୁ ବଞ୍ଚିତ କରିବା ସହ ଅଭାବୀ ବିକ୍ରି ଜନିତ କ୍ଷତିରେ ପକେଇବ। ସରକାର ଓ ଯୋଗାଣ ବିଭାଗ ଉପନିର୍ବାଚନରେ ମାତିଥିବାବେଳେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ଯାଉଛି। ସ୍ଥାନୀୟ ନେତା, ବିଧାୟକ, ପଞ୍ଚାୟତସ୍ତରୀୟ ଜନନେତାମାନେ ମଧ୍ୟ ନୀରବତା ଅବଲମ୍ବନ କରୁଛନ୍ତି।

ଅନ୍ୟପକ୍ଷରେ ଗତଦିନରେ ବାତ୍ୟା 'ମୋନ୍ଥା' ଯୋଗୁଁ ଅମଳକ୍ଷମ ଫସଲ ନଷ୍ଟ ଏବଂ ଏଯାବତ୍ ତାହାର ଆକଳନ ସମ୍ପୂର୍ଣ୍ଣ ହୋଇନଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ପୁଣି ଅଗଷ୍ଟ ମାସରେ ହୋଇଥିବା ସାଟେଲାଇଟ୍ ସର୍ଭେର ରିପୋର୍ଟ ନଭେମ୍ବରରେ ପ୍ରକାଶିତ କରିବାଦ୍ୱାରା ଚାଷ ହୋଇଥିବା ଜମିକୁ ନେଇ ସରଜମିନ ତଦନ୍ତ ରିପୋର୍ଟ ଆସିବାରେ ବିଳମ୍ବ ହେବ ଏବଂ ଚାଷୀ ଧାନବିକ୍ରିରୁ ବଞ୍ଚିତ ହେବ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ କୁହାଯାଇଛି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ସଭାପତି ବ୍ୟୋମକେଶ ଠାକୁର ଓ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଶୀଘ୍ର ଜିଲ୍ଲାସ୍ତରୀୟ କ୍ରୟ ସମିତି ବୈଠକ ଡକାଯାଇ ୧୦ ତାରିଖ ସୁଦ୍ଧା ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯିବାକୁ ଦାବି କରିଛନ୍ତି। ଏହାସହ ଗତବର୍ଷ ପରି କଟ୍‌ନୀଛଟ୍‌ନୀ ନହେବା, ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ନହୋଇ ଜଣେ ବି ଚାଷୀ ଯେମିତି ଇନ୍‌ପୁଟ ରାଶିରୁ ବଞ୍ଚିତ ନହୁଏ, ବର୍ଷାଜନିତ କ୍ଷୟକ୍ଷତିର ସଠିକ ଆକଳନ ସହ ଶୀଘ୍ର କ୍ଷତିପୂରଣ ଦେବା ବ୍ୟବସ୍ଥା କରାଯିବା ଏବଂ ସାଟେଲାଇଟ ସର୍ଭେକୁ ଆଳ କରି ଚାଷୀଙ୍କୁ ମଣ୍ଡିରେ ଭାଗନେବାର ମସୁଧାରୁ ସରକାର ଦୂରେଇ ରହିବାକୁ ଦାବି କରାଯାଇଛି। ଦାବିଗୁଡ଼ିକ ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଜିଲ୍ଲାସ୍ତରୀୟ କୃଷକ ଆନ୍ଦୋଳନ ସହ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

- ସରିଲାଣି ଛୋଟ ଧାନ ଅମଳ
- ୧୦ ସୁଦ୍ଧା ମଣ୍ଡି ଖୋଲିବ
- କଟ୍‌ନୀଛଟ୍‌ନୀ ବନ୍ଦ
- ବର୍ଷାଜନିତ ଆକଳନ ଓ କ୍ଷତିପୂରଣ

### ଦାଦନ ଯାଇ ମୃତ୍ୟୁ

# ଅର୍ଥାଭାବରୁ ଗାଁକୁ ଆସିପାରିଲାନି ଶବ

**କୁଚିଣ୍ଡା, ୬।୧୧(ସମିସ):** ସମ୍ବଲପୁର ଜିଲ୍ଲା ବାମରାସ୍ଥିତ ପଣ୍ଡରିପଥରଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ତାମିଲନାଡୁରେ ମୃତ୍ୟୁ ଘଟିଥିବା ବେଳେ ଶବ ଆଣିବାକୁ ଯାଇଥିବା ତାଙ୍କ ପରିବାର ଲୋକ ଅର୍ଥାଭାବରୁ ଖାଲି ହାତରେ ଫେରିଛନ୍ତି।ସୂଚନା ଅନୁସାରେ ପଣ୍ଡରିପଥର ଗ୍ରାମର ବଳରାମ ମଲ୍ଲିକଙ୍କ ପୁଅ ସରୋଜ ମଲ୍ଲିକ ଗତ ପ୍ରାୟ ଏକ ବର୍ଷ ପୂର୍ବରୁ ବାପା ଓ ଗ୍ରାମର ଅନ୍ୟ କେତେକଙ୍କ ସହ ମିଶି ତାମିଲନାଡୁ ରାଜ୍ୟର ମଦୁରାଇକୁ କାମ କରିବା ପାଇଁ ଯାଇଥିଲେ।ସେଠାରେ ଶ୍ରମିକମାନଙ୍କୁ ଅକଥନୀୟ ନିର୍ଯ୍ୟାତନା ଦିଆ ଯାଉଥିବା ବେଳେ ତାଙ୍କ ବାପା ଓ ସାଙ୍ଗ ସାଥୀମାନେ କିଛି ମାସ ପୂର୍ବରୁ ଘରକୁ ଫେରି ଆସିଥିଲେ। ଅନ୍ୟଅଟେ ସରୋଜକୁ ତାଙ୍କ ମାଲିକ ଛାଡ଼ି ନଥିଲେ। ଗତ ୨୯ ତାରିଖ ଦିନ ସେ ଅସୁସ୍ଥ ଥିବା ନେଇ ତାଙ୍କ କମ୍ପାନୀ ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ପୁଅକୁ ଦେଖିବା ପାଇଁ ତାଙ୍କ ପରିବାର ଲୋକ ତାମିଲନାଡୁ ଯିବା ପାଇଁ ସଜବାଜ୍ ହେଉଥିବା ବେଳେ ହଠାତ ସରୋଜଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକ ଭାଙ୍ଗି ପଡ଼ିଥିଲେ।ସୂଚନା ପାଇ ତାଙ୍କ ପିତା ମାଦୁରାଇକୁ ଯାଇଥିବା ବେଳେ ଅର୍ଥାଭାବ ଯୋଗୁଁ ଶବ ଆଣିବା ସମ୍ଭବ ହୋଇନଥିଲା।ଏପରି ପରିସ୍ଥିତିରେ ତାଙ୍କ ମାଲିକ ମଧ୍ୟ ତାଙ୍କୁ କୌଣସି ପ୍ରକାର ସହଯୋଗ କରିନଥିଲା। ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ମୃତଦେହ ଗାଁକୁ ଆଣିବା ସମ୍ଭବ ନ ହେବାରୁ ଶେଷରେ ନିରୁପାୟ ହୋଇ



ବଳରାମ ନିଜ ପୁଅର ଅନ୍ତିମ ସଂସ୍କାର ମଦୁରାଇରେ ହିଁ କରି ଦେଇଥିଲେ। ପୁଅର ଶବ ଗାଁକୁ ନ ଆସିବାରୁ ତାଙ୍କ ପରିବାର ସଦସ୍ୟ ଶେଷ ଦର୍ଶନରୁ ବଞ୍ଚିତ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ପୀଡିତ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ସହଯୋଗ ଯୋଗାଇବାକୁ ସାଧାରଣରେ ଦାବି ହୋଇଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁରକ୍ଷାରେ ଅବହେଳା ଅଭିଯୋଗ




**ସମ୍ବଲପୁର, ୬।୧୧ (ସମିସ) :** ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଂକ୍ରାମକ ରୋଗ ୱାର୍ଡରେ ଗତକାଲି କେତୋଟି ଷଣ୍ଢ ପ୍ରବେଶ କରିଥିଲେ। ପ୍ରାୟ ଅଧଘଣ୍ଟା ଧରି ରୋଗୀ ଓ ରୋଗୀ ପରିଜନ ମାନେ ଷଣ୍ଢମାନଙ୍କୁ ବାହାରକୁ ତଡ଼ିବାକୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ଆଜି ସୁରକ୍ଷା ବ୍ୟବସ୍ଥାରେ ଅବହେଳା ହୋଇଥିବା ସଚେତନ ନାଗରିକମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

ଅଭିଯୋଗ ପତ୍ର ଅନୁଯାୟୀ, ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସଂକ୍ରାମକ ୱାର୍ଡରେ ଗତକାଲି ଷଣ୍ଢ ପ୍ରବେଶ କରିଥିଲେ, ଯାହା ରୋଗୀ ସୁରକ୍ଷା, ସଂକ୍ରାମକ ନିୟନ୍ତ୍ରଣ ଏବଂ ହସ୍ପିଟାଲ ପରିଚ୍ଛନ୍ନତା ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରିଥିଲା। ସୁରକ୍ଷାର ଏପରି ଗୁରୁତର ଉଲ୍ଲଂଘନ ହସ୍ପିଟାଲ ପରିସରରେ ଶୃଙ୍ଖଳା ବଜାୟ ରଖିବା ପାଇଁ ଦାୟୀ ଆଉଟସୋର୍ସିଂ ହାଉସକିପିଂ ଏବଂ ସୁରକ୍ଷା ସଂସ୍ଥାର ସମ୍ପୂର୍ଣ୍ଣ ଅବହେଳାକୁ ପ୍ରତିଫଳିତ କରେ। ଏହା କାହାରିକୁ ଆଘାତ ସହ ସଂକ୍ରାମକ ଭଳି ସମ୍ବେଦନଶୀଳ କ୍ଷେତ୍ରକୁ ପ୍ରଦୂଷିତ କରିପାରେ। ଏହା ସ୍ପଷ୍ଟ ଯେ ଉପଯୁକ୍ତ ପରିଧି ଏବଂ ଗେଟ୍ ନିୟନ୍ତ୍ରଣ ସୁନିଶ୍ଚିତ କରିବା ପାଇଁ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସଂସ୍ଥା ଏହାର ଚୁକ୍ତିଭିତ୍ତିକ ଦାୟିତ୍ୱ ପାଳନ କରିବାରେ ବିଫଳ ହୋଇଛି। ଏଣୁ ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ ଦଣ୍ଡ ଲାଗୁ ଏବଂ ଆଉଟସୋର୍ସିଂ ସଂସ୍ଥା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରତିନିଧି ଦଳରେ ବିଜେପି ସାଧାରଣ ସମ୍ପାଦକ ଅନୀଲ ବେହେରା, ଅନାମିକା କ୍ଲବର ବରିଷ୍ଠ ସଭ୍ୟ ସରୋଜ ସାହୁ, ଉତ୍କଣ୍ଠା ସମ୍ପାଦକ ସଞ୍ଜିବ କୁମାର ମିଶ୍ର, ସମାଜସେବୀ ରଞ୍ଜିତ କୁମାର ରଥ ପ୍ରମୁଖ ସାମିଲ ଥିଲେ।

# ୧୦ କେଜି ଗଞ୍ଜେଇ, ୨ ଗିରଫ

**ରେଢ଼ାଖୋଲ, ୬।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍‌ଏସି ଅନ୍ତର୍ଗତ କେନ୍ଦୁକଟାଗ୍ରାମ ନିକଟ ଛକରେ ୧୦ କେଜି ଗଞ୍ଜେଇ ସହିତ ଦୁଇ ଜଣ ଯୁବକକୁ ରେଢ଼ାଖୋଲ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଗିରଫ ଯୁବକମାନେ ରାଜ୍ୟଝାରଖଣ୍ଡ ଜିଲ୍ଲା ରାମଗଡ଼ପାତ୍ରଟୁ ଅଞ୍ଚଳର ଅନିଲ କୁମାର ମଣ୍ଡଳ(୨୮) ଏବଂ ରାଜ୍ୟ ବିହାର ଜିଲ୍ଲା ପଶ୍ଚିମଚମ୍ପାରଣ ଥାନା ସିକ୍ତା ହରିପୁର ଅଞ୍ଚଳର ବିଜୟ କୁମାର (୩୨)। ସୂଚନା ଯୋଗ୍ୟ ଯେ କେନ୍ଦୁକଟା ଗ୍ରାମ ନିକଟ ଛକରେ ରେଢ଼ାଖୋଲ ପୁଲିସ ପକ୍ଷରୁ ବେଆଇନ ଗଞ୍ଜେଇ ଚୋରା ଚାଲାଣ ଖବର ପାଇ ରେଢ଼ାଖୋଲ ଏସ୍‌ଆଇ ଚିତ୍ତରଞ୍ଜନ ମେହେର, ଏଏସ୍‌ଆଇ ବିଭୂତି ଭୂଷଣ ପ୍ରଧାନ, କର୍ମଚାରୀ ଘାସିରାମ କଡରାକ, ଧିରେନ୍ କୁମୁରା ସମେତ ଅନ୍ୟ ପୁଲିସ କର୍ମଚାରୀ କେନ୍ଦୁକଟା ଛକ ନିକଟରେ ଦୁଇ ଅଭିଯୁକ୍ତଙ୍କୁ ଧରିଥିଲେ। ଦୁଇ ଯୁବକଙ୍କ ଠାରୁ ୨ଟି ବସ୍ତାରେ୧୦କେଜି ଗଞ୍ଜେଇ ଜବତ କରାଯାଇଥିଲା।ଏ ସଂକ୍ରାନ୍ତରେ ରେଢ଼ାଖୋଲ ପୁଲିସ କେସ ନଂ ୩୦୧/୨୫ରେ ମାମଲା ରୁଜୁ କରି ଦୁଇ ଯୁବକକୁ କୋର୍ଟ ଚାଲାଣ କରିଛି।



# ଟ୍ୟାଲେଣ୍ଟ ସର୍ଚ୍ଚରେ ଜିଏମ୍‌ୟୁର ଗିରିଜାନନ୍ଦ ପ୍ରଥମ

**ସମ୍ବଲପୁର, ୬।୧୧ (ସମିସ) :** ଓଡ଼ିଶା କମର୍ସ ଆସୋସିଏସନ୍ (ଓସିଏ) ଦ୍ୱାରା ଆୟୋଜିତ ଟ୍ୟାଲେଣ୍ଟ ସର୍ଚ୍ଚ ପରୀକ୍ଷାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ସ୍ନାତକ ପଞ୍ଚମ ସେମିଷ୍ଟାରର ଛାତ୍ର ଗିରିଜାନନ୍ଦ ନାୟକ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ଓଡ଼ିଶାର ୧୨ଟି ଜୋନ୍ ଏବଂ ୨୭ଟି କେନ୍ଦ୍ରରେ ଆୟୋଜିତ ହୋଇଥିଲା, ଯେଉଁଥିରେ ୧୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ପର୍ଯ୍ୟାୟରୁ ଗିରିଜାନନ୍ଦ ନାୟକଙ୍କୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଚୟନ କରାଯାଇ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଅନ୍ତିମ ପର୍ଯ୍ୟାୟ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ପଠାଯାଇଥିଲା। ନଭେମ୍ବର ୨ ତାରିଖରେ ଓଡ଼ିଶା କମର୍ସ ଆସୋସିଏସନ୍‌ର ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ଏହି ଅନ୍ତିମ ପରୀକ୍ଷାରେ ୨୬ ଜଣ ଛାତ୍ର ମନୋନୀତ ହୋଇଥିଲେ। ସେଠାରେ ଗିରିଜାନନ୍ଦ ନାୟକ ପ୍ରଥମ ସ୍ଥାନରେ ରହି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା କମର୍ସ ଆସୋସିଏସନ୍ ତାଙ୍କୁ ଟ୍ରଫି, ପୁସ୍ତକ, ସର୍ଟିଫିକେଟ୍ ଏବଂ ନଗଦ ପୁରସ୍କାରରେ ସମ୍ମାନିତ କରିଛି। ଏଥିପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଆଜି ଜିଲ୍ଲାର କେତେକ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ

**ସମ୍ବଲପୁର, ୬।୧୧ (ସମିସ :** ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ଲପଙ୍ଗା ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଲପଙ୍ଗା, କଟରବଗା, କିଲାସମା, ରେଙ୍ଗାଲି ଶିଳ୍ପାଞ୍ଚଳ, ଟାମ୍ପରକେଲା, ତେଲକୋଇଲି ଆଦି ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ଆସନ୍ତାକାଲି ନଭେମ୍ବର ୭ ତାରିଖ (ଶୁକ୍ରବାର) ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ବାମରା ହରିପଡ଼ାରେ ମିଶନ ପର୍ବ



**କୁଚିଣ୍ଡା, ୬।୧୧(ସମିସ):** ସମ୍ବଲପୁର ଜିଲ୍ଲା ବାମରାସ୍ଥିତ ହରିପଡ଼ା ଚର୍ଚ୍ଚରେ ଗତ ୨ ଦିନ ଧରି ଚାଲିଥିବା ମିଶନ ପର୍ବ ଉଦ୍‌ଯାପିତ ହୋଇଯାଇଛି। ମଧୁପୁର ପାଷ୍ଟୋରେଟ ଆନୁକୂଲ୍ୟରେ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ହରିପଡ଼ା ଜିଇଏଲ ଚର୍ଚ୍ଚରେ ଆୟୋଜିତ ମିଶନ ପର୍ବରେ ରେଙ୍ଗାପଡ଼ା, ନୂଆପଡ଼ା, ପାରୀମୁଣ୍ଡା ଓ ସଙ୍କୋବାହାଲ ସମେତ ବିଭିନ୍ନ ଅଞ୍ଚଳରୁ ଭାଇ ଭଉଣୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ମଧୁପୁର ପାରିସ ଅଧ୍ୟକ୍ଷ ଏସ୍‌କେ ଟୋପ୍ନୋ ଯୋଗଦେଇ ଯୀଶୁଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ଚାଲିବା ପାଇଁ ଆହ୍ୱାନ ଦେଇଥିଲେ। ରାତିରେ ସାମୂହିକ ପ୍ରାର୍ଥନା। ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରିପଡ଼ା ଚର୍ଚ୍ଚ ପ୍ରଚାରକ ମନସୁଖ ଟୋପ୍ନୋ, ସଭାପତି ବିମଳ ବୁଢ଼, ସମ୍ପାଦକ ଜୋନସନ ତିର୍କି, ଉପସଭାପତି ନବୀନ କୁମାର ସୋଏ, କୋଷାଧ୍ୟକ୍ଷ ଇସ୍ରାଏଲ ମାଡକିଙ୍କ ସହ ହରିପଡ଼ା ଚର୍ଚ୍ଚର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଅନ୍ତଃମହାବିଦ୍ୟାଳୟ କବାଡ଼ି ପ୍ରତିଯୋଗିତା

# ମହିଳା ମହାବିଦ୍ୟାଳୟ ଦଳ ଉପବିଜେତା

**ସମ୍ବଲପୁର, ୬।୧୧ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଆନ୍ତଃମହାବିଦ୍ୟାଳୟ ମହିଳା କବାଡ଼ି ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍‌ରେ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ଦ୍ୱାରା ପରାଜିତ ହୋଇ ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର ଉପବିଜେତା ହୋଇଛନ୍ତି। କୁସୁମ ଦଳାଇଙ୍କ ଅଧିନାୟକତ୍ୱରେ ସମୁଦାୟ ୧୧ ଜଣ ଛାତ୍ରୀ ଏହି ଟୁର୍ଣ୍ଣାମେଣ୍ଟରେ ମହାବିଦ୍ୟାଳୟ ପକ୍ଷରୁ ଭାଗ ନେଇଥିଲେ। ଖେଳ ପ୍ରଶିକ୍ଷିକା ମେଜର ସରିତା ନାୟକ ଦଳର ମ୍ୟାନେଜର ତଥା କୋଚ୍ ଭାବରେ ଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିଥିଲେ। କବିତା ଶଗଡ଼ିଆ, ନିହାରିକା ବାଗ, ମାନସୀ ଭୋଇ, ପଦ୍ମିନୀ କୁମୁରା, ପ୍ରିୟଙ୍କା ରଣବିଡ଼ା, ଜିଜ୍ଞାସା ମେହେର, ନିଳିମା ଖମାରୀ, ହିତେଶ୍ୱରୀ ଘୁଟା, ସନ୍ଧ୍ୟା ମୁଣ୍ଡା ଏବଂ ସାନିଆ ମୁଣ୍ଡା ଅନ୍ୟତମ ଖେଳାଳୀ ଭାବରେ ଦଳର ସଦସ୍ୟ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ସେମିଫାଇନାଲରେ ସମ୍ବଲପୁର ମହିଳା ମହାବିଦ୍ୟାଳୟ ତୋରା ମହାବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଏହି କୃତିତ୍ୱ ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ତଥା ଅଧ୍ୟାପକ ଅଧ୍ୟାପିକାମାନେ ଅଭିନନ୍ଦନ ଜଣାଇଛନ୍ତି।




ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କେତକି ପତି
ଜନାର୍ଦ୍ଦନପୁର ଶାସନ, ଖପରାଖାଇ, ଆନନ୍ଦପୁର
ଆବିର୍ଭାବ - ୦୧.୦୧.୧୯୪୨
ତିରୋଧାନ - ୨୭.୧୦.୨୦୨୫
ଆଜି ଦ୍ୱାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ଆପଣ ସଦା ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।
ତୁମର ହତଭାଗ୍ୟ ପୁଅ
ଗଣେଶ ପ୍ରସାଦ ପତି ଓ ବନ୍ଧୁ ପରିବାରବର୍ଗ

# ଫସଲ କାଟ ପରୀକ୍ଷଣ ପାଇଁ ଜିଲ୍ଲାସ୍ତରୀୟ ତାଲିମ



**ସମ୍ବଲପୁର, ୬।୧୧ (ସମିସ) :** ଜିଲ୍ଲା ପରିଷଦ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆଜି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଫସଲ କାଟ ପରୀକ୍ଷଣ ପାଇଁ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାର ସମସ୍ତ ୧୩୮ ଗ୍ରାମ ପଞ୍ଚାୟତରେ ଖରିଫ ଧାନ ପାଇଁ ଫସଲ କାଟ ପରୀକ୍ଷଣ କରିବା ପାଇଁ ରାଜସ୍ୱ, କୃଷି ଏବଂ ପରିସଂଖ୍ୟାନ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କୁ ତାଲିମ ଦିଆଯାଇଥିଲା। ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଯୋଜନାର ଗୁରୁତ୍ୱ ଏବଂ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେବାସହ ସମ୍ବେଦନଶୀଳତାକୁ ବିଚାର କରି ଧାନ ଫସଲର ଫସଲ କାଟ ପରୀକ୍ଷଣକୁ ସଠିକ ଭାବେ କରିବାକୁ ସମସ୍ତ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ରଙ୍କନିଧି ନାୟକ ଫସଲ ବୀମା ଅଧୀନରେ ଫସଲ କାଟ ପରୀକ୍ଷଣର ପ୍ରକ୍ରିୟା ଏବଂ ପଦ୍ଧତିକୁ ବିସ୍ତୃତ ଭାବେ ଆଲୋଚନା କରିବାସହ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ ପରିଚାଳନା କରିଥିଲେ।

### ମାଣ୍ଡିଆ ସକାଶେ ନାହିଁ ଉପଯୁକ୍ତ ବଜାର

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସରେ ପ୍ରଦର୍ଶନୀ

**ସମ୍ବଲପୁର, ୬।୧୧ (ସମିସ)**

ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ ହେବାସହ ଦୈନନ୍ଦିନ ଜୀବନରେ ଏହାର ବ୍ୟବହାରକୁ ପ୍ରାଧାନ୍ୟ ଦିଆଯାଉଛି। ମିଲେଟ୍ ମିଶନ ଜରିଆରେ ସରକାର ମାଣ୍ଡିଆର ପ୍ରଚାର ପ୍ରସାର କରୁଛନ୍ତି। ସେଥିପାଇଁ ସମ୍ବଲପୁର ଜିଲ୍ଲାର ୫ଟି ବ୍ଲକରେ ମାଣ୍ଡିଆ ଚାଷ କରାଯାଉଛି। କିନ୍ତୁ ଏଥିପାଇଁ ଆବଶ୍ୟକ ବଜାର ଉପଲବ୍ଧ ହେଉନଥିବା ଅଭିଯୋଗ ହେଉଛି। ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ କହିଛନ୍ତି, ମାଣ୍ଡିଆ ବ୍ୟବହାର କରି ଆମେ ପିଠାପଣା କରୁଛୁ। ପୂର୍ବ ସରକାର ମାଣ୍ଡିଆର ବ୍ୟବହାରକୁ ନେଇ ବିଭିନ୍ନ ଯୋଜନା ଆରମ୍ଭ କରିଥିଲେ। ତେବେ, ମାଣ୍ଡିଆର ବିକ୍ରୟ ପାଇଁ ବଜାର ପାଉନାହାନ୍ତି ଚାଷୀ। ସରକାର ବଜାର ବ୍ୟବସ୍ଥା ଯୋଗାଇଦେଲେ ପଡ଼ିଆ ପଡ଼ି ରହୁଥିବା ଜମି ଗୁଡ଼ିକରେ ଚାଷ କରିବା ପାଇଁ ଲୋକେ ଇଚ୍ଛୁକ ହୁଅନ୍ତେ ବୋଲି ସେ କହିଛନ୍ତି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମାଣ୍ଡିଆ ଦିବସର ମହତ୍ୱ ବିଷୟରେ ଆଲୋଚନା କରି ସମସ୍ତଙ୍କୁ ମାଣ୍ଡିଆର ବ୍ୟବହାର ଓ ଚାଷକୁ ଅଧିକ ପ୍ରସାରିତ କରିବା ଓ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ପ୍ରୟାସ କରିବାକୁ ଗୁରୁତ୍ୱାରୋପ କରିଥିଲେ।

ଆଜି ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ୨୦୨୫ ଉପଲକ୍ଷେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ' ପ୍ରାଙ୍ଗଣରେ ପ୍ରଦର୍ଶନୀ ଏବଂ ସଭା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି ଭୂଷଣ ପଟେଲ, ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ହୀରାଲାଲ ବେହେରା, ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଶିବ ପ୍ରସାଦ ବେହେରା ମଞ୍ଚାସୀନ ଥିଲେ। ମାଣ୍ଡିଆ ଦିବସ -୨୦୨୫ ଅବସରରେ ସମ୍ବଲପୁର ଜିଲ୍ଲାରେ ମାଣ୍ଡିଆ ଚାଷ ଓ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କୃଷକ, ସଂଗଠନ ଓ ମହିଳା ସଂଘମାନଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଶ୍ରେଷ୍ଠ ମାଣ୍ଡିଆ କୃଷକରେ ତାଇନସର ପଞ୍ଚାୟତର ଥିଆବେର୍ନାର ଦୀନବନ୍ଧୁ କିସାନ, ଶ୍ରେଷ୍ଠ ସଂରକ୍ଷକ କୃଷକ (ବେଷ୍ଟ କଷ୍ଟୋଡିଆନ୍ ଫାର୍ମର)ରେ ଜମନକିରା ବ୍ଲକର ଚୈତନ୍ୟ କିସାନ, ଶ୍ରେଷ୍ଠ ଏଫ୍.ଏ.ରେ ଜମନକିରା ବ୍ଲକର ସମ୍ବଲପୁର ଇଣ୍ଟିଗ୍ରେଟେଡ ଡେଭେଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍, ଶ୍ରେଷ୍ଠ ଏଫ୍.ପି.ଓ.ରେ କୁଚିଣ୍ଡାର ଧରଣୀଧରା ଚିଲି ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍. ଶ୍ରେଷ୍ଠ ମହିଳା ସ୍ୱୟଂସହାୟକ ଗୋଷ୍ଠୀରେ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ବିଜୟା ସ୍ୱୟଂସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା।





ସହରରେ ଅଖାଦ୍ୟର ପସରା

# ଖାଦ୍ୟ ନିରାପତ୍ତା ଅଧିକାରୀ ନିଖୋଜ !

**ସମ୍ବଲପୁର, ୬।୧୧(ସମିସ):**ଅଧିକାରୀଙ୍କ ସମ୍ବଲପୁରରେ ନିଯୁକ୍ତି। କିନ୍ତୁ ବାବୁ ରହୁଛନ୍ତି କଟକରେ। ମଝି ମଝିରେ ଆସି ସହରର କିଛି ସ୍ଥାନରେ ଚଢ଼ଉ କରୁଛନ୍ତି ।ସମ୍ବଲପୁର ମହାନଗର ନିଗମରେ ନିଯୁକ୍ତ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ନାଁରେ ଆସିଛି ଏଭଳି ଅଭିଯୋଗ। ଦଶହରା, ଦୀପାବଳି ସରିଲା। କିନ୍ତୁ ସମ୍ବଲପୁର ସହରର ୩-୪ଟି ସ୍ଥାନକୁ ଛାଡ଼ି କେଉଁଠି ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ ହେଲାନି ।କେବଳ ଲୋକ ଦେଖାଣିଆ କିଛି ସ୍ଥାନରେ ଚଢ଼ଉ କରି ବାବୁ ଛୁ ମାରିଲେ। ସମ୍ବଲପୁରରେ ନିଯୁକ୍ତି ପାଇଥିଲେ ମଧ୍ୟ ସେ ଏଠାରେ ରହୁନଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ କରିଛନ୍ତି ଖୋଦ୍ ଏସଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ। ନିୟମିତ ରହୁନଥିବାରୁ ତାଙ୍କୁ ଅନେକ ସମୟରେ ଖୋଜା ପଡ଼େ ହେଲେ ଦେଖାମିଳେନି। କେବଳ ବଡ଼ ହାକିମ ଡାକିଲେ ବାବୁ କଟକରୁ ଆସନ୍ତି ।ନହେଲେ ସମ୍ବଲପୁରରେ ତାଙ୍କ ପାଦ ପଡ଼େନି ବୋଲି ସେ କହିଛନ୍ତି। ଅନ୍ୟପଟେ, ଏବେ ସହରର ବହୁ ଉଠା ଖାଦ୍ୟ ଦୋକାନୀ ଓ ମିଠା ଦୋକାନ ବଢ଼ିଯାଇଛି। ପାଷ୍ଟଫୁଡ୍ ନାଁ ଲୋକଙ୍କୁ ବାସି ଖାଦ୍ୟ ଦିଆଯାଉଛି। ରଙ୍ଗ ମାରି ନାଲି କରି ଚିକେନ୍, ପନିର ସହ ଅନ୍ୟ ଖାଦ୍ୟ ସାମଗ୍ରୀ ବି ହେଉଛି। କିନ୍ତୁ ଏହାକୁ ଦେଖିବାକୁ କେହି ନାହାନ୍ତି। ଖାଦ୍ୟ ନିରାପତ୍ତା ବିଭାଗରେ ଜଣେ ଅଧିକାରୀ ଅଛନ୍ତି। ସେ ବି ମାସରେ ୨୦ ଦିନ ସମ୍ବଲପୁରରେ ରହୁନାହାନ୍ତି। ତେଣୁ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ତୁଳିକୁ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ହେଲେ ଲୋକଦେଖାଣିଆ ଚଢଉ କରି ଜରିମାନା ଆଦାୟ କରାଯାଉଛି।

ଦାବି ପୂରଣ ନେଇ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

# ଆନ୍ଦୋଳନରେ ଆୟୁଷ ଛାତ୍ରଛାତ୍ରୀ ଓ ହାଉସ୍ ସର୍ଜନ

ସମ୍ବଲପୁର, ୬।୧୧(ସମିସ)




ଗୁରୁବାର ଠାରୁ ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ସମ୍ବଲପୁରସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥିକ ଆଣ୍ଡ ରିସର୍ଚ୍ଚରେ ମଧ୍ୟ ପ୍ରଭାବ ଦେଖିବାକୁ ମିଳିଛି। ସମସ୍ତ ଛାତ୍ରଛାତ୍ରୀ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଦ୍ୱନ୍ଦ୍ୱରେ ପଡ଼ି ଏଭଳି ନିଷ୍ପତି ନେଇଥିବା କହିଛନ୍ତି। ଆଠଦଫା ଦାବି ପୂରଣ ନେଇ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସଚିବକୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିପାରିନଥିଲା। ତେଣୁ ଆୟୁଷ ଏହି ପ୍ରତିବାଦ ଜାରି ରଖିଛନ୍ତି। ସରକାର ଏ ସମ୍ବନ୍ଧରେ କୌଣସି ଉତ୍ତର ନ ରଖିବା ପର୍ଯ୍ୟନ୍ତ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ଛାତ୍ର ସଂଘ ସଭାପତି ପଳାଶ ରଞ୍ଜନ ପାଲ କହିଛନ୍ତି।

# କୁନ୍ତରା ଗ୍ରାମ୍ୟ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

**କୁଚିଣ୍ଡା, ୬।୧୧(ସମିସ):** ଗୋକୁଳ ପାର୍ବତୀ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି ।ଡଃ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଅଧ୍ୟକ୍ଷ ବିରଞ୍ଚିନାରାୟଣ ପଟେଲ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଅଧ୍ୟକ୍ଷ ଗୌରିଶଙ୍କର ପଟେଲ ଓ ଦୁର୍ଯ୍ୟୋଧନ ମେହେର ଯୋଗଦେଇ ମହାବିଦ୍ୟାଳୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣାର ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ପୂର୍ବତନ ଅଧ୍ୟକ୍ଷ ଗଗନ ଚନ୍ଦ୍ର ପଣ୍ଡାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ ନିଜର ଶୃଙ୍ଖଳା ଓ ଅଧ୍ୟବସାୟ ବଳରେ ଭବିଷ୍ୟତରେ ନିଜକୁ ସମାଜରେ ଏକ ବଳିଷ୍ଠ ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠିତ କରିପାରିବେ ସେ ଦିଗରେ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମକୁ ଅଧ୍ୟାପିକା ଦୀପିକା ବେହେରା ସଂଯୋଜନା କରିଥିଲେ ।ଓଡ଼ିଆ ବିଭାଗର ଅଧ୍ୟାପିକା ରତ୍ନମଞ୍ଜରୀ ସାହୁ ପ୍ରତିଷ୍ଠା ଦିବସର ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ତଥା ସମସ୍ତ ଛାତ୍ରଛାତ୍ରୀ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ। ସଂସ୍କୃତ ଅଧ୍ୟାପକ ତରୁଣ କୁମାର ପୃଷେଠ କାର୍ଯ୍ୟକ୍ରମର ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ଯୋଗୀନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।




# ଫିକା ପଡ଼ିଲା ଛାଡ଼ଖାଇ

**ସମ୍ବଲପୁର, ୬।୧୧ (ସମିସ) :**ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମହାନଦୀରେ ଡଙ୍ଗା ଭସାଇବା ସହ ଠାକୁର ଦର୍ଶନ କରି ପବିତ୍ର ଧର୍ମ ମାସ କାର୍ତ୍ତିକ ଶେଷ ହୋଇଛି। ସାଧାରଣତଃ ଏହା ପରଦିନ ଛାଡ଼ଖାଇ ପାଳନ କରାଯାଇଥାଏ। ଆମିଷ ବେପାରୀଙ୍କ ଜୋରସୋରରେ ବେପାର ହୋଇଥାଏ। ସମସ୍ତେ ଯାଇ ଦୋକାନ ସାମ୍ନାରେ ଭିଡ଼ କରିଥାନ୍ତି। ତେବେ ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣିମାର ପରଦିନ ମାଣବସା ଗୁରୁବାର ପଡ଼ିଛି। ସମ୍ବଲପୁରର ଘରେ ଘରେ ଆଜି ମାର୍ଗଶୀର ମାସର ପ୍ରଥମ ମାଣବସା ଗୁରୁବାର ପାଳିତ ହୋଇଯାଇଛି। ଘରଦ୍ୱାର ଲିପାପୋଛା କରି ଝୋଟି ପକାଇ ଶଙ୍ଖ ହୁଳହୁଳି ନାଦରେ ମହିଳାମାନେ ମା' ଲକ୍ଷ୍ମୀଙ୍କ ଆବାହନ କରିଛନ୍ତି। ବଜାରରେ ଫୁଲ ଓ ପୂଜା ଅନ୍ୟ ସାମଗ୍ରୀ ସହ ଧାନର ଶିକା ବା ଧାନଝରା ମିଳୁଥିବାବେଳେ ଲୋକେ ଠାକୁର ଘରେ ତାହାକୁ ସ୍ଥାପନ କରିଛନ୍ତି। ଲୋକେ ପିଠାପଣା କରି ଘରେ ଘରେ ଠାକୁର ପୂଜା କରି ତାହାକୁ ମାନିଛନ୍ତି। ଆଜି ଛାଡ଼ଖାଇ ବଜାର ଫିକା ପଡ଼ିଯାଇଛି। ଅନ୍ୟବର୍ଷ ଭଳି ଦିନତମାମ ସେମାନଙ୍କ ବ୍ୟବସାୟ ହୋଇପାରିନାହିଁ। କାର୍ତ୍ତିକ ପୂର୍ଣ୍ଣିମା ଏବଂ ମାଣବସା ଗୁରୁବାର ପ୍ରତ୍ୟେକ ଓଡ଼ିଆ ହିନ୍ଦୁ ପରିବାରରେ ଏକ ସ୍ୱତନ୍ତ୍ର ମହତ୍ତ୍ୱ ରଖୁଥିବାରୁ ଲୋକେ ଆଜି ଧାର୍ମିକ କାର୍ଯ୍ୟରେ ଲିପ୍ତ ରହିଥିବା ଦେଖାଯାଇଛି।

# କଳା ସଂସ୍କୃତି ପରମ୍ପରାର ଉତ୍ସବ ନାବକେଳି ସମ୍ପନ୍ନ

**ସମ୍ବଲପୁର, ୬।୧୧(ସମିସ):** ଡଙ୍ଗାପାଳ ଗ୍ରାମର କଳା ସଂସ୍କୃତି ପରମ୍ପରାର ଉତ୍ସବ ନାବକେଳି ଉଦ୍‌ଯାପିତ ହୋଇଛି। ଉତ୍ସବକୁ ବିବିସିସି କ୍ଲବ୍ ଡଙ୍ଗାପାଳ ଓ ଉତ୍ସବ ପରିବାର ସୋସିଆଲ ଆଣ୍ଡ କଲଚରାଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହୋଇଥିଲା। ଯାତ୍ରା କମିଟି ସଭାପତି ଜୟନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ମୁଖ୍ୟଅତିଥି, ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେର, ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ମହାପାତ୍ର, ନାରୀନେତ୍ରୀ ସୁସ୍ମିତା ରାଣୀ ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ମେଧାବୀ ଛାତ୍ରୀ ସମିତା ପ୍ରଧାନ, ମେଧାବୀ ଛାତ୍ର ସୁକାନ୍ତ ଭୋଇ, ହକିରେ ଅନୁକରଣ ଡୁଙ୍ଗଡୁଙ୍ଗ, ମିନାକ୍ଷୀ ମାଝୀ, ତୀରନ୍ଦାଜ ଚନ୍ଦୁ ନାଗ, ମିଶାର ଖାନ ଟପନୋ, ଲଭଲି ନାଏକ, ସୁସ୍ମିତା ହରୋ ଓ ବ୍ଲକ ସ୍ତରୀୟ ନବୋଦୟ, ମେଧା ବୃତ୍ତି ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଟପର ସମୀକ୍ଷା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ମୁଗ୍ଧା ଦାସ ମଞ୍ଚ ପରିଚାଳନା କରିଥିଲେ। କଣ୍ଠ ଶିଳ୍ପୀ ଉମାକାନ୍ତ ବାରିକ ଓ ଆଶିଷ କୁମାରଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ପାଦକ ବଣ୍ଟି ପ୍ରଧାନ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଦିବ୍ୟ କିଶୋର ପ୍ରଧାନ, କ୍ଲବ ସଭାପତି ସିପନ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଟଙ୍କଧର ପ୍ରଧାନ, ନିଶାନ୍ତ ପ୍ରଧାନ ପ୍ରମୁଖଙ୍କ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ୨୦୦ତମ ବର୍ଷରେ ପଦାର୍ପଣ ଯୁଯୁମୁରା ରାସୋତ୍ସବ। ସଭାପତି ଭୂପେନ୍ଦ୍ର ସିଂହ, ସମ୍ପାଦକ ବୀରେନ୍ଦ୍ର ନାୟକ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଉତ୍ସବ ପାଳନ କରାଯାଇଥିଲା। ସ୍ଥାୟୀ ସଭାପତି ଶ୍ରୀ ସିଂଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନ ସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି, ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା, ଶିକ୍ଷାବିତ ବନମାଳୀ ମିଶ୍ର, ସ୍ଥାନୀୟ ସରପଞ୍ଚ ବାସନ୍ତୀ ପ୍ରଧାନ, କେନ୍ଦୁଲିଭ୍ ରେଞ୍ଜର ସଞ୍ଜୟ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମୁରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାସୋତ୍ସବର ଇତିହାସ, ଐତିହ୍ୟ, ଲୋକପରମ୍ପରା ଓ ସଂସ୍କୃତି ସମ୍ପର୍କିତ ତଥ୍ୟ ସମ୍ମିଳିତ ଏକ ସ୍ମାରକ ସ୍ମରଣିକାକୁ ମୁଖ୍ୟ ଅତିଥି ଶ୍ରୀ ଭୋଇ ଉନ୍ମୋଚିତ କରିଥିଲେ। ସ୍ଥାନୀୟ କଳାକାର, ସାହିତ୍ୟିକ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପରେ ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ଉତ୍ସବରେ ଯୋଗ ଦେଇଥିଲେ। ୫ ଦିନ ଧରି ଆୟୋଜିତ ଉତ୍ସବର ପ୍ରତିଦିନ ସର୍ମ୍ଦା, ସଞ୍ଚାର, କୃଷ୍ଣଗୁରୁ, ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।



# ମୁକ୍ତେଶ୍ୱର ମନ୍ଦିରରେ ଭକ୍ତଙ୍କ ସମାବେଶ

**ଜମନକିରା, ୬।୧୧(ସମିସ):** ମୁକ୍ତେଶ୍ୱର ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ହଜାର ହଜାର ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଭୋରୁ ପୂଜା ରିତି ନୀତିରେ ପୂଜ ଶେଷ ହେବା ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମୁକ୍ତେଶ୍ୱର ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ସନ୍ଧ୍ୟାରେ ସ୍ୱତନ୍ତ୍ର ଭାବରେ ଦୀପ ସଜାଇ ମନ୍ଦିର ଶୋଭା ବର୍ଦ୍ଧନ କରାଯାଇଥିଲା ।ସଭାପତି ପିକେ କାନ୍ହାପାନ, ସାଲେକରାମ ପଧାନ, ରମେଶ ସାହୁ, ଆଦି ପ୍ରସାଦ ସାହୁ ପ୍ରଭୃତି ଯୋଗ ଦେଇଥିଲେ। ସେହିପରି ଶଗଡ଼େଶ୍ୱର, ଦେବେଶ୍ୱର, ଭୂତେଶ୍ୱର ମନ୍ଦିରରେ ମଧ୍ୟ ଭିଡ ଜମି ଥିଲା।



# ଭଗବତ୍ ପଠନ ଓ ସତ୍‌ସଙ୍ଗ

**ଜମନକିରା, ୬।୧୧ (ସମିସ):** ଜମନକିରା ଦଶ ଘରିଆ କ୍ଲବ୍ ଠାରେ କାର୍ତ୍ତିକ ମାସ ଆରମ୍ଭରୁ ପ୍ରତି ଦିନ ସନ୍ଧ୍ୟା ସମୟରେ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ କେଶବ ଚନ୍ଦ୍ରଙ୍କ ପୂଜା ସହ ଭଗବତ୍ ପଠନ ଓ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। କ୍ଷିତି ଜ୍ୟୋତି ଆଶ୍ରମ ଜମନକିରା ଶାଖା ପରିଚାଳକ ଛତୁ କଲେତ୍, ଉପପରିଚାଳକ ଅଶ୍ୱିନୀ ଜୟପୁରିଆ, ସଂଗଠକ ସୁରେନ୍ଦ୍ର ବୁଦା, କିଶୋର ବାଗ, ରବୀନ୍ଦ୍ର ଭଞ୍ଜ, ଅଶୋକ ଜାମଡାଳିଆ ଓ ପଢ଼ାର ସମସ୍ତଙ୍କ ମିଳିତ ଉଦ୍ୟମରେ ସମାପନ ହୋଇଥିଲା।



# ବ୍ଲକ୍‌ସ୍ତରୀୟ ଟ୍ୟାଲେଣ୍ଟ ହଣ୍ଟ ଶିବିର

**ଜମନକିରା, ୬।୧୧ (ସମିସ):** ଜମନକିରା ବ୍ଲକ ପ୍ରାଙ୍ଗଣ ମିଶନ ଶକ୍ତି ସଭା ଗୃହରେ ବ୍ଲକସ୍ତରୀୟ ଟ୍ୟାଲେଣ୍ଟ ହଣ୍ଟ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମମତା ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଙ୍ଗନବାଡି ୱାର୍କର, ଗ୍ରାମ ଓ ବିଦ୍ୟାଳୟର କିଶୋରୀମାନେ ଅଂଶ ଗ୍ରହଣ କରି ଗୀତ, ନୃତ୍ୟ ଏବଂ ଚିତ୍ରାଙ୍କନ ମାଧ୍ୟମରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ବବଲି ପ୍ରଧାନ, ଶଶାଙ୍କ ଶେଖର ଗଗରାଇ, ଛୋଟେଲାଲ ସାହୁ ଯୋଗ ଦେଇଥିଲେ।



# ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା



**ସମ୍ବଲପୁର, ୬।୧୧ (ସମିସ) :** ସମଗ୍ର ଶିକ୍ଷା ସମ୍ବଲପୁର ଆନୁକୂଲ୍ୟରେ ଗୁରୁବାର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲଠାରେ ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହେଇଯାଇଛି। ଏଥିରେ ଜିଲ୍ଲାର ୧୩ଟି ପିଏମ୍‌ଶ୍ରୀ ହାଇସ୍କୁଲରୁ ମନୋନୀତ ହେଇଆସିଥିବା ୫୨ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ସାଂସଦ ଭାବରେ ଆଦ୍ୟାଶା ମହାକୁଡ଼, ଅର୍ଚ୍ଚିତା ସାହୁ ଓ ଦିପ୍ତୀରଞ୍ଜନ ସାମନ୍ତ ଯୋଗ୍ୟ ବିବେଚିତ ହୋଇ ଜିଲ୍ଲା ପ୍ରେକ୍ଷାଳୟ ତପସ୍ୱିନୀରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପୁରସ୍କୃତ ହୋଇଥିଲେ। ବିଚାରକ ଭାବରେ ବରିଷ୍ଠ ସାମ୍ବାଦିକ ଶିବ ଶଙ୍କର ନନ୍ଦ, ଅଧ୍ୟାପକ ପ୍ରଦୀପ ମିଶ୍ର, ଅଧ୍ୟାପକ ପ୍ରଶାନ୍ତ ପ୍ରଧାନ ଓ ଶିକ୍ଷକ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପଟେଲ ଓ ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ହୀରାଲାଲ ବେହେରା ସମ୍ମାନିତ ଅତିଥି ଥିଲେ। ଛାୟା ସଂସଦ ପ୍ରତିଯୋଗିତା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ନେତୃତ୍ୱର ବିକାଶ ଓ ଉତ୍ତର ଦାୟିତ୍ୱ ପ୍ରତି ସଚେତନ କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚ ସଞ୍ଚାଳନ କରିଥିଲେ ବରିଷ୍ଠ ଶିକ୍ଷକ ରାମକୃଷ୍ଣ ରଥ। ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଲୋକିତା ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଛାୟା ସଂସଦ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ସମଗ୍ର ଶିକ୍ଷାର ସଂଯୋଜକ ପୁରୁଷୋତ୍ତମ ପ୍ରହରାଜ। ଜାତୀୟସ୍ତରରେ ଅଂଶଗ୍ରହଣ କରିଥିବା ଛାତ୍ରୀ ଅଙ୍କିତା ଗାଙ୍ଗୁଲି, ଶିକ୍ଷୟିତ୍ରୀ ଅନୁପମା ପଣ୍ଡା ତଥା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମର ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ସମ୍ବଲପୁର, ୬।୧୧ (ସମିସ)




ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହେଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟଅତିଥି, ଡିଏଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଏବଂ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି ଭୂଷଣ ପଟେଲ, ରେଢାଖୋଲ ବିଧାୟକଙ୍କ ପ୍ରତିନିଧି ହୀରାଲାଲ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଭାରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡଃ ବେହେରା ଛାତ୍ରଛାତ୍ରୀମାନେ ନିଜ ପ୍ରତିଭା ପ୍ରଦର୍ଶନ କରି ନିଜର ପରିଚୟ ସୃଷ୍ଟି କରିବା ଲାଗି ପ୍ରୟାସ କରିବା ଉଚିତ ବୋଲି କହିଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର କହିଲେ ଯେ, ସମ୍ବଲପୁର ଜିଲ୍ଲାର କଳା, ଐତିହ୍ୟ ଓ ସଂସ୍କୃତିର ଏକ ମହାନ ପରଂପରା ରହିଛି। ଲୁକ୍କାୟିତ ପ୍ରତିଭାର ବିକାଶ କରିବା ଲାଗି ଜିଲ୍ଲାସ୍ତରରେ ଛାତ୍ରଛାତ୍ରୀ ମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲଠାରେ ୯ଟି ବ୍ଲକରୁ ମନୋନୀତ ହୋଇ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଲିଖନ, କୁଇଜ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତବ୍ୟ ପ୍ରଦାନ, ଗୀତ, ନୃତ୍ୟ, ହସ୍ତାକ୍ଷର ଓ ଏମଡିଏମ ଶିଳ୍ପକଳା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୩୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆଜି ଅପରାହ୍ଣରେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ମୁଖ୍ୟଅତିଥି ଏବଂ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ଗୀତାଞ୍ଜଳି ଭୋଇ, ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଓ ପ୍ରଫେସର ଶିବପ୍ରସାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅବିନାଶ ସାହୁ, ରାଖି ମହାପାତ୍ର, ସତ୍ୟନାରାୟଣ ସାହୁ, ଅସୀମ ପ୍ରଧାନ ପ୍ରମୁଖ ମଞ୍ଚ ସଞ୍ଚାଳନ କରିଥିଲେ। ଉତ୍ସବକୁ ସମଗ୍ର ଶିକ୍ଷା ସଂଯୋଜକ ଅରୁଣ କୁମାର ଦାଶ ପରିଚାଳନା କରିଥିବାବେଳେ ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ, ପ୍ରଧାନଶିକ୍ଷକ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

ଚକ୍ରଧର ଧିର ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ


# ସିରୋଲକୁ ହରାଇ ମଶାଣିମୁଣ୍ଡା ଚାମ୍ପିଅନ



**କେସିଙ୍ଗା, ୬।୧୧(ସମିସ):** କେସିଙ୍ଗା ବ୍ଲକ ସିରୋଲ ଠାରେ ଚାଲିଥିବା ଷଷ୍ଠ ବାର୍ଷିକ ଚକ୍ରଧର ଧିର୍ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବ ସିରୋଲ 'ସହଜ' ସେଣ୍ଟର ଖେଳ ପଡ଼ିଆରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି ।ଉକ୍ତ ଟୁର୍ଣ୍ଣାମେଣ୍ଟରେ ସ୍ୱର୍ଗତ ଚକ୍ରଧର ଧିରଙ୍କ ପୁଅ ଭାଗବତ ପ୍ରସାଦ ଧିର ଏବଂ, କ୍ଷିରୋଦ୍ର ବାଗ ଆନୁଷ୍ଠାନିକ ଭାବେ ବାପାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଖେଳ କୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅଞ୍ଚଳର ୧୦ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ, ଫାଇନାଲ ମ୍ୟାଚ୍ ମାଁ ଖଲିଗଡ଼େନ ସିରୋଲ ଏବଂ ମଶାଣିମୁଣ୍ଡା ମଧ୍ୟରେ ହୋଇଥିଲା। ମଶାଣିମୁଣ୍ଡା ଦଳ ବିଜୟୀ ହୋଇଥିବା ବେଳେ ଟ୍ରଫି ସହିତ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା ।ସେହିପରି ଉପବିଜେତା ସିରୋଲ ମାଁ ଖଲିଗଡ଼େନ ଦଳକୁ ମଧ୍ୟ ନଗଦ ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ରାଜ୍ୟ ସ୍ତରୀୟ ଭଲିବଲ ଖେଳାଳି ରାହୁଲ ସେନାପତି, ସନି ଦେଓଲ ଖେଳ ପରିଚାଳନା କରିଥିବା ବେଳେ। କ୍ଷିରୋଦ ବାଗ, ମାନସ ରଞ୍ଜନ ମାଝୀ, ଲକ୍ଷ୍ମଣ ବଛା, ରାଜ ବାଗ, ଜୟେ ଅମ୍ବେ ଗୋଲ୍ଡ ଆର୍ଟସ କେସିଙ୍ଗା ଏବଂ ଭୋପାଲ ଟେଣ୍ଟ ହାଉସ ସିରୋଲର ବିଶେଷ ସହଯୋଗ ରହିଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ଭାରତୀୟଙ୍କ ପାଖରେ ବିଶ୍ୱବାସୀ ଅନେକ ଦୃଷ୍ଟିରୁ ଋଣୀ
-ଆଲବର୍ଟ ଆଇନଷ୍ଟାଇନ୍

## ମମ୍‌ଦାନୀ ମଡେଲ୍

ଭାରତୀୟ ବଂଶୋଦ୍ଭବ ଜୋହରାନ୍ ମମ୍‌ଦାନୀ ଅନେକ ସଂଘର୍ଷ, ଉତ୍‌ଥାନ-ପତନ ପରେ ଶେଷରେ ଆମେରିକାର ସମ୍ଭ୍ରାନ୍ତ ସହର ନ୍ୟୁୟର୍କର ସମ୍ମାନଜନକ ଓ ଗୁରୁତ୍ୱପୂର୍ଣ୍ଣ ମେୟର ଭାବେ ନିର୍ବାଚିତ ହୋଇଛନ୍ତି । ଏଥିସହିତ ଆମେରିକାର ରାଜନୈତିକ ଇତିହାସରେ ଅନେକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଯାଇଛି । ଏହି ପଦ ପାଇଁ ନିର୍ବାଚିତ ହେବାରେ ସେ ସର୍ବକନିଷ୍ଠ ଏବଂ ପ୍ରଥମ ଭାରତୀୟ ବଂଶୋଦ୍ଭବ ମୁସଲିମ୍ । ଇସ୍ରାଏଲ୍ ବିରୋଧୀ ଓ ପାଲେଷ୍ଟାଇନ୍ ସପକ୍ଷବାଦୀ ଭାବେ ଜଣାଶୁଣା ମମ୍‌ଦାନୀଙ୍କୁ ହରାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରାଣପଣେ ଚେଷ୍ଟା କରି ବିଫଳ ହୋଇଛନ୍ତି ଏବଂ ତାଙ୍କ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଏଥିସହିତ ଆମେରିକାର ସଦ୍ୟ ଜନ୍ମିତ ସାମ୍ପ୍ରଦାୟିକ-ରାଜନୀତିରେ ଏକ ନୂଆ ସମୀକରଣ ସୃଷ୍ଟି ହୋଇଛି । ଡେମୋକ୍ରାଟିକ୍ ପ୍ରାର୍ଥୀ ମମ୍‌ଦାନୀଙ୍କ କାର୍ଯ୍ୟଶୈଳୀ ସାମ୍ପ୍ରତିକ ଆମେରିକାରେ ମୁଣ୍ଡ ଟେକିଥିବା ନୂଆ ଚିନ୍ତାଧାରା ସହିତ କିଭଳି ଖାପ୍ ଖୁଆଇ ପାରିବ ଏବଂ ଟ୍ରମ୍ପଙ୍କ ସହିତ ସେ କିଭଳି ସମନ୍ୱୟ ଓ ସହଯୋଗ ରକ୍ଷା କରି କାମ କରିପାରିବେ ତାହା ଦେଖିବାକୁ ବିଶ୍ୱ ରାଜନୀତି ବିଶାରଦମାନେ ଉତ୍ସୁକତାର ସହିତ ଚାହିଁ ରହିଛନ୍ତି । ବିଶେଷକରି ମମ୍‌ଦାନୀଙ୍କ ବିଜୟ ଭାରତୀୟଙ୍କ ପାଇଁ ସେଠାରେ ସୃଷ୍ଟି ହୋଇଥିବା ଆଶଙ୍କା ଭିତରେ ଆଶାର କିରଣଟିଏ ସୃଷ୍ଟି କରିଛି ।

ସାମ୍ପ୍ରତିକ ବିଶ୍ୱରେ ପ୍ରବାସୀ ଭାରତୀୟମାନଙ୍କ ପ୍ରତି ଆମେରିକା ସମେତ କାନାଡ଼ା, ଅଷ୍ଟ୍ରେଲିଆ, ଇଂଲଣ୍ଡ ଆଦି ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ଦେଶମାନଙ୍କରେ ଅସୂୟା ବଢ଼ିବାରେ ଲାଗିଛି । ବିଶେଷକରି ହିନ୍ଦୁ ବୈଦିକ ସମାଜରେ ପ୍ରଚଳିତ ରକ୍ଷଣଶୀଳତାର ଦ୍ୱାହି ଦେଇ ଏବେ ଖ୍ରୀଷ୍ଟିଆନ୍‌ବହୁଳ ରାଷ୍ଟ୍ରବାସୀ ପ୍ରବାସୀ ହିନ୍ଦୁମାନଙ୍କୁ ଶାରୀରିକ ଓ ମାନସିକତା ନିର୍ଯାତନା ଦେବାର ନୂଆ ଧାରା ଆରମ୍ଭ ହୋଇଛି । ଯୁଦ୍ଧଗ୍ରସ୍ତ ଅସ୍ଥିର ଓ ଅଶାନ୍ତ ବିଶ୍ୱରେ ରକ୍ଷଣଶୀଳତାର ଅସୂୟା ନୁହେଁ, ବରଂ ଧର୍ମନିରପେକ୍ଷତାର ଉଦାରତା ହିଁ ବିକାଶ ପାଇଁ ଅପରିହାର୍ଯ୍ୟ, ଏଥିପ୍ରତି ଦୃଷ୍ଟି ଦେବାକୁ ସତେଯେପରି କେହି ଚାହାନ୍ତି ନାହିଁ । ଏକଦା ଇସ୍‌ଲାମ୍ ରାଷ୍ଟ୍ରମାନଙ୍କରେ ପ୍ରଚଳିତ କଟ୍ଟର ରୂଢ଼ିବାଦ ଧାରା ଏବେ ପାଶ୍ଚାତ୍ୟ ଦେଶମାନଙ୍କରେ କାୟାବିସ୍ତାର କରିବାରେ ଲାଗିଛି ଏବଂ ଏଥିରେ ପ୍ରବାସୀ ଭାରତୀୟମାନେ ହିଁ ସବୁଠାରୁ ଅଧିକ ବିପନ୍ନ ଓ ପ୍ରଭାବିତ ହେଉଛନ୍ତି । ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ସଭ୍ୟ, ବିକଶିତ ଓ ଶକ୍ତିଶାଳୀ ଦେଶ ଆମେରିକା ମଧ୍ୟ ଏଭଳି ରୂଢ଼ିବାଦୀ ପରିବେଶ ଗଠନ ପ୍ରୟାସରୁ ନିଜକୁ ଦୂରେଇ ରଖିପାରିନାହିଁ ।

ଆମେରିକାର ରାଜନୈତିକ-ସାମାଜିକ ପରିବେଶ କ୍ରମଶଃ ଅନୁଦାର ଓ ରକ୍ଷଣଶୀଳ ହେଉଛି । କେବଳ ଧର୍ମାନ୍ଧତା ନୁହେଁ, ଆବ୍ରାହମ୍ ଲିଙ୍କନ୍‌ଙ୍କ ପୂର୍ବସମୟର କଳା-ଗୋରା ଭେଦଭାବ ବା ବର୍ଣ୍ଣବୈଷମ୍ୟର ଉଗ୍ର ମାନସିକତା ପୁଣି ଥରେ ଆମେରିକୀୟଙ୍କ ମନରେ ଜମାଟ ବାନ୍ଧୁଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରାଷ୍ଟ୍ରବାଦୀ ଆଭିମୁଖ୍ୟ ଏହାକୁ ଇନ୍ଧନ ଯୋଗାଉଛି । ତେଣୁ ପ୍ରବାସୀମାନେ ଖ୍ରୀଷ୍ଟିଆନ୍ ଧର୍ମଗ୍ରହଣ କଲେ ମଧ୍ୟ ସେମାନେ ଯେ କଳା-ଗୋରା ଭେଦଭାବରୁ ସୁରକ୍ଷିତ ରହିବେ ସେହି ବିଶ୍ୱାସ ଆସୁନାହିଁ ।

ପୂର୍ବରୁ ପ୍ରବାସୀ ଭାରତୀୟମାନେ ଆମେରିକାବାସୀଙ୍କ ଦୃଷ୍ଟିରେ କମ୍ ଖର୍ଚ୍ଚରେ ଅଧିକ କାମ କରିପାରୁଥିବା ସଂଖ୍ୟାଲଘୁ ବର୍ଗର ଅଣରାଜନୈତିକ ମାନବ ସମ୍ବଳ ଭାବେ ବିବେଚିତ ହୋଇଆସୁଥିଲେ । କିନ୍ତୁ ଏବେ ଭାରତୀୟମାନଙ୍କୁ ଆମେରିକାର ସାଂସ୍କୃତିକ-ରାଜନୈତିକ-ସାମାଜିକ ପରମ୍ପରା ପ୍ରତି ବିପଦ ଭାବେ ସେଠାକାର ଅଧିବାସୀ ମନେ କରୁଛନ୍ତି । ଗତ ଦୀପାବଳୀ ଅବସରରେ ପ୍ରବାସୀ ଭାରତୀୟମାନଙ୍କ ବାଣଫୁଟା ପରମ୍ପରାକୁ ଆମେରିକୀୟମାନେ 'ସାଂସ୍କୃତିକ ଉପଦ୍ରବ' ଭାବେ ଅଭିହିତ କରିଛନ୍ତି । ଭାରତୀୟଙ୍କ ପ୍ରତି ଆମେରିକାର ଅସହିଷ୍ଣୁତା ଏତେ ବଢ଼ିଯାଇଛି ଯେ ପ୍ରବାସୀ ଓ ଭାରତୀୟ ବଂଶୋଦ୍ଭବମାନଙ୍କର ଧର୍ମାନ୍ତରୀକରଣ ସପକ୍ଷରେ ନିର୍ବିକାରରେ ମୁକ୍ତ ଭାବେ ମତ ପ୍ରକାଶ ପାଉଛି । ଖୋଦ୍ ଉପରାଷ୍ଟ୍ରପତି ଜେଡି ଭାନ୍ସ ତାଙ୍କ ଭାରତୀୟ ବଂଶୋଦ୍ଭବ ପତ୍ନୀଙ୍କୁ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିବାକୁ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହେଉଛି । ଆମେରିକାର ସାମାଜିକ-ସାଂସ୍କୃତିକ-ରାଜନୈତିକ ପରିବେଶର ଏଭଳି ଏକ ଘଡ଼ିସନ୍ଧି ବେଳାରେ ମୁସ୍‌ଲିମ୍ ଧର୍ମାବଲମ୍ବୀ ମମ୍‌ଦାନୀ କିଭଳି ଭାବେ ସେ ସବୁ ଆହ୍ୱାନର ମୁକାବିଲା କରିପାରିବେ ତାହା ଉପରେ ଆମେରିକାର ରାଜନୀତି ଓ ଭାବମୂର୍ତ୍ତି ଅନେକାଂଶରେ ନିର୍ଭର କରୁଛି ।

ଭାରତୀୟ ନିର୍ବାଚନୀ ରଣନୀତି ଅନୁକରଣରେ ଗରିବ ଲୋକଙ୍କୁ ରିହାତି ଦରରେ ରାସନ୍, ସ୍କୁଲ୍ ପିଲାମାନଙ୍କ ପାଇଁ ମାଗଣା ବସ୍ ସେବା, ମାଗଣା ଶିଶୁ ଯତ୍ନ ଭଳି ରେବିଡ଼ି ଯୋଜନାମାନ ଘୋଷଣା କରି ନିର୍ବାଚନରେ ଜିତାପଟ ହାସଲ କରିଥିବା ମମ୍‌ଦାନୀଙ୍କ ବିଜୟୀ ସମ୍ଭାଷଣରେ ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ଉଦ୍ଧୃତି ସ୍ଥାନ ପାଇଥିବା ବେଳେ ଭାରତୀୟ ଲୋକପ୍ରିୟ ହିନ୍ଦୀ ସଂଗୀତ 'ଧୂମ୍ ମଚାଲେ...'ର ସଂଗୀତ ପ୍ରଚ୍ଛଦପଟ୍ଟରେ ଶୁଭିଥିଲା । ତେଣୁ ଭାରତୀୟମାନେ ମମ୍‌ଦାନୀଙ୍କଠାରୁ ଅନେକ କିଛି ଆଶା କରୁଛନ୍ତି । ଏହାଛଡ଼ା ମମ୍‌ଦାନୀ ଆପଣେଇଥିବା ନେହେରୁଙ୍କ ପ୍ରଣୀତ ସାମାଜବାଦ-ଗଣତାନ୍ତ୍ରିକ ମଡେଲ୍ ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ରାଷ୍ଟ୍ର ଆମେରିକାରେ କେତେଦୂର ସଫଳ ଓ ପ୍ରଭାବଶାଳୀ ହୋଇପାରୁଛି ତାହାର ପରୀକ୍ଷା ନିରୀକ୍ଷା ପାଇଁ ନ୍ୟୁୟର୍କ ଏକ ପ୍ରୟୋଗଶାଳା ହୋଇଛି ।

ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ନ୍ୟୁୟର୍କ ଭଳି ମହଙ୍ଗା ସହରରେ ମମ୍‌ଦାନୀ କିଭଳି ତାଙ୍କ ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରିପାରିବେ ତାହା ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବ । ପ୍ରବାସୀ ଭାରତୀୟ ଓ ଭାରତୀୟଙ୍କ ପ୍ରଥମ ପସନ୍ଦର ସହର ହେଉଛି ନ୍ୟୁୟର୍କ । କିନ୍ତୁ ଟ୍ରମ୍ପଙ୍କ କଠୋର ପ୍ରବାସନ ନୀତିରେ ହାତକଡ଼ି ଓ ଗୋଡ଼ବେଡ଼ି ପିନ୍ଧାଇ ପଠାଇ ଦିଆଯାଉଥିବା ପ୍ରବାସୀ ଭାରତୀୟଙ୍କ ଯନ୍ତ୍ରଣା ପ୍ରବାସୀ ମମ୍‌ଦାନୀ କେତେ ଅନୁଭବ କରିପାରିବେ ଏବଂ ପ୍ରବାସୀ ଓ ଭାରତୀୟ ବଂଶୋଦ୍ଭବ ଭାବରେ ମୁସ୍‌ଲିମ୍ ସମ୍ପ୍ରଦାୟର ମମ୍‌ଦାନୀ ଆମେରିକାର ସାମ୍ପ୍ରଦାୟିକ ନବଉନ୍ମେଷରେ ହିନ୍ଦୁମାନଙ୍କ ବିରୋଧରେ ବୃଦ୍ଧି ପାଉଥିବା ଆକ୍ରୋଶକୁ ଅନ୍ତତଃ ତାଙ୍କ ସହରରେ କିଭଳି ମୁକାବିଲା କରିପାରୁଛନ୍ତି ତାହା ଉପରେ ଭାରତ, ଆମେରିକା ସମେତ ସମଗ୍ର ବିଶ୍ୱ ଚାହିଁ ବସିଛି । ନ୍ୟୁୟର୍କ ପରି ଆମେରିକାର ଉନ୍ନତ ଓ ସମ୍ଭ୍ରାନ୍ତ ସହରରେ ଯଦି 'ମମ୍‌ଦାନୀ ମଡେଲ୍' ଉଦାର ସାମାଜିକ-ରାଜନୈତିକ ସମୀକରଣର ନୂଆ ସୂତ୍ର ସୃଷ୍ଟି କରିପାରିଲା ତାହା ସମଗ୍ର ବିଶ୍ୱ ପାଇଁ ମାର୍ଗଦର୍ଶିକା ହେବ ।

## ଅସ୍ଥିର ଓ ଅଶାନ୍ତିର ଦୂତ

ସରୋଜ କାନ୍ତ ଚୌଧୁରୀ

ଚଳିତ ବର୍ଷର ମର୍ଯ୍ୟାଦାଜନକ ଶାନ୍ତି ନୋବେଲ୍ ପୁରସ୍କାର ପାଇବା ପାଇଁ ଭେନେଜୁଏଲାର ଗଣତନ୍ତ୍ରବାଦୀ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ମନୋନୀତ କରାଯାଇଛି । ଲାଟିନ୍ ଆମେରିକୀୟ ଦେଶ ଭେନେଜୁଏଲାର ଗଣତନ୍ତ୍ରବାଦୀ ବିରୋଧୀ ଦଳର ନେତ୍ରୀ ମାରିଆ ସେଠିକାର କ୍ଷମତାରେ ଥିବା ଏକଛତ୍ରବାଦୀ ଶାସକଙ୍କ ବିରୁଦ୍ଧରେ ଦୀର୍ଘବର୍ଷ ଧରି ସଂଗ୍ରାମ ଜାରି ରଖିଛନ୍ତି । ନୋବେଲ ଶାନ୍ତି ପୁରସ୍କାର ୧୮୦୧ମସିହାରୁ ପ୍ରଦାନ କରା ହୋଇ ଆସୁଛି । କିନ୍ତୁ ୨୦୨୫ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରାର୍ଥିତ୍ୱ ସପକ୍ଷରେ ଯେପରି ଭାବେ ଚାପ ସୃଷ୍ଟି ଓ ପ୍ରଚାର କରିଥିଲେ ତାହା ଅଭୂତପୂର୍ବ । ଟ୍ରମ୍ପ ୨୦୨୫ ଜାନୁୟାରୀ ୨୦ରୁ ରାଷ୍ଟ୍ରପତି ପଦରେ ଦ୍ୱିତୀୟ ବାର ଅଧିଷ୍ଠିତ ହେବା ପରେ ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ପାଇବାରେ ତାଙ୍କର ବ୍ୟକ୍ତିଗତ ଅଭିଳାଷ ଏବଂ ଆମେରିକାକୁ ପୁନଃ ଶ୍ରେଷ୍ଠ ପ୍ରତିପାଦିତ କରାଇବା(ମେକ୍ ଆମେରିକା ଗ୍ରେଟ୍ ଏଗେନ୍) ଦିଗରେ ତାଙ୍କର ନିର୍ବାଚନୀୟ ପ୍ରତିଶ୍ରୁତିକୁ ସାର୍ଥକ କରିବା ପାଇଁ ସମଗ୍ର ବିଶ୍ୱ ରାଜନୀତିକୁ ସେ ବର୍ତ୍ତମାନ ସମୟରେ ଗୋଳମାଳିଆ କରିଦେଇଛନ୍ତି ।

ବାରାକ୍ ଓବାମା ଆମେରିକାର ୪୪ତମ ରାଷ୍ଟ୍ରପତି ହିସାବରେ କାର୍ଯ୍ୟାରମ୍ଭ କରିବାର ମାତ୍ର ନଅ ମାସ ଭିତରେ ୨୦୦୯ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ । ଅନ୍ତର୍ଜାତୀୟ କୂଟନୀତିକ ସମ୍ପର୍କ ଓ ସଂହତି ବୃଦ୍ଧିରେ ଅନନ୍ୟ ଭୂମିକା ନିର୍ବାହ କରିଥିବାରୁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳିଥିଲା । ଓବାମାଙ୍କ ପରେ କ୍ଷମତାସୀନ ହୋଇଥିବା ରିପବ୍ଲିକାନ ନେତା ଡୋନାଲ୍ଡ ଟ୍ରମ୍ପ ଓବାମାଙ୍କ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ତାଚ୍ଛଲ୍ୟ କରି କହିଥିଲେ ଯେ ତାଙ୍କର ନାମ ଓବାମା ହୋଇଥିଲେ ସେ ମାତ୍ର ଦଶ ସେକେଣ୍ଡରେ ନୋବେଲ ଶାନ୍ତି ପୁରସ୍କାର ପାଇଥା'ନ୍ତେ । ଅର୍ଥାତ୍ ସେହିଦିନଠାରୁ ଟ୍ରମ୍ପଙ୍କର ବ୍ୟକ୍ତିଗତ ଅଭିଳାଷ ଜାଗ୍ରତ ହୋଇଥିଲା ଯେ ତାଙ୍କର ରାଷ୍ଟ୍ରପତି କାର୍ଯ୍ୟକାଳ ମଧ୍ୟରେ ସେ ନିଶ୍ଚିତ ହକଦାର ହେବେ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ । ତେଣୁ ତାଙ୍କର ଦ୍ୱିତୀୟ ଦଫା କାର୍ଯ୍ୟକାଳର ଆଠ ମାସ ମଧ୍ୟରେ ବିଭିନ୍ନ ସମୟରେ ଗଣମାଧ୍ୟମ ଆଗରେ କେତେବେଳେ ଛଅଟି, କେତେବେଳେ ସାତଟି ଆଉ କେତେବେଳ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିପାରିଛନ୍ତି ବୋଲି ତାଲିକା ଜାରି କରି ନୋବେଲ ଶାନ୍ତି ପୁରସ୍କାର ପାଇଁ ନିଜକୁ ସବୁଠାରୁ ଯୋଗ୍ୟ ବୋଲି ପ୍ରମାଣିତ କରିବାରେ ଲାଗିଲେ ।

ତଥାକଥିତ ସେଇ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିବା ସମ୍ବନ୍ଧରେ ନିରପେକ୍ଷ ବିଶେଷଜ୍ଞଙ୍କ ପର୍ଯ୍ୟାଲୋଚନା ସଂକ୍ଷେପରେ ଏହିପରି । ଆଠଟି ଯୁଦ୍ଧରୁ ଦୀର୍ଘ ଦିନ ଧରି ଚାଲିଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂଘର୍ଷ, ଯେଉଁଥିରେ ବ୍ୟାପକ ଧନଜୀବନ କ୍ଷତି ଘଟି ଚାଲିଛି, ତାହାହେଲା ରୁଷ-ୟୁକ୍ରେନ ଯୁଦ୍ଧ(ଆରମ୍ଭ ୨୪ ଫେବୃୟାରୀ୨୦୨୨) ଓ ଇସ୍ରାଏଲ୍-ହମାସ୍ ଯୁଦ୍ଧ (ଆରମ୍ଭ ୭ଅକ୍ଟୋବର୨୦୨୩) । କିନ୍ତୁ ଏହି ଯୁଦ୍ଧ ଦୁଇଟି ବନ୍ଦ କରିବା ଦିଗରେ ଟ୍ରମ୍ପଙ୍କ ମଧ୍ୟସ୍ଥତା ଲାଭପ୍ରଦ ହୋଇପାରି ନାହିଁ । କେବଳ ସେ କିଛିଟା ହାକିମାତି କରି ଯଥାକ୍ରମେ ପ୍ରାଥମିକ ଭାବରେ ରୁଷ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ତାଙ୍କ ସହିତ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତ୍ୟାନ୍ୟାହୁଙ୍କୁ ହମାସ ପ୍ରତିପକ୍ଷଙ୍କ ସହ ଆଲୋଚନା ଟେବୁଲକୁ ଆଣିଛନ୍ତି । ଆମେରିକାର ମଧ୍ୟସ୍ଥତାରେ ଅକ୍ଟୋବର ପ୍ରଥମ ସପ୍ତାହରେ ଇସ୍ରାଏଲ ଓ ହମାସ୍ ମଧ୍ୟରେ ରାଜିନାମା ହୋଇ ସାମୟିକ ଭାବରେ ଗାଜାର କିଛି ଇଲାକାରୁ ଇସ୍ରାଏଲ ସୈନ୍ୟ ଅପସାରଣ କରିଥିଲା ଏବଂ ତା'ବଦଳରେ ହମାସ୍ କିଛି ମୃତ ଓ ଜୀବିତ ଇସ୍ରାଏଲୀ ନାଗରିକଙ୍କୁ ବନ୍ଧକରୁ ମୁକ୍ତ କରିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଉଭୟ ରାଜିନାମାକୁ ଉଲ୍ଲଂଘନ କରିବା ଦ୍ୱାରା ସଂଘର୍ଷ ଜାରି ରହିଛି ।

ସେମିତି ଆର୍ମେନିଆ ଓ ଆଜର୍ବାଇଜାନ୍ ମଧ୍ୟରେ, ରୁଆଣ୍ଡା ଓ କଙ୍ଗୋ ମଧ୍ୟରେ ବିବାଦ । ଯଦିଓ ପଡ଼ୋଶୀ ଦେଶ ହିସାବରେ ସେମାନଙ୍କ ମଧ୍ୟରେ ଅନେକ ଦିନ ହେଲା ବିବାଦ ରହି ଆସିଛି, ବର୍ତ୍ତମାନ ସମୟରେ ସେମିତି ପୂର୍ଣ୍ଣଯୁଦ୍ଧ ହୋଇ ଧନଜନ କ୍ଷୟ ଘଟି ନଥିଲା । ହୁଏତ ଟ୍ରମ୍ପ ନିଜ ସପକ୍ଷରେ ନୋବେଲ ଶାନ୍ତି ପୁରସ୍କାର ସୁପାରିସ ପାଇଁ ବାଣିଜ୍ୟରେ ସେହି କ୍ଷୁଦ୍ର ଦେଶମାନଙ୍କୁ ସୁବିଧା ଦେବା ଭିତ୍ତିରେ କିଛି ଗୋଟେ ରାଜିନାମା କରାଇ ନେଇଥିଲେ, ଯାହା କୌଣସି ଦୀର୍ଘମିଆଦୀ ବ୍ୟବସ୍ଥା ନଥିଲା । ଏବେ ସ୍ଥିତି 'ଯଥା ପୂର୍ବଂ ତଥା ପରଂ' । ଚଳିତ ବର୍ଷ ଜୁନ୍ ମାସରେ ସମାପ୍ତ ହୋଇଥିବା ଇରାନ୍-ଇସ୍ରାଏଲ ଯୁଦ୍ଧରେ ଆମେରିକା ଇରାନକୁ ପରମାଣୁ ଶକ୍ତି ବିକଶିତ କରିବାରୁ ବଞ୍ଚିତ କରିବାକୁ ତା'ଉପରେ ଇସ୍ରାଏଲ ସହିତ ମିଶି ବୋମାମାଡ଼ କରି ସଫଳ ହୋଇଥିଲା ଏବଂ ବାରଦିନର ଯୁଦ୍ଧ ପରେ ଏଥିରୁ ବିରତ ରହିଥିଲା । ଏଥିରେ ମଧ୍ୟ ଟ୍ରମ୍ପ ନୋବେଲ ପୁରସ୍କାର ପାଇଁ ଅନୁଗତ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କଠାରୁ ସୁପାରିସ ଆଦାୟ କରିଥିଲେ । ଥାଇଲାଣ୍ଡ ଓ କାମ୍ବୋଡ଼ିଆ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଗୋଟିଏ ସପ୍ତାହର ଯୁଦ୍ଧ ପରେ ଯୁଦ୍ଧ ବିରତି ଘୋଷଣା କରିଥିଲେ, ଯାହା ଅବଶ୍ୟମ୍ଭାବୀ ଥିଲା ମାଲେସିଆର ମଧ୍ୟସ୍ଥତା ଦ୍ୱାରା । କିନ୍ତୁ ଯେହେତୁ ଦୁଇ ଦେଶର ଅର୍ଥନୀତି ଆମେରିକା ସହିତ ବାଣିଜ୍ୟ ଉପରେ ନିର୍ଭରଶୀଳ ତେଣୁ ଟ୍ରମ୍ପ ବାଣିଜ୍ୟ ରାଜିନାମା କରେଇ ସେମାନଙ୍କଠାରୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ପାଇଥିଲେ ସୁପାରିସପତ୍ର ।

ଭାରତର 'ଅପରେସନ ସିନ୍ଦୂର' ଥିଲା ପାକିସ୍ତାନରେ ଲୁଚିଥିବା ଆତଙ୍କବାଦୀଙ୍କ ବିପକ୍ଷରେ ଏକ ସଂକ୍ଷିପ୍ତ ବାୟୁସେନା କାର୍ଯ୍ୟାନୁଷ୍ଠାନ । ମେ' ମାସ ୭ ତାରିଖରୁ ମେ ୧୦ ତାରିଖ ମଧ୍ୟରେ ଅନୁଷ୍ଠିତ ଏହି ଅଭିଯାନର ଲକ୍ଷ୍ୟ ପୂରଣ ହେବା ପରେ ପାକିସ୍ତାନର ସାମରିକ କର୍ତ୍ତୃପକ୍ଷଙ୍କ ଅନୁରୋଧକ୍ରମେ ଭାରତୀୟ ସେନା ଦ୍ୱାରା ଯୁଦ୍ଧ ବିରତି କରାଯାଇଥିଲା । ଏହା ଦ୍ୱିପାକ୍ଷିକ ରାଜିନାମା ଥିଲା ଏବଂ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବ୍ୟକ୍ତିଗତ ଭାବରେ କିଛି ଭୂମିକା ନଥିଲା ବୋଲି ଭାରତ ସରକାରଙ୍କ ଦ୍ୱାରା କୁହାଯାଇଛି । ପାକିସ୍ତାନ ଆମେରିକା ସହିତ ବାଣିଜ୍ୟ ସୁବିଧା ପାଇବା ଲକ୍ଷ୍ୟରେ ଟ୍ରମ୍ପଙ୍କୁ ଯୁଦ୍ଧ ବିରତିର ଶ୍ରେୟ ଦେଇ ତାଙ୍କ ନାମକୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ସୁପାରିସ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେଠିକାର ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇସାକ୍‌ଦାର ସ୍ୱୀକାର କରିଥିଲେ ଯେ ଏହା ଦୁଇ ଦେଶର ସାମରିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଥିଲା ଏକ ଦ୍ୱିପାକ୍ଷିକ ବିଷୟ ।

ଆଉ ଦୁଇଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିବାର ଦାବି କରିଥିଲେ ଟ୍ରମ୍ପ । ସେଗୁଡ଼ିକ ହେଲା ଇଜିପ୍ଟ ଓ ଇଉଥୋପିଆ ମଧ୍ୟରେ ନୀଳ ନଦୀର ଜଳ ବଣ୍ଟନ ସମ୍ବନ୍ଧୀୟ ଏବଂ ସର୍ବିଆ ଓ କୋଶୋଭ ମଧ୍ୟରେ ସୀମା ସମ୍ବନ୍ଧୀୟ ବିବାଦ । ପ୍ରକୃତ ପକ୍ଷେ ଏହି ଦେଶମାନଙ୍କ ପରସ୍ପର ମଧ୍ୟରେ ସମସ୍ୟା ଥିଲେ ମଧ୍ୟ ସେମାନେ ଯୁଦ୍ଧ କରିନଥିଲେ । ତେଣୁ ଯୁଦ୍ଧ ବନ୍ଦ କରିବାର ପ୍ରଶ୍ନ ନଥିଲା । ତେଣୁ ଏହିସବୁ ଆଲୋଚନାରୁ ପ୍ରତୀୟମାନ ହେବା କଥା ଟ୍ରମ୍ପଙ୍କ ତଥାକଥିତ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିଥିବାର ଦାବି କେବଳ ନରୱେ ନୋବେଲ କମିଟି ଉପରେ ଚାପ ପାଇଁ ଉଦ୍ଦିଷ୍ଟ ଥିଲା । ଅନ୍ୟଥା ବିଶ୍ୱରେ ସ୍ଥାୟୀ ଶାନ୍ତି ବାହାଲ ସମ୍ଭାବନା ଅନେକ ଦୂରରେ ଅଟକି ଯାଇଥିଲା । ଅବଶ୍ୟ ବଡ଼ଭାଇ ପଣିଆ ଦେଖାଇ ଅନେକ ଛୋଟଛୋଟ ଦେଶ ସହିତ ଆମେରିକାର ସ୍ୱାର୍ଥ ଅନୁଯାୟୀ ବାଣିଜ୍ୟ ଚୁକ୍ତି କରିବାରେ ସଫଳ ହୋଇପାରିଥିଲେ ଡୋନାଲ୍ଡ ଟ୍ରମ୍ପ ।

ଗଣମାଧ୍ୟମରେ ବିଶ୍ୱଶାନ୍ତି ପାଇଁ ଯୁଦ୍ଧ ବନ୍ଦ କରିବାର ଆକର୍ଷକ ଭାଷଣ ଦେଉଥିବା ଡୋନାଲ୍ଡ ଟ୍ରମ୍ପ କାର୍ଯ୍ୟକ୍ଷେତ୍ରରେ ବିପରୀତ କାର୍ଯ୍ୟ କରିବାର ଦୃଷ୍ଟାନ୍ତ ରହିଛି । ସେ ୨୦୧୫ ପ୍ୟାରିସ ଜଳବାୟୁ ବୁଝାମଣାରୁ ଓହରି ଆସିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଓହରି ଯାଇଛନ୍ତି, ଯୁଦ୍ଧାସ୍ତ୍ର ନିରସ୍ତ୍ରୀକରଣ ପାଇଁ ହୋଇଥିବା ରାଜିନାମାକୁ ଉଲ୍ଲଂଘନ କରିଛନ୍ତି, ଯାହା ବିଶ୍ୱରେ ମାରାତ୍ମକ ଅସ୍ତ୍ରଶସ୍ତ୍ର ବ୍ୟବହାର ପାଇଁ ପଥ ପରିଷ୍କାର କରିଦେଇଛି । ଅଧିକନ୍ତୁ ନାଟୋର ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ହୋଇ ତା'ର ଭୂମିକାକୁ ପରିହାସ କରୁଥିଲା ବେଳେ ମିଳିତ ଜାତିସଂଘକୁ ନ୍ୟୂନ କରିବା ପାଇଁ ଆର୍ଥିକ ସହାୟତା ମଧ୍ୟ କମାଇ ଦେଇଛନ୍ତି । ସର୍ବୋପରି ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ଟାରିଫ୍ ଯୁଦ୍ଧର ଆହ୍ୱାନ ଦେଇ ଅସ୍ଥିରତା ସୃଷ୍ଟି କରିଛନ୍ତି । ଭାରତ ଭଳି ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଓ ଚତୁର୍ଥ ବୃହତ୍ତମ ଅର୍ଥନୈତିକ ଶକ୍ତି ଏବଂ ଆମେରିକାର ଏପର୍ଯ୍ୟନ୍ତ ବନ୍ଧୁଭାବାପନ୍ନ ବିବେଚିତ ହେଉଥିବା ଦେଶ ବିରୋଧରେ କାର୍ଯ୍ୟାନୁଷ୍ଠାନ ତାଙ୍କୁ ବିଶ୍ୱ ରାଜନୀତିରେ ଜଣେ ସ୍ୱେଚ୍ଛାଚାରୀ ଅସ୍ଥିରତା ସୃଷ୍ଟିକାରୀ ବିବାଦୀୟ ବ୍ୟକ୍ତି ଭାବେ ପରିଚିତ କରାଇଛି । ତାଙ୍କ ବ୍ୟକ୍ତିତ୍ୱର ସାମଗ୍ରିକ ଚିତ୍ର ବିଶ୍ୱ ଐକବଦ୍ଧତା ପାଇଁ ଉଦ୍ଦିଷ୍ଟ ନ ହୋଇ ବରଂ ସେଥିରେ ବିଭେଦ ଆଣିଲା ଭଳି ପ୍ରତୀୟମାନ ହେଉଛି ।


କଟକ, ମୋ: ୯୪୩୭୩୬୦୯୮୧

## ଭାରତରେ ବାୟୁ ପ୍ରଦୂଷଣ ଜନିତ ମୃତ୍ୟୁ

ଇଂ ମାୟାଧର ସ୍ୱାଇଁ

ପୃଥିବୀର ଅନେକ ଦେଶରେ ଅନୁମୋଦିତ ମାତ୍ରାଠାରୁ ବାୟୁ ପ୍ରଦୂଷଣ ଅଧିକ ଥିଲେ ସୁଦ୍ଧା ଭାରତରେ ଏହା ସାଙ୍ଘାତିକ ରୂପ ନେଇଛି । ଦେଶର ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ଏତେ ପରିମାଣରେ ବୃଦ୍ଧି ପାଇଛି ଯେ ଅନେକ ସମୟରେ ସ୍କୁଲ ଓ କଲେଜ ବନ୍ଦ କରିବାକୁ ପଡୁଛି । ଏହାର ନିୟନ୍ତ୍ରଣ ପାଇଁ ଦିଲ୍ଲୀ ସରକାର ନିକଟରେ କୃତ୍ରିମ ବର୍ଷା କରିବା ପାଇଁ ଚେଷ୍ଟା କରିଥିଲେ । ପୃଥିବୀର ଅତିପ୍ରଦୂଷିତ କୋଡ଼ିଏଟି ସହର ମଧ୍ୟରେ ଭାରତର ପନ୍ଦରଟି ସହର ରହିଛି ।

ବାୟୁ ପ୍ରଦୂଷଣ ଯୋଗୁଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି । ନିକଟରେ ଲାନସେଟ୍ ସଂସ୍ଥା ପ୍ରକାଶ କରିଥିବା ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ବାୟୁ ପ୍ରଦୂଷଣ ଯୋଗୁଁ ସମଗ୍ର ପୃଥିବୀରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୭୦ ପ୍ରତିଶତ ହେଉଛନ୍ତି ଭାରତର । ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଓ ଲଣ୍ଡନ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ପ୍ରସ୍ତୁତ କରିଥିବା ଏହି ରିପୋର୍ଟ ଅନୁଯାୟୀ ମନୁଷ୍ୟକୃତ ବାୟୁ ପ୍ରଦୂଷଣ ଯୋଗୁଁ ଭାରତରେ ପ୍ରତିବର୍ଷ ପ୍ରାୟ ସତର ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି । ଏହି ସଂଖ୍ୟା ହେଉଛି ୨୦୧୦ ମସିହା ତୁଳନାରେ ୩୮ ପ୍ରତିଶତ ଅଧିକ । ତୁଳନାତ୍ମକ ଭାବେ ସମଗ୍ର ପୃଥିବୀରେ ବାୟୁ ପ୍ରଦୂଷଣ ଯୋଗୁଁ ପ୍ରାୟ ୨୫ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ ।



ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି କୋଇଲା ଓ ପେଟ୍ରୋଲିୟମ ଭଳି ଜୀବାଶ୍ମ ଇନ୍ଧନର ଦହନ । ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ବିଭିନ୍ନ କଳକାରଖାନାରେ କୋଇଲା ବ୍ୟବହାର ଯୋଗୁଁ ଅଧିକ ପରିମାଣରେ ବାୟୁ ପ୍ରଦୂଷଣ ହୋଇଥାଏ । ଯାନବାହନରେ ପେଟ୍ରୋଲ, ଡିଜେଲ ଆଦିର ବ୍ୟବହାରରୁ ବାୟୁମଣ୍ଡଳକୁ ପିଏମ ୨.୫ ସମେତ ଅନ୍ୟ ପ୍ରଦୂଷଣ ନିର୍ଗତ ହୋଇଥାଏ । ରାସ୍ତା ଓ କୋଠାବାଡ଼ି ନିର୍ମାଣ, ଜଙ୍ଗଲ ପୋଡ଼ି, ନଡ଼ା ପୋଡ଼ି ମଧ୍ୟ ବାୟୁପ୍ରଦୂଷଣର ଅନ୍ୟ କାରଣ । ପଞ୍ଜାବ, ହରିଆଣା ଓ ଉତ୍ତର ପ୍ରଦେଶରେ ଫସଲ ଅମଳ ପରେ ଏହାର ଅବଶେଷଗୁଡ଼ିକୁ ଜାଳିଦେବା ଦ୍ୱାରା ଦିଲ୍ଲୀ ସମେତ ଆଖପାଖରେ ପ୍ରଦୂଷଣ ମାତ୍ରା ବଢ଼ୁଛି ।

ଲାନସେଟ୍ ରିପୋର୍ଟ ଅନୁଯାୟୀ ଭାରତରେ ବାୟୁ ପ୍ରଦୂଷଣ ମୃତ୍ୟୁରେ କୋଇଲା ଓ ତରଳ ଗ୍ୟାସ୍ ଇନ୍ଧନ ୪୪ ପ୍ରତିଶତ ପାଇଁ ଦାୟୀ । ଏଥିଯୋଗୁଁ ବର୍ଷକୁ ୭୫୨୦୦୦ ମୃତ୍ୟୁ ଘଟୁଛି । ଯାନବାହନ ପ୍ରଦୂଷଣ ଯୋଗୁଁ ୨୬୯୦୦ ମୃତ୍ୟୁ ହେଉଛି । ୨୦୨୦-୨୦୨୪ ମସିହା ପର୍ଯ୍ୟନ୍ତ ଜଙ୍ଗଲ ନିଆଁ ପ୍ରଦୂଷଣ ଯୋଗୁଁ ବର୍ଷକୁ ହାରାହାରି ୧୦୨୦୦ ଲୋକଙ୍କ ମୃତ୍ୟୁ ହୋଇଛି । ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସକ୍ରିୟା ଜନିତ ଓ ହୃତ୍‌ପିଣ୍ଡ ରୋଗ ହୋଇଥାଏ । ଏହା ଫୁସଫୁସରେ କର୍କଟ ରୋଗ ମଧ୍ୟ ସୃଷ୍ଟି କରିଥାଏ ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ । ବାୟୁ ପ୍ରଦୂଷଣ ବିଶେଷଭାବେ ଶିଶୁ ଓ ବରିଷ୍ଠ ନାଗରିକମାନଙ୍କ ଅଧିକ କ୍ଷତି କରିଥାଏ । ଏହା ଆଲଜେମିର ଓ ପାର୍କିନସନ ଭଳି ମାନସିକ ରୋଗ ସୃଷ୍ଟି କରିଥାଏ ।

ଆମ ଦେଶରେ ସମଗ୍ର ବିଦ୍ୟୁତ୍ ଉତ୍ପାଦନର ୫୦ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଆସୁଛି । ତାପଜ ବିଦ୍ୟୁତ୍ ହେଉଛି ଜଳବାୟୁ ପରିବର୍ତ୍ତନର ଅନ୍ୟ ଏକ କାରଣ । ଏଣୁ ଅନ୍ତର୍ଜାତୀୟ ସ୍ତରରେ ଏହାର ପରିମାଣକୁ ହ୍ରାସ କରି ଅକ୍ଷୟ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ଦିଆଯାଇଛି । ଖୁସିର କଥା ଯେ ୨୦୨୫ ମସିହାର ପ୍ରଥମାର୍ଦ୍ଧରେ ସମଗ୍ର ବିଶ୍ୱରେ ଅକ୍ଷୟ ଶକ୍ତିରୁ ଅଧିକ ବିଦ୍ୟୁତ୍ ଉତ୍ପାଦିତ ହୋଇଛି । ଭାରତ ସରକାର ୨୦୩୦ ମସିହା ସୁଦ୍ଧା ଅକ୍ଷୟ ଶକ୍ତିର ପ୍ରତିଷ୍ଠିତ କ୍ଷମତା ୫୦୦ ଗିଗାୱାଟ୍‌ରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହାର ପରିମାଣ ଯେତେ ଅଧିକ ହେବ ଜଳବାୟୁ ପରିବର୍ତ୍ତନ ହ୍ରାସ ହେବା ସହିତ ବାୟୁ ପ୍ରଦୂଷଣ ମଧ୍ୟ କମ ହୋଇ ପାରିବ ।

ବାୟୁ ପ୍ରଦୂଷଣର ଅନ୍ୟତମ ଉତ୍ସ ହେଉଛି ଯାନବାହନ । ଏହାର ନିରାକରଣ ପାଇଁ ବିଦ୍ୟୁତ୍‌ଚାଳିତ ଯାନର ବିକାଶ କରାଯାଇଛି । କିନ୍ତୁ ଅଧିକ ମୂଲ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଅସୁବିଧା ଯୋଗୁଁ ଏହା ଅଧିକ ଲୋକଙ୍କୁ ଆକୃଷ୍ଟ କରିପାରିନାହିଁ । ମାତ୍ର ପ୍ରଯୁକ୍ତି ବିଦ୍ୟାର ବିକାଶ ସହିତ ଏହି ଅସୁବିଧାଗୁଡ଼ିକ କ୍ରମଶଃ ଦୂର ହୋଇପାରିବ । ୨୦୩୦ ମସିହା ପରେ ଭାରତରେ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନବାହନର ଉତ୍ପାଦନ ବନ୍ଦ କରିଦେବା ପାଇଁ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେଇଛନ୍ତି । ଉଦଜାନ ଇନ୍ଧନ ମଧ୍ୟ ହେଉଛି ଯାନବାହନ ପାଇଁ ଅନ୍ୟ ଏକ ବିକଳ୍ପ ଉତ୍ସ । ଏହାର ବିକାଶ ପାଇଁ ଯୋଜନା ଚାଲିଛି ।

ଦେଶର ପ୍ରତ୍ୟେକ ନାଗରିକଙ୍କୁ ଶୁଦ୍ଧ ଜଳ ଶୁଦ୍ଧ ବାୟୁ ଦେବା ହେଉଛି ସରକାରଙ୍କ ନୈତିକ କର୍ତ୍ତବ୍ୟ । ଏବେ ମଧ୍ୟ ଗ୍ରାମାଞ୍ଚଳରେ ଅନେକ ରୋଷେଇ ଘରେ କାଠ ଓ କୋଇଲା ଚୁଲି ବ୍ୟବହୃତ ହେଉଛି ଏବଂ ଏଥିଯୋଗୁଁ ଅନେକ ମହିଳା ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଗତ କେତେବର୍ଷ ଧରି ସମସ୍ତଙ୍କୁ ଗ୍ୟାସ୍ ଚୁଲା ଦେବାର ପ୍ରୟାସ ଚାଲିଥିଲେ ମଧ୍ୟ ଏହା ଶତ ପ୍ରତିଶତ ସଫଳ ହୋଇପାରିନାହିଁ । ମୋଟାମୋଟି କହିଲେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାରଙ୍କ ଚେଷ୍ଟା ଚାଲିଛି ଏବଂ ବିଚାରାଳୟର ନିର୍ଦ୍ଦେଶ ମଧ୍ୟ ଆସୁଛି । ଲୋକମାନଙ୍କର ସୁସ୍ଥ ଜୀବନଯାପନ ପାଇଁ ଏହାକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮ ୬୯୩୭୨୪

## 'ଘଟକୁଦେବତା' ଭାବେ ପୂଜା ପାଆନ୍ତି ଘଟୋତ୍କଚ

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପଞ୍ଚୁପାଣ୍ଡବଙ୍କ ବନବାସ ସମୟରେ ବଳଶାଳୀ ଭୀମଙ୍କର ବିବାହ ଘଟଣାକ୍ରମେ ଅସୁରୁଣୀ ହିଡ଼ିମ୍ବାଙ୍କ ସହିତ ହୋଇଥିଲା । ସେମାନଙ୍କ ଔରସରୁ ଘଟୋତ୍କଚ ନାମକ ଅତ୍ୟନ୍ତ ବଳଶାଳୀ ପୁତ୍ରର ଜନ୍ମ ହେଲା । ଘଟୋତ୍କଚ ବଳବାନ ସହିତ ସମସ୍ତ ତନ୍ତ୍ରମନ୍ତ୍ର ଓ ମାୟାବୀ ଶକ୍ତିର ଅଧିକାରୀ ଥିଲେ । ତାଙ୍କୁ ଶ୍ରୀକୃଷ୍ଣଙ୍କଠାରୁ ଇନ୍ଦ୍ରଜାଲ ବିଦ୍ୟା ସିଦ୍ଧିର ବରଦାନ ମଧ୍ୟ ମିଳିଥିଲା । ତେଣୁ ତାଙ୍କୁ ପରାସ୍ତ କରିବା ଅସମ୍ଭବ ଥିଲା । କାଳାନ୍ତରରେ ଘଟୋତ୍କଚ ଦେବତା ଭାବେ ପୂଜା ପାଇଥିଲେ ।

ଭାରତର ଅନେକ ସ୍ଥାନରେ ଘଟୋତ୍କଚଙ୍କ ମନ୍ଦିର ଥିଲେ ମଧ୍ୟ ଉତ୍ତରାଖଣ୍ଡର ଚମ୍ପାବତଠାରେ ଥିବା ଘଟୋତ୍କଚ ମନ୍ଦିର ମୁଖ୍ୟ ବୋଲି କୁହାଯାଏ । ଚମ୍ପାବତଠାରୁ ମାତ୍ର ୨ କିଲୋମିଟର ଦୂର ଚମ୍ପାବତ-ତାମିଲ ମାର୍ଗସ୍ଥିତ ମଲ୍ଲୀଚୌକ୍‌ଠାରେ ଏହି ମନ୍ଦିର ଅବସ୍ଥିତ । ସ୍ଥାନୀୟ ଲୋକମାନେ ଘଟୋତ୍କଚଙ୍କୁ 'ଘଟକୁ ଦେବତା' ଭାବେ ପୂଜା କରି ଆସୁଛନ୍ତି । ତେଣୁ ମନ୍ଦିରଟି 'ଘଟକୁ ମନ୍ଦିର' ଭାବେ ପରିଚିତ । କେତେକ ଐତିହାସିକଙ୍କ ମତାନୁସାରେ ଏହି ମନ୍ଦିର ୧୭ ଶତାବ୍ଦୀରେ ଚନ୍ଦ୍ରବଂଶର ରାଜାଙ୍କ ଦ୍ୱାରା ନିର୍ମାଣ କରାଯାଇଛି । ମହାଭାରତ ଯୁଦ୍ଧରେ କର୍ଣ୍ଣଙ୍କ ଅମୋଘ ଶକ୍ତି ପ୍ରୟୋଗ ଫଳରେ ଘଟୋତ୍କଚଙ୍କ ଶିରଚ୍ଛେଦ ହୋଇଥିଲା । ଘଟୋତ୍କଚଙ୍କ ଶିର ଯେଉଁ ସ୍ଥାନରେ ପଡ଼ିଥିଲା, ସେଠାରେ ଏହି ମନ୍ଦିର ନିର୍ମାଣ ହୋଇଛି ବୋଲି ଜନଶ୍ରୁତି ଅଛି । ମନ୍ଦିର ନିକଟରେ ଗୋଟିଏ ନୌଲା ଅର୍ଥାତ୍ ଛୋଟ କୁଣ୍ଡ ଅଛି, ଯାହା ଭିତରକୁ ପୂଜାରୀ ହାତ ବଢ଼ାଇଲେ କେଶ ଭଳି ଅନୁଭବ ହୋଇଥାଏ । ଏହି କୁଣ୍ଡର ଆଉ ଏକ ଅଲୌକିକତା ହେଉଛି, ଏଥିରେ ଯେତେ ପାଣି ଭର୍ତ୍ତି କଲେ ମଧ୍ୟ ଏହା ପୂର୍ଣ୍ଣ ହୁଏନାହିଁ । କିନ୍ତୁ ବର୍ଷା ହେବାର ପୂର୍ବ ସୂଚନା ଭାବେ ଏହି କୁଣ୍ଡରେ ପାଣି ଆପେ ଆପେ ଭରିଯାଇ ବାହାରକୁ ବୋହି ଚାଲେ । ଏହି ମନ୍ଦିର ନିକଟରେ ମାତା ହିଡ଼ିମ୍ବାଙ୍କ ଏକ ମନ୍ଦିର ମଧ୍ୟ ଅଛି ।

ଅନ୍ୟ ଏକ ଲୋକକଥା ରହିଛି ଯେ, ଘଟୋତ୍କଚଙ୍କ ଶିର ଯେଉଁଠି ପଡ଼ିଥିଲା, ସେଠାରେ ଗୋଟିଏ ବିଶାଳ ଜଳାଶୟ ସୃଷ୍ଟି ହୋଇଥିଲା । ଯୁଦ୍ଧ ପରେ ପଞ୍ଚୁପାଣ୍ଡବ ଘଟୋତ୍କଚଙ୍କ ଛିନ୍ନଶିର ସନ୍ଧାନ କରିଥିଲେ ମଧ୍ୟ ସଫଳ ହେଲେ ନାହିଁ । ପରବର୍ତ୍ତି ସମୟରେ ଘଟୋତ୍କଚ ସ୍ୱପ୍ନରେ ଦେଇଥିବା ସୂଚନା ଅନୁଯାୟୀ ଭୀମ ଉକ୍ତ ସ୍ଥାନକୁ ଯାଇଥିଲେ । ସେ ସେଠାରେ ପ୍ରଥମେ ଭଗବତୀ ଅଖିଳତାରିଣୀଙ୍କୁ ସ୍ମରଣା କରି ଗଦା ଦ୍ୱାରା ଜଳାଶୟର କୂଳକୁ ପ୍ରହାର କଲେ । ଜଳ ନିଷ୍କାସିତ ହେବା ପରେ ଘଟୋତ୍କଚଙ୍କ ଶିରକୁ ଉଦ୍ଧାର କରି ସେଠାରେ ଶ୍ରାଦ୍ଧ କର୍ମ କରିଥିଲେ । ଭୀମ ଯେଉଁଠି ଶ୍ରାଦ୍ଧ କରିଥିଲେ, ସେହି ଯଜ୍ଞକୁଣ୍ଡ, ଦୀପ ଓ ଶ୍ରାଦ୍ଧସ୍ଥାନ ଆଜି ମଧ୍ୟ ସେଠାରେ ପଥରଖଣ୍ଡ ଆକାରରେ ରହିଛି । ଯେଉଁ ଶିଳା ଉପରେ ଭୀମ ଶ୍ରାଦ୍ଧକର୍ମ କରିଥିଲେ, ତାହାକୁ ବର୍ତ୍ତମାନ 'ଧର୍ମଶିଳା' ଭାବେ ପୂଜା କରାଯାଉଛି । ବିଭିନ୍ନ ପର୍ବପର୍ବାଣୀରେ ଏହି ଶିଳା ଉପରେ ସ୍ନାନ କଲେ ଅଶେଷ ପୁଣ୍ୟଫଳ ଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି ।

ମନାଲିଠାରେ ହିଡ଼ିମ୍ବା ମନ୍ଦିର ନିକଟରେ ଘଟୋତ୍କଚ ଗୋଟିଏ ବିଶାଳ ବୃକ୍ଷ ରୂପରେ ପୂଜା ପାଉଛନ୍ତି । ତେଣୁ ଏହି ମନ୍ଦିରକୁ 'ଘଟୋତ୍କଚ ବୃକ୍ଷ ମନ୍ଦିର' ବୋଲି କୁହାଯାଉଛି । ଏହି ବିଶାଳ ବୃକ୍ଷ ଅନେକ ରହସ୍ୟରେ ପରିପୂର୍ଣ୍ଣ । ବୃକ୍ଷର ଗଣ୍ଡିରେ ଅଗଣିତ ଶିଙ୍ଘ (ମଇଁଷି ଶିଙ୍ଘ ଭଳି) ଲାଗିରହିଛି । ଏହା କିଭଳି ଓ କାହିଁକି ରହିଛି, ସେ ସମ୍ପର୍କରେ ପ୍ରାୟ ସମସ୍ତେ ଅଜ୍ଞ । ଏହାବ୍ୟତୀତ ବୃକ୍ଷ ଚାରିପଟେ ଲୌହନିର୍ମିତ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ସୁସଜ୍ଜିତ ହୋଇଛି । ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ କୁହନ୍ତି ଯେ, ଘଟୋତ୍କଚ ଜଣେ ବୀର ହୋଇଥିବାରୁ ଲୋକମାନେ ମାନସିକ ପୂରଣ ପାଇଁ ତାଙ୍କ ପାଖରେ ଅସ୍ତ୍ରଶସ୍ତ୍ର ଭେଟି ଦେଉଥିଲେ । କାଳକ୍ରମେ ଏହା ଏକ ପରମ୍ପରାରେ ପରିଣତ ହୋଇଛି ଏବଂ ଏବେ ମଧ୍ୟ ଅନେକ ଲୋକ ଲୌହନିର୍ମିତ ଧାରୁଆ ଅସ୍ତ୍ରଶସ୍ତ୍ର ଏଠାରେ ଅର୍ପଣ କରୁଛନ୍ତି । ଅନ୍ୟମତରେ ଶତାଧିକ ବର୍ଷ ପୂର୍ବରୁ ଘଟୋତ୍କଚ ମନ୍ଦିରରେ ବଳି ପ୍ରଥାର ପ୍ରଚଳନ ଥିଲା । ଲୋକମାନେ ଘଟୋତ୍କଚଙ୍କୁ ପ୍ରସନ୍ନ କରି ମାନସିକ ପୂରଣ କରିବା ପାଇଁ ପଶୁମାନଙ୍କୁ ବଳି ଦେଉଥିଲେ ଏବଂ ସେଥିରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ସେଠାରେ ରଖି ଦେଇ ଆସୁଥିଲେ ।

ଇଣ୍ଡୋନେସିଆରେ ମଧ୍ୟ ଘଟୋତ୍କଚଙ୍କୁ ଦେବତା ଭାବେ ପୂଜା କରାଯିବା ସହିତ ତାଙ୍କୁ 'ସାତ୍ରିଆ ଓଟୋଟ କାବତ ବାଲୁଙ୍ଗ ୱେସି'ର ଉପନାମ ପ୍ରଦାନ କରାଯାଇଛି । ଏହାର ଅର୍ଥ ହେଉଛି 'ଶକ୍ତ ତାରର ମାଂସପେଶୀ ଓ ଲୁହାର ହାଡ଼ଯୁକ୍ତ ମହାନ ବଳଶାଳୀ ଯୋଦ୍ଧା' । ଜାବାନିସ୍ ଓ ବାଲିର ଲୋକମାନେ ଘଟୋତ୍କଚଙ୍କୁ ଦେବତା ଭାବେ ପୂଜିବା ସହିତ ବିଭିନ୍ନ ପାରମ୍ପରିକ କଳାକୃତିରେ ମଧ୍ୟ ଘଟୋତ୍କଚଙ୍କୁ ରୂପ ଦେଇଥା'ନ୍ତି ।

ଭୁବନେଶ୍ୱର, ମୋ: ୯୦୯୦୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

ମାତ୍ରାଧିକ ମୂଲ୍ୟ ବୃଦ୍ଧି

# ରଥଚକ ନେବାକୁ ଶ୍ରଦ୍ଧାଳୁ ଅନାଗ୍ରହୀ

ପୁରୀ, ୬ା୧୧(ସମିସ): ରଥଚକ ନେବାକୁ ଶ୍ରଦ୍ଧାଳୁ ଅନାଗ୍ରହୀ। ମାତ୍ରାଧିକ ମୂଲ୍ୟବୃଦ୍ଧି ଯୋଗୁଁ ଶ୍ରଦ୍ଧାଳୁ ଏହାକୁ କିଣିବାକ ପଛଘୁଞ୍ଚା ଦେଉଛନ୍ତି। ୨୦୨୩ ମସିହାରେ ଗୋଟିଏ ଚକ (ଯେକୌଣସି ରଥ)ର ଦର ରହିଥିଲା ୫୦ ହଜାର ଟଙ୍କା। ସେହିପରି ପ୍ରଭାଗୁଡ଼ିକର ଦର ଥିଲା ୨୫ହଜାର ଟଙ୍କା। ଅଂଶୁଆରୀ ଓ କୋଣଗୁଜର ଦର ରହିଥିଲା ଗୋଟା ପ୍ରତି ୧୦ ହଜାର ଟଙ୍କା।



**ପୁଣି ସଂଶୋଧିତ ଏସ୍ଓପି ଜାରି କଲା ଶ୍ରୀମନ୍ଦିର ପ୍ରଶାସନ**

କିନ୍ତୁ ଏବର୍ଷ ଏହା ଆଶାତୀତ ଭାବେ ବୃଦ୍ଧି ପାଇଛି। ୨୦୨୫ ରଥଯାତ୍ରା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗତ ଜୁନ୍‌ରେ ଜାରି ଏସ୍ଓପି ଅନୁଯାୟୀ, ବଡ଼ଠାକୁରଙ୍କ ତାଳଧ୍ୱଜ ରଥର ଚକ ପିଛା ଦାମ୍ ୨ ଲକ୍ଷ ଟଙ୍କା, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଚକ ପିଛା ଦେଢ଼ଲକ୍ଷ ଟଙ୍କା ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚକ ଦାମ୍ ୩ ଲକ୍ଷ ଟଙ୍କା ରଖାଯାଇଥିଲା। ସେହିପରି ଗୁଜ ଓ ଅଂଶୁଆରୀ ଗୋଟା ପିଛା ଦାମ୍ ୧୫ହଜାର ଟଙ୍କା, ପ୍ରଭା ପିଛା ୨୫ହଜାର ଟଙ୍କା ରହିଥିଲା। ଯଦି କେହି ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ଚକ ନିଅନ୍ତି, ତେବେ ୬ ଲକ୍ଷ ଟଙ୍କା ଦେବାକୁ ସ୍ଥିର କରାଯାଇଥିଲା। ଏହି ଆବେଦନର ଶେଷ ତାରିଖ ଗତ ସେପ୍ଟେମ୍ବର ୧୫ତାରିଖ ରହିଥିଲା। ହେଲେ ଚକଗୁଡ଼ିକର ଦାମ୍ ଏତେ ଅଧିକ ଥିବାରୁ କିଣିବାକୁ କେହି ଆଗ୍ରହ ଦେଖାଉନାହାନ୍ତି।

ତେଣୁ ପୁଣିଥରେ ସଂଶୋଧିତ ଏସ୍ଓପି ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଏଥିରେ ଦର ପ୍ରାୟ ସମାନ ଥିବା ବେଳେ କେବଳ ଆବେଦନର ତାରିଖ ବୃଦ୍ଧି କରାଯାଇ ନଭେମ୍ବର ୧୦ତାରିଖ ରଖାଯାଇଛି। ଆବେଦନର ଶେଷ ତାରିଖ ପର ୧୫ ଦିନ ଭିତରେ ରଥ ଉପକରଣଗୁଡ଼ିକ ଦିଆଯିବା ନେଇ ଏସ୍ଓପିରେ ସୂଚନା ଦିଆଯାଇଛି।

ଚକଗୁଡ଼ିକର ମାତ୍ରାଧିକ ଦରକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ ଓ ସେବାୟତ। ଏହାଦ୍ୱାରା ଚକଗୁଡ଼ିକ ନେବାକୁ ବିଭିନ୍ନ ଧର୍ମପୀଠ ଅସାମର୍ଥ୍ୟ ପ୍ରକାଶ କରୁଛନ୍ତି। ଏଣୁ, ମୂଲ୍ୟକୁ ନେଇ ପୁନର୍ବାର ବିଚାର କରିବାର ଆବଶ୍ୟକତା ରହିଛି। ମହାପ୍ରଭୁଙ୍କ ମହିମା ଓ ଗରିମାକୁ ନେଇ ଚକ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏହାକୁ ବଜାୟ ରଖିବା ପାଇଁ ସେବାୟତ ମତ ଦେଇଛନ୍ତି। ଶ୍ରୀଜଗନ୍ନାଥଙ୍କ ସହ ଅଙ୍ଗାଙ୍ଗୀ ଜଡ଼ିତ ଧର୍ମସ୍ଥଳୀକୁ ମାଗଣାରେ ପ୍ରଦାନ କରାଯାଉ ବୋଲି ଦାବି ରଖିଛନ୍ତି। ପୁରୀର ଅନେକ ମନ୍ଦିର ରହିଛି, ଯାହା ମହାପ୍ରଭୁଙ୍କ ରୀତିନୀତି ସହ ସମ୍ପୃକ୍ତ। ସେହି ମନ୍ଦିରକୁ ଅଗ୍ରାଧିକାର ଭିତ୍ତିରେ ନିଃଶୁଳ୍କ ଚକ ଯୋଗାଇ ଦିଆଯିବା ଦରକାର। ଫଳରେ ଚକଗୁଡ଼ିକର ପବିତ୍ରତା ରକ୍ଷା ସହିତ ଭକ୍ତମାନେ ଦର୍ଶନ କରିପାରିବେ ବୋଲି ଯୁକ୍ତି ବାଢ଼ିଛନ୍ତି।

# ନବୀନଙ୍କ ନିର୍ବାଚନୀ ସଭା ଭଣ୍ଡୁର କରିବାକୁ ବିଜେପି ଚକ୍ରାନ୍ତ କରୁଛି: ବିଜେଡି

ଭୁବନେଶ୍ୱର, ୬ା୧୧(ସମିସ): ଆସନ୍ତାକାଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ନୂଆପଡ଼ା ଓ ଖରିଆର ରୋଡ୍‌ରେ ରୋଡ୍ ସୋ' କରିବେ ଏବଂ ଏକ ନିର୍ବାଚନ ସଭାକୁ ସମ୍ବୋଧନ କରିବେ। କିନ୍ତୁ ଏହି ରୋଡ୍ ସୋ' ଓ ନିର୍ବାଚନୀ ସଭାକୁ ଭଣ୍ଡୁର କରିବା ପାଇଁ ବିଜେପି ଚକ୍ରାନ୍ତ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି ବିଜେପିର ଆଜି ଆୟୋଜିତ ନିର୍ବାଚନ ସଭାରେ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି ବୋଲି ବିଜେଡିର ଏକ ପ୍ରତିନଧି ମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି।



- ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହେଲା ବିଜେଡି
- ନବୀନଙ୍କ ପ୍ରଚାର ବେଳେ ବିଜେପି କର୍ମୀ ବିଶୃଙ୍ଖଳା କରିବା ନେଇ ଆଶଙ୍କା
- ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି

ରାଜ୍ୟସଭା ସାଂସଦ ତଥା ଦଳର ସାଧାରଣ ସମ୍ପାଦିକା ସୁଲତା ଦେଓ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିଲେ। ଆସନ୍ତା ଶୁକ୍ରବାର ଦଳର ସଭାପତି ନବୀନପଟ୍ଟନାୟକଙ୍କ ନିର୍ବାଚନୀସଭାଓରୋଡ୍‌ସୋ'କୁ ଭଣ୍ଡୁର କରିବା ପାଇଁ ବିଜେପି ନେତା ଓ କର୍ମୀମାନେ ଚକ୍ରାନ୍ତ କରୁଛନ୍ତି। ରୋଡ୍ ସୋ'ରେ ବିଶୃଙ୍ଖଳା କରିବା, ପଥରମାଡ଼ କରିବା ଓ ଉତ୍ତେଜନା ସୃଷ୍ଟି କରିବା ପାଇଁ ଯୋଜନା କରୁଛନ୍ତି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ବିଜେଡି ଅଭିଯୋଗ କରିଛି। ଆସନ୍ତାକାଲି ହେବାକୁ ଥିବା ନିର୍ବାଚନୀସଭା ଓ ରୋଡ୍ ସୋ'କୁ ଶୃଙ୍ଖଳିତ ତଥା ନିରାପଦ ଭାବେ ଆୟୋଜନ କରିବା ଏବଂ ବିରୋଧୀ ଦଳ ନେତାଙ୍କ ସୁରକ୍ଷାର ସମସ୍ତ ବ୍ୟବସ୍ଥା କରିବା ପାଇଁ ବିଜେଡି ପ୍ରତିନିଧିଦଳ ଏକ ସ୍ମାରକପତ୍ର ଦେଇ ଅନୁରୋଧ କରିଛନ୍ତି। ଅନ୍ୟପଟେ ଆଜି ଆୟୋଜିତ ବିଜେପିର ବିଭିନ୍ନ ସାଧାରଣସଭା ପାଇଁ ନୂଆପଡ଼ାରେ ଟ୍ରାଫିକ୍ ବିଶୃଙ୍ଖଳା, ବେଆଇନ ଭାବେ ରାସ୍ତା ଅବରୋଧ କରି ବିଜେପି ଖୋଲାଖୋଲି ଭାବେ ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ କରିଛି। ଏହି ସମସ୍ତ ନିର୍ବାଚନ ସଭା ମୁଖ୍ୟମନ୍ତ୍ରୀ ଦ୍ୱାରା ସମ୍ବୋଧିତ ହୋଇଥିବାରୁ ଆଚରଣ ବିଧିର ଉଲ୍ଲଂଘନକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଛି। ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ମିହିର ରାୟ, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା, ସୋଫିଆ ଆଲାମ, ରୀତାଞ୍ଜଳି ପ୍ରଧାନ, ଜ୍ୟୋସ୍ନା ପରିଡ଼ା, ପ୍ରଦୀପ ପଣ୍ଡା ପ୍ରମୁଖ ସାମିଲ ଥିଲେ।

### ଉପକୂଳ ଓ ରେଳବାଇ ସୁରକ୍ଷା ଭିତ୍ତିଭୂମିର ଆଧୁନିକୀକରଣ ଯୋଜନା

# ଉପକୂଳ ସୁରକ୍ଷା ପାଇଁ ବ୍ୟୟ ହେବ ୧୪୯.୯୫ କୋଟି

ଭୁବନେଶ୍ୱର, ୬ା୧୧(ସମିସ): ଉପକୂଳ ସୁରକ୍ଷା ନିମନ୍ତେ ୧୦ଟି ଆଧୁନିକ ଡ୍ରୋନ୍, ୩ଟି ଟ୍ରଲର୍ ଓ ୧୪୦ ଜଣ ସ୍ୱତନ୍ତ୍ର ପୁଲିସ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ଖୁବ ଶୀଘ୍ର ରିୟଲ୍-ଟାଇମ୍ ସର୍ଭେଲାନ୍ସ ପାଇଁ ଏକ ଆଧୁନିକ କମାଣ୍ଡ ଓ କଣ୍ଟ୍ରୋଲ୍ ସେଣ୍ଟର ଗଠନ କରାଯିବ ବୋଲି ପୁଲିସ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ସୂଚନା ଦେଇଛନ୍ତି। ଭୁବନେଶ୍ୱର ପୁଲିସ ଭବନଠାରେ ପୁଲିସ ଅଧିକାରୀମାନଙ୍କ ପାଇଁ ଏକ ଦିନିଆ ଦକ୍ଷତା ବୃଦ୍ଧି କର୍ମଶାଳାରେ ଯୋଗ ଦେଇ ସେ କହିଛନ୍ତି ଯେ ୩୨ଟି ମାଛ ଧରା ବନ୍ଦର ଓ ଫିସିଂ ହାର୍ବର୍‌କୁ ସିସିଟିଭି ସିଷ୍ଟମ୍‌ରେ ଆବୃତ କରିବା ପାଇଁ କାମ ଚାଲିଛି। ଏହା ସହିତ ନୂଆ ନୌକା କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। ରେଳବାଇ ପୁଲିସକୁ ଅଧିକ ଆଧୁନିକୀକରଣ କରିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଶ୍ରୀ ଖୁରାନିଆ ଅଧିକାରୀମାନଙ୍କୁ ନିଜ ଦକ୍ଷତାକୁ ନିରନ୍ତର ଅପଡେଟ୍ ରଖିବା ସହ ନୂଆ ଚାଲେଞ୍ଜ ସମ୍ପର୍କରେ ସବୁବେଳେ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ଏହି ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୪୯.୯୫ କୋଟି ଅନୁମୋଦନ କରିଛନ୍ତି ବୋଲି ସେ କହିଛନ୍ତି। ଏହା ସହ ସମସ୍ତ ୧୫ଟି ଜିଆରପିଏସ୍‌ରେ ସିସିଟିଭି ମନିଟରିଂ ସେଣ୍ଟର ସ୍ଥାପନ ପାଇଁ ମଧ୍ୟ ଅର୍ଥ ଅନୁମୋଦନ ହୋଇଛି ବୋଲି ଡିଜିପି ସୂଚନା ଦେଇଛନ୍ତି।

- ୧୫ ଜିଆର୍‌ପିଏସ୍‌ରେ ହେବ ସିସିଟିଭି ମନିଟରିଂ ସେଣ୍ଟର
- ଗଠନ ହେବ ଆଧୁନିକ କମାଣ୍ଡ ଓ କଣ୍ଟ୍ରୋଲ୍ ସେଣ୍ଟର

ଭାରତୀୟ କୋଷ୍ଟ ଗାର୍ଡ ଅଧିକାରୀ କମାଣ୍ଡାଣ୍ଟ ରବୀନ୍ଦ୍ର କୁମାର ଯୋଗ ଦେଇ ଅର୍ନ୍ତଜାତୀୟ ଓ ଜାତୀୟ ସମୁଦ୍ର ସୁରକ୍ଷା ଆଇନ ସହିତ ସାମୁଦ୍ରିକ ସୁରକ୍ଷା ସମସ୍ୟା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଗୁଜୁରାଟର ଅବସରପ୍ରାପ୍ତ ଡିଜିପି ଡା. କେଶବ କୁମାର ଅପରାଧ ତଦନ୍ତରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ବିଷୟରେ ଆଲୋଚନା କରି ନିଜ ବ୍ୟକ୍ତିଗତ ଜୀବନର ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା ବୃତ୍ତିଗତ ଦକ୍ଷତା, ସମୟୋପଯୁକ୍ତ ପ୍ରସ୍ତୁତି ଓ ଉପକୂଳ ସୁରକ୍ଷା ସୁନିଶ୍ଚିତ କରିବା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଏହାସହ ରେଳବାଇ ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଆଇଜିପି ଆର୍‌ପିଏଫ୍ ଅଲୋକ ବୋହରା ବିଭିନ୍ନ ଏଜେନ୍ସିମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଓ ସହଯୋଗର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏଆଇଜି (ରେଳବାଇ ଓ ଉପକୂଳ ସୁରକ୍ଷା) ସତ୍ୟଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

୮୪ତମ ଇଣ୍ଡିଆନ ରୋଡ୍‌ସ କଂଗ୍ରେସ

# ଆଜି ଉଦ୍‌ଘାଟନ କରିବେ ଗଡ଼କରୀ

ଭୁବନେଶ୍ୱର, ୬ା୧୧(ସମିସ): ଆସନ୍ତାକାଲି ୮୪ତମ ଇଣ୍ଡିଆନ ରୋଡ କଂଗ୍ରେସ(ଆଇଆରସି)କୁ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଉଦ୍‌ଘାଟନ କରିବେ। ୨୦୧୫ ପରେ ପୁଣି ଏକ ଦଶନ୍ଧି ବ୍ୟବଧାନରେ ଓଡ଼ିଶା ଆଇଆର୍‌ସି ଆୟୋଜନ କରିବାକୁ ଯାଉଛି। ସଡ଼କ ଭିତ୍ତିଭୂମିକୁ ନେଇ ଏହି ବୃହତ୍ ସମ୍ମିଳନୀ ବିଶେଷଜ୍ଞ ଓ ଯନ୍ତ୍ରୀଙ୍କ ମଧ୍ୟରେ ଜ୍ଞାନ ଆଦାନପ୍ରଦାନର ସେତୁ ପାଲଟିବ ବୋଲି ଗୁରୁବାର ଜନତା ମଇଦାନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

- ଯୋଗଦେବେ ୩୫୦୦ ପ୍ରତିନିଧି
- ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୭୫ ହଜାର କିମି ରାସ୍ତା ନିର୍ମାଣ ଲକ୍ଷ୍ୟ
- ଷ୍ଟଲ୍‌ରେ ପ୍ରଦର୍ଶିତ ହେବ ସଡ଼କ ନିର୍ମାଣର ଅତ୍ୟାଧୁନିକ ଜ୍ଞାନକୌଶଳ

ଆଇଆର୍‌ସି ସଂପର୍କରେ ବିସ୍ତୃତ ସୂଚନା ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୭୫ ହଜାର କିମି ରାସ୍ତା ନିର୍ମାଣ ହେବ। ସମଗ୍ର ଭାରତରେ ସଡ଼କ ଭିତ୍ତିଭୂମିର ବିକାଶ ତଥା ଏ ନେଇ ନୀତି ନିର୍ଦ୍ଧାରଣ କରିବା ନିମନ୍ତେ ଆଇଆର୍‌ସି ଭଳି ଜାତୀୟ ସମ୍ମିଳନୀ ଆୟୋଜନ ହେଉଛି। ଏହି ସମ୍ମିଳନୀ ଇଞ୍ଜିନିୟର, ନୀତି ନିର୍ଦ୍ଧାରକ, ଗବେଷକ, ଶିଳ୍ପ ବୃତ୍ତିଗତ ଏବଂ ଶିକ୍ଷାବିତ୍‌ଙ୍କ ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ। ସମ୍ମିଳନୀରେ ହେବାକୁ ଥିବା ଅଧିବେଶନଗୁଡ଼ିକର ବିଷୟବସ୍ତୁ ରହିଛି 'ରାଜରାସ୍ତା ପ୍ରଯୁକ୍ତି ବିଦ୍ୟା ଏବଂ ନୀତିରେ ପ୍ରମୁଖ ଉନ୍ନତି'। ଆଇଆର୍‌ସି ଦେଶର ସଡ଼କ ଇଞ୍ଜିନିୟର ଏବଂ ଯୋଜନାକାରୀଙ୍କ ପାଇଁ ଏକ ବୃତ୍ତିଗତ ସଂଗଠନ ଭାବେ କାର୍ଯ୍ୟ କରୁଛି। କେନ୍ଦ୍ର ଓ ରାଜ୍ୟ ସ୍ତରରେ ବିଭିନ୍ନ ସରକାରୀ ବିଭାଗ ଏଥିରେ ସଂଶ୍ଳିଷ୍ଟ ଅଛନ୍ତି। ସମଗ୍ର ଦେଶରେ ସଡ଼କ, ସେତୁ ଏବଂ ସୁଡଙ୍ଗ ନିର୍ମାଣର ଯୋଜନା, ଡିଜାଇନ୍, ପରିଚାଳନା ଓ ରକ୍ଷଣାବେକ୍ଷଣରେ ନୂତନ କୌଶଳକୁ ପ୍ରୋତ୍ସାହିତ କରିବା ଏହି ସଂଗଠନର ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଥିଲେ।




ଅନ୍ୟମାନଙ୍କ ମଧ୍ୟରେ ଆଇଆର୍‌ସିର ସଭାପତି ମନୋରଞ୍ଜନ ପରିଡ଼ା, ନିର୍ମାଣ ବିଭାଗ ପ୍ରମୁଖ ସଚିବ ଶ୍ରୀ ସଞ୍ଜୟ କୁମାର ସିଂ (ଆଇଏଏସ୍), ସ୍ଥାନୀୟ ସଂଚାଳକ ଇଂ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଇଆର୍‌ସିର ଏହି ବାର୍ଷିକ ସମ୍ମିଳନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ଟମ୍‌ଟା, ହର୍ଷ ମଲହୋତ୍ରା, ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମଧ୍ୟପ୍ରଦେଶର ପୂର୍ବ ମନ୍ତ୍ରୀ ରାକେଶ ସିଂହ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିବେ। ଉଦ୍‌ଘାଟନୀ ସମାରୋହ ପରେ ଆଇଆର୍‌ସିର ୨୩୫ତମ କାଉନସିଲ ବୈଠକ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ଆଇଆଇଟି, ଏନ୍‌ଆଇଟି, ଇଂଜିନିୟରିଂ ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ନେଇ ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ। ବୈଜ୍ଞାନିକ ଏବଂ ରିସର୍ଚ୍ଚ ଓ ଡେଭଲପମେଣ୍ଟ ସଂଗଠନର ଅଧିକାରୀଙ୍କୁ ନେଇ ଏକ ଅଧିବେଶନ ଅନୁଷ୍ଠିତ ହେବ। ଠିକାଦାର, ପରାମର୍ଶଦାତା ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଅନ୍ୟ ଗୋଟିଏ ବୈଷୟିକ ଅଧିବେଶନ ଆୟୋଜିତ ହେବ ବୋଲି ଜଣାପଡ଼ିଛି।

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

By virtue of an affidavit sworn before Executive Magistrate, Kujang, dated 06-11-2025 I, **RASHMIREKHA SAHOO,** W/o Ganeswar Sahoo Permanent resident- At- Talapada (Bhaliapatana), Po- Rahama, Ps- Tritol, Dist- Jagatsinghpur, PIN- 754140, State- Odisha declare that I have changed the name of my daughter's from **DIBYANISHA SAHOO** (Old name) to **DIBYA ANISHA SAHOO** (New name), Henceforth, she shall be known as **DIBYA ANISHA SAHOO** for all purposes.
Sd-( **RASHMIREKHA SAHOO**)

**AFFIDAVIT**

I, Golekha Chandra Swain, aged about 65 years, S/o- Late Netrananda Swain, resident of Vill: Sundarkani, PO: Japabhuan, PS: Erasama, Dist: Jagatsinghpur, PIN: 754139, Odisha declared by this affidavit No. 4780, dtd- 01/11/2025 that now onwards I shall be known as **GOLEKHA SWAIN** for all future purposes.

**AFFIDAVIT**

By virtue of an affidavit No.2669 sworn before the Executive Magistrate, Champua on dtd- 06/11/2025. I, **Bhupendra Kumar Mishra,** S/o- Krushna Chandra Mishra, permanent resident of Vill- Bdnpur Sasan, Champua, Po/Ps- Champua, Dist-Keonjhar, Odisha, Pin- 758041. I have changed my minor daughter's name from **Susree Arpita Mishra** (old name) to **Arpita Mishra** (new name). Henceforth, she shall be known as **ARPITA MISHRA** (new name) for all future purposes.
**Bhupendra Kumar Mishra**

**AFFIDAVIT**

By virtue of an affidavit No-2841 sworn before the Executive Magistrate, Sukinda, Jajpur on dt 02/11/2025. I, **Sanjukta Mohanta**, W/o- Sanjay Kumar Mohanta resident of At- Kabata, Po- Lembo, Ps- Sukinda, Dist- Jajpur, Pin- 755018. My son's birth certificate vide No. 4079/2017, issue dtd- 7/12/2017, name has been written **Himanshu Mohanta,** S/o- Sanjaya Mohanta (father) & Sanjukta Mohanta (mother) but in Aadhar card No. 676576991853 name has been written as **Sridhartha Mohanta,** I have declared that Himanshu Mohanta, S/o- Sanjaya Mohanta (father) & Sanjukta Mohanta (mother) and Sridhartha Mohanta, S/o Sanjaya Mohanta is same & one person. He will known as **Himanshu Mohanta** for all future purposes.
**Sanjukta Mohanta**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated- 01/11/2025. I, **Susena Nayak,** S/o Kanhu Charan Nayak, permanent resident of At- Sabak Dhanurjaypur, PO- Silitia, PS- Baria, Dist- Keonjhar, Odisha, PIN- 758032 declare that I have changed my daughter's name from **Khiramani Nayak** to **Sunayana Nayak.** Henceforth, she shall be known as **Sunayana Nayak** (new name) for all purposes.
**Susena Nayak**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୭୩ ବର୍ଷରେ...

କରିଛନ୍ତି ଗରିବ ଓ ସଂଖ୍ୟାଲଘୁ ସଂପ୍ରଦାୟ ଭୋଟରଙ୍କ ନାମକୁ କାଟି ଦିଆଯାଇଛି। ଇତିମଧ୍ୟରେ କେତେକ ବିଜେପି ନେତା ଦୁଇଟି ରାଜ୍ୟରେ ମତଦାନ କରୁଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଆର୍‌ଏସ୍‌ଏସ୍ ନେତା ତଥା ରାଜ୍ୟସଭା ସାଂସଦ ରାକେଶ ସିହ୍ନାଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିଛି। ଗତ ଫେବୃଆରୀରେ ଦିଲ୍ଲୀ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ସିହ୍ନା ଭୋଟ୍ ଦେଇଥିବା ବେଳେ ଆଜି ପୁଣି ବିହାର ବିଧାନସଭା ନିର୍ବାଚନରେ ମତଦାନ କରିଛନ୍ତି। ସିହ୍ନା ନିଜେ ସେୟାର କରିଥିବା ଫଟୋକୁ ଆଜି କଂଗ୍ରେସ ଦେଖାଇଛି। କଂଗ୍ରେସ କହିଛି ଯେ ଦିଲ୍ଲୀରେ ମତଦାନ କରିଥିବା ସିହ୍ନା ବିହାରରେ କେମିତି ମତଦାନ କଲେ। କେବଳ ସିହ୍ନା ନୁହେଁ, ବିଜେପିର ଆଉ କେତେକ ନେତା ମଧ୍ୟ ଏଭଳି ମତଦାନ କରିଥିବା କଂଗ୍ରେସ କହିଛି। ଏହା ଭୋଟଚୋରି ନୁହେଁ ତ ଆଉ କ'ଣ ବୋଲି ପ୍ରଶ୍ନ କରିଛି କଂଗ୍ରେସ।

### ବେତନ ଓ ପେନ୍‌ସନରେ...

୨୦୨୫-୨୬ରେ ରାଜ୍ୟଗୁଡ଼ିକ ସେମାନଙ୍କ ରାଜସ୍ୱ ଆୟର ୫୦ ପ୍ରତିଶତ ଅର୍ଥ ଦରମା, ପେନସନ ଏବଂ ସୁଧ ଦେୟ ପାଇଁ ଖର୍ଚ୍ଚ କରିବେ ବୋଲି ଆକଳନ କରାଯାଇଛି। ଆସାମ, ହିମାଚଳ ପ୍ରଦେଶ, କେରଳ, ପଞ୍ଜାବ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ୬୦ ପ୍ରତିଶତରୁ ଅଧିକ ଅର୍ଥ ଖର୍ଚ୍ଚ କରିବେ ବୋଲି ଆକଳନ କରାଯାଇଛି। ରିପୋର୍ଟ ଅନୁସାରେ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଅନେକ ରାଜ୍ୟକୁ ତୁରନ୍ତ ଖର୍ଚ୍ଚ ପାଇଁ ମଧ୍ୟ ଋଣ ନେବାକୁ ବାଧ୍ୟ କରିଛି। ଏହା ଫଳରେ ମୋଟ ଋଣ ଜିଡିପିର ୨୭.୫ ପ୍ରତିଶତରେ ପହଞ୍ଚିଛି, ଯାହା ସୁପାରିଶ କରାଯାଇଥିବା ୨୦ ପ୍ରତିଶତ ସୀମାଠାରୁ ବହୁତ ଅଧିକ। ଏହା ରାଜ୍ୟଗୁଡିକର ଋଣ ବାବଦ ସୁଧ ପୈଠ ପରିମାଣ ବୃଦ୍ଧି କରିଛି, ଯାହା ଆର୍ଥିକବର୍ଷ ୨୦୨୪ରେ ରାଜସ୍ୱ ପ୍ରାପ୍ତିର ୧୩ ପ୍ରତିଶତ ଥିଲା। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିଶ ଯୋଗୁଁ ନିରନ୍ତର ସ୍ଥାନାନ୍ତର ହ୍ରାସ ରାଜ୍ୟଗୁଡ଼ିକର ଖର୍ଚ୍ଚ ସ୍ୱାୟତ୍ତତାକୁ ଆହୁରି ହ୍ରାସ କରିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିକଟରେ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି। ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସର ଏକ କର୍ମଶାଳାରେ କେନ୍ଦ୍ରଅର୍ଥମନ୍ତ୍ରୀ ଅନେକ ରାଜ୍ୟ ସେମାନଙ୍କ ଆୟର ପ୍ରାୟ ୭୦ ପ୍ରତିଶତ ଦରମା ଏବଂ ପେନସନରେ ଖର୍ଚ୍ଚ କରୁଛନ୍ତି, କେବଳ ୩୦ ପ୍ରତିଶତ ବିକାଶ ଆବଶ୍ୟକତା ରହୁଥିବା ଉଲ୍ଲେଖ କରି ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମହିଳାଙ୍କ ପାଇଁ ନିରନ୍ତର ନଗଦ ହସ୍ତାନ୍ତର (ୟୁସିଟି) ଯୋଜନାର ପ୍ରସାର ରାଜ୍ୟର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଛି। ୨୦୨୩ ମାତ୍ର ୨ଟି ରାଜ୍ୟ ମହିଳାଙ୍କୁ ମାଗଣା ସହାୟତା ଯୋଜନା ପ୍ରଚଳନ କରିଥିବାବେଳେ ଏବେ ଏହା ୧୨ଟି ରାଜ୍ୟରେ ପ୍ରଚଳିତ ହେଉଛି। ଏଥିପାଇଁ ଏହି ରାଜ୍ୟଗୁଡ଼ିକ ଗୋଟିଏ ବର୍ଷରେ ୧.୬୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଯାହା ଫଳରେ ରାଜ୍ୟଗୁଡ଼ିକର ରାଜସ୍ୱ ନିଅଣ୍ଟ ବୃଦ୍ଧି କରିଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

### ଉତ୍ତରାଖଣ୍ଡରେ ରାୟଗଡ଼ା...

ସୂଚନା ଅନୁଯାୟୀ, ସୃଷ୍ଟି ଉତ୍ତରାଖଣ୍ଡର ଲାଲପୁରସ୍ଥିତ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀରେ ୬ ମାସ ହେଲା ଇଣ୍ଟର୍ଣ୍ଣସିପ୍ କରୁଥିଲେ। ସେ ଲାଲପୁରର ଭାରତୀୟମ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପଛରେ କାମେଶ୍ୱର ସିଂହଙ୍କ ଘରେ ଏକ କୋଠରି ଭଡ଼ା ନେଇ ରହୁଥିଲେ। ମଙ୍ଗଳବାର ଅପରାହ୍ନରୁ ସୃଷ୍ଟିଙ୍କ ଫୋନ ବନ୍ଦ ରହିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ପରିବାରଲୋକ ଯେତେ ଚେଷ୍ଟା କରିଥିଲେ ବି ସୃଷ୍ଟିଙ୍କ ସହ ଯୋଗାଯୋଗ ହୋଇପାରିନଥିଲା। ତେଣୁ ପରେ ବାଧ୍ୟ ହୋଇ ସେ ଭଡ଼ାରେ ରହୁଥିବା ଘରର ମାଲିକ ଓ ତାଙ୍କ ପୁଅ ଅମିତଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ସେମାନେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ପରିବାରଲୋକଙ୍କ ମନକୁ ପାପ ଛୁଇଁଥିଲା। ପରେ ସୃଷ୍ଟିଙ୍କ ସମ୍ପର୍କୀୟ ଭାଇ ଅମୃତ କୁମାର ତାଙ୍କ ବନ୍ଧୁ ସୂରଜ ଏବଂ ମନୀଷଙ୍କ ସହ ଲାଲପୁରଠାରେ ପହଞ୍ଚିଥିଲେ। ସେ ଲାଲପୁର ପୁଲିସ ଷ୍ଟେସନରେ ସୃଷ୍ଟିଙ୍କ ନିଖୋଜ ବିଷୟରେ ରିପୋର୍ଟ କରିଥିଲେ।

ପୁଲିସ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ନକରି ସେମାନେ କାମେଶ୍ୱର ସିଂହଙ୍କ ଘର ବିପରୀତରେ ଥିବା ପୂର୍ବତନ ଜିଲ୍ଲା ପଞ୍ଚାୟତ ସଦସ୍ୟ ରଞ୍ଜିତ ସିଂହଙ୍କ ଘରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ଘର ମାଲିକଙ୍କ ପୁଅ ଅମିତ କୁମାରଙ୍କୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନଙ୍କର ସନ୍ଦେହ ହେବାରୁ ପୁଲିସକୁ କହିଥିଲେ। ପୁଲିସ ଘର ମାଲିକଙ୍କ ପୁଅକୁ ପଚରାଉଚରା କରିବା ପରେ ଏହି ହତ୍ୟାକାଣ୍ଡ ଉପରୁ ପରଦା ଉଠିଥିଲା। ପୁଲିସ ଅମିତଙ୍କୁ ପଚରାଉଚରା ପରେ ସେ ହିଁ ସୃଷ୍ଟିଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ସେ ସୃଷ୍ଟିଙ୍କ ମୃତଦେହକୁ ଏକ ଚାଦରରେ ଗୁଡ଼ାଇ ସେଥିରେ ପଥର ବାନ୍ଧି ବାଡୋର ନଦୀରେ ଫିଙ୍ଗି ଦେଇଥିବା କହିଥିଲେ। ଏହି ସୂଚନା ପାଇବା ପରେ ପୁଲିସ ଆଜି ଅପରାହ୍ଣରେ ନଦୀରୁ ମୃତଦେହ ଉଦ୍ଧାର କରିଛି। ତେବେ ହତ୍ୟାକାଣ୍ଡର କାରଣ ସଂପର୍କରେ ଜଣାପଡ଼ିନାହିଁ।

ବାନ୍ଧି ନଦୀରେ ଫିଙ୍ଗି ଦେଇଥିଲା। ଅପରପକ୍ଷେ, ପୁଲିସ ସୃଷ୍ଟିଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରୁଦ୍ରପୁର ମେଡିକାଲକୁ ପଠାଇଛି।

## ନୂଆପଡ଼ା ପାଇଁ କଂଗ୍ରେସର ଇସ୍ତାହାର ପ୍ରକାଶ

# ନ୍ୟାୟ ଓ ବିକାଶ ପାଇଁ ମୃତ୍ୟୁ ମଧ୍ୟ ଗ୍ରହଣୀୟ: ଘାସିରାମ

ନୂଆପଡ଼ା/ଭୁବନେଶ୍ୱର, ୫ା୧୧(ସମିସ): ନଆପଡ଼ା ଉପନିର୍ବାଚନରେ ଲୋକଙ୍କୁ କଂଗ୍ରେସ ପ୍ରତି ଆକୃଷ୍ଟ କରିବା ପାଇଁ ଦଳ ଇସ୍ତାହାର ଜାରି କରିଛି। ନୂଆପଡାସ୍ଥିତ ଖୁଣ୍ଟିଆ ଭବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ଓ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଏହି ଇସ୍ତାହାର ଜାରି ହୋଇଛି। ଇସ୍ତାହାର ଚାରିଟି ପର୍ଯ୍ୟାୟକୁ ନେଇ ଘୋଷଣା ହୋଇଛି। ମୁଖ୍ୟତଃ କଂଗ୍ରେସର ଅବଦାନ, ବିଜେଡି-ବିଜେପି, ମାଟିର ପୁଅ ଘାସିରାମ, ପ୍ରତିକାର ଲୋଡ଼ା ଆଦିରେ ବିଭକ୍ତ କରାଯାଇଛି।



ଏଥିରେ ଆଗାମୀ ଦିନରେ ଦଳର କଣ ସବୁ ବିକାଶମୂଳକ କାର୍ଯ୍ୟକ୍ରମ ଏଜେଣ୍ଡା ରହିଛି, ତାହା ଦର୍ଶାଯାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ସରକାର ସୃଷ୍ଟି କରୁଥିବା ଅଚଳବସ୍ଥାକୁ ସୁଧାରି ଏସବୁ କ୍ଷେତ୍ରକୁ କାର୍ଯ୍ୟକ୍ଷମ କରିବା ଆଦି ବିଷୟରେ କୁହାଯାଇଛି। ସେହିପରି ବିଜେପି ସରକାର କିଭଳି ପ୍ରତ୍ୟେକ ଦିନ କଞ୍ଚା ମିଛ କହୁଛନ୍ତି ଏସବୁ ବିଷୟ ଲୋକଙ୍କ ଗୋଚରାର୍ଥେ ଏଥରେ ତଥ୍ୟ ପ୍ରଦାନ କରାଯାଇଛି। କଂଗ୍ରେସ ପ୍ରାର୍ଥୀ ଶ୍ରୀ ମାଝୀ କିଭଳି ବିଗତ ୪୦ ବର୍ଷଧରି ଜନତାଙ୍କ ସେବାରେ ଅବିରାମ ସଂଘର୍ଷ କରି ଲୋକଙ୍କ ସୁଖ ଦୁଃଖର ସାଥୀ ହୋଇ ପାରିଛନ୍ତି ଆଲୋଚନା କରାଯାଇଛି। କଂଗ୍ରେସ ଦଳ ଓ ଦଳର ନେତୃବୃନ୍ଦ ନୂଆପଡା ବିକାଶକୁ ନେଇ କେତେ ଗମ୍ଭୀର ତାହା ଏଥିରେ ଦର୍ଶାଇବା ପାଇଁ ଦଳ ଚେଷ୍ଟା କରିଛି।

ଶ୍ରୀ ମାଝୀ କହିଛନ୍ତି ଯେ ଦୀର୍ଘ ୪୦ ବର୍ଷର ରାଜନୈତିକ ଜୀବନକୁ ଲୋକେ ଅତି ନିକଟରୁ ଦେଖି ଆସିଛନ୍ତି। ଲୋକଙ୍କ ଅଧିକାର ପାଇଁ ସାଲିସବିହୀନ ସଂଗ୍ରାମ କରି ଆସିଛି। ଲୋଭ ବା ଲାଭର ବଶବର୍ତ୍ତୀ ହୋଇନାହିଁ। ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ମୋର ଲଢେଇ ଜାରି ରହିବ। ଏହି ଉପନିର୍ବାଚନରେ ଆପଣଙ୍କ ଆଶୀର୍ବାଦ ମୋର ଲଢେଇକୁ ଆହୁରି ଶକ୍ତିଶାଳୀ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପିସିସି କୋଷାଧକ୍ଷ ଇଂ ସିଦ୍ଧାର୍ଥ ସ୍ୱରୂପ ଦାସ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଡ ଲଲାଟେନ୍ଦୁ ମହାପାତ୍ର, ବିଧାୟକ ସି ଏସ ରାଜେନ୍ ଏକ୍କା, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ଟ୍ରାକ୍ଟର ପଞ୍ଜୀକରଣରେ ଅବହେଳା ପାଇଁ ଡିଲରଙ୍କୁ ୧ଲକ୍ଷ ଟଙ୍କା ଜରିମାନା

# ଗାଡ଼ି ମାଲିକଙ୍କୁ ପଇଠ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୬ା୧୧(ସମିସ): ଟ୍ରାକ୍ଟର୍ ବିକ୍ରି ପରେ ଏହାର ପଞ୍ଜୀକରଣରେ ଅବହେଳା ଜଣେ ଡିଲରଙ୍କୁ ମହଙ୍ଗା ପଡ଼ିଛି। ଏଥିପାଇଁ ବାଲେଶ୍ୱର ଅଞ୍ଚଳର ସମ୍ପୃକ୍ତ ଡିଲରଙ୍କଠାରୁ ଟ୍ରାକ୍ଟର୍ କ୍ରୟ କରିଥିବା ସମ୍ପୃକ୍ତ କ୍ରେତାଙ୍କୁ ଏକ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଟ୍ରାକ୍ଟର୍ ପଞ୍ଜୀକରଣ ପାଇଁ ସମସ୍ତ ନଥିପତ୍ର ଆବେଦନକରୀଙ୍କୁ ୧୫ଦିନ ଭିତରେ ପ୍ରଦାନ କରିବାକୁ ଅଦାଲତ କହିଛନ୍ତି। ଅନ୍ନପୂର୍ଣ୍ଣା ବେହେରାଙ୍କ ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି ଡିଲର୍ ଏଥିରେ ବିଫଳ ହୁଅନ୍ତି, ତେବେ ସେ ଅଦାଲତ ଅବମାନନା ଆଇନଗତ ପ୍ରକ୍ରିୟାର ସମ୍ମୁଖୀନ ହେବେ ବୋଲି ହାଇକୋର୍ଟ କହିଛନ୍ତି। ଅନ୍ୟପଟରେ ଔପଦା ଥାନାରେ ଜବତ ହୋଇ ରହିଥିବା ଟ୍ରାକ୍ଟରକୁ ଆବେଦନକାରୀଙ୍କ ଜିମାରେ ଛଡ଼ାଯିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଜୀକରଣ ପ୍ରକ୍ରିୟା ସଂପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଏହି ଗାଡ଼ିକୁ ବ୍ୟାବସାୟିକ ବା ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧ରେ ଆବେଦନକାରୀ ଡିଲର୍‌ଙ୍କ ନିକଟରୁ ଏକ ଟ୍ରାକ୍ଟର୍ କିଣି ଏହାର ପଞ୍ଜୀକରଣ ପାଇଁ ଟଙ୍କା ଦେଇଥିଲେ। କିନ୍ତୁ ଏହାପରେ ମଧ୍ୟ ଟ୍ରାକ୍ଟର୍‌ର ପଞ୍ଜୀକରଣ ହୋଇନଥିଲା। ବିନା ପଞ୍ଜୀକରଣରେ ଚାଲୁଥିବାରୁ ଟ୍ରାକ୍ଟର୍‌କୁ ଔପଦା ଥାନା ପୁଲିସ ଜବତ କରିଥିଲା। ପଞ୍ଜୀକରଣରେ ଅବହେଳା ପାଇଁ ଅଯଥାରେ ହଇରାଣ ହୋଇଥିବା ପ୍ରସଙ୍ଗ ନେଇ ଆବେଦନକାରୀ ହାଇକୋର୍ଟରେ ମାମଲା ଦାୟର କରିଥିଲେ।

**ତହସିଲ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜଗତ୍‌ସିଂହପୁର**
**ବିଜ୍ଞାପନ ସଂଖ୍ୟା: ୪୧୩୭, ତା. ୨୩.୧୦.୨୦୨୫**
**F- 84**
**ଜମି ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧୀଶକାରୀ ଜଗତସିଂହପୁରଙ୍କ Execution Case No. 01/2016 (arising out of Certificate Case No. 1/2015)ର ଆଦେଶ ମୁତାବକ ସୌଭାଗ୍ୟ ରଂଜନ ନାୟକ, ପି. ନବକୃଷ୍ଣ ନାୟକ ଓ ସଂଜିବ କୁମାର ନାଥ, ପି. ନିତ୍ୟାନନ୍ଦ ନାଥଙ୍କ ଠାରୁ ଦେୟଟ ୧,୦୭,୧୬,୮୧୭.୦୦ ଟଙ୍କା (ଏକ କୋଟି ସାତ ଲକ୍ଷ୍ୟ ଷୋଳ ହଜାର ଆଠଶହ ସତର ଟଙ୍କା) ମାତ୍ର ଆଦାୟ ନିମନ୍ତେ ନିମ୍ନଲିଖିତ ତଫସିଲ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଅଛି।

ଏଣୁ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା.୧୪.୧୧.୨୦୨୫ ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ ତିର୍ତ୍ତୋଲ ଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

| ମୌଜା | ଖାତା ନଂ | ପ୍ଲଟ୍ ନଂ | ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|
| ଗୋବିନ୍ଦ ମହାନ୍ତି | ୩୮୧ | ୫୧୯ | ୦.୯୭ | ଘରବାରି | ସୌଭାଗ୍ୟ ରଂଜନ ନାୟକ, ପି. ନବକୃଷ୍ଣ ନାୟକ, ଜା: କ୍ଷିତି ବଂଶ ବା:ତେରମାଣପୁର, ସଂଜିବ କୁମାର ନାଥ, ପି. ନିତ୍ୟାନନ୍ଦ ନାଥ, ଜା: ଯୋଗି ବା: କୁଜଙ୍ଗ ଥା- କୁଜଙ୍ଗ |
| | | ୮୯୨ | ୦.୫୦ | ଘରବାରି | |

ସ୍ୱା/- ତହସିଲଦାର, ତିର୍ତ୍ତୋଲ

## ଇବ୍ କଲୋନୀ କାର୍ତ୍ତିକ ପୂଜା ସମ୍ପନ୍ନ

ଇବଥର୍ମାଲ,୬।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ସ୍ଥିତ ଇବ କଲୋନୀ କାର୍ତ୍ତିକ ପୂଜା କମିଟି ଆନୁକୂଲ୍ୟରେ ଗତ ୧ ତାରିଖରୁ ଚାଲିଥିବା କାର୍ତ୍ତିକ ପୂଜା ଗୁରୁବାର ଭସାଣୀ ପରେ ସମ୍ପନ୍ନ ହୋଇଛି। ଗତ ୧ ତାରିଖରେ କଳସ ଯାତ୍ରା କରାଯାଇ ଜଗନ୍ନାଥ ମନ୍ଦିର ସ୍ଥିତ ନରେନ୍ଦ୍ର ପୋଖରୀରୁ ମହିଳାମାନେ କଳସରେ ଜଳ ଆଣିଥିଲେ। ଏଥିରେ ପ୍ରଭୁ କାର୍ତ୍ତିକ ଓ ଦେବୀ ନୀଳାଦ୍ରିଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ରୀତିନୀତି ମତେ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାହୋଇଥିଲା। ୫ତାରିଖ ସନ୍ଧ୍ୟାରେ ବରଗଡ଼ ଜିଲ୍ଲାର ତୁଳା ଗାଁ ମଳିପଡାର କାମିନୀ ବାଗ ଓ ଦଳ ତଥା ସୋନପୁର ଜିଲ୍ଲା କେନ୍ଦୁପଡା ଗାଁର ସ୍ମିତା କୁମ୍ଭାର ଓ ଦଳ ମଧ୍ୟରେ ବୈଠକ କୀର୍ତ୍ତନ କରାଯାଇଥିଲା। କର୍ତ୍ତା ଭାବେ ସୂର୍ଯ୍ୟକାନ୍ତୀ କଣ୍ଟା ଓ ସ୍ୱାମୀ ପୁରେନ୍ଦ୍ର କଣ୍ଟା କାର୍ଯ୍ୟ ନିର୍ବାହ କରିଥିଲେ। କମିଟି ସଭାପତି ବିନୋଦ ବାଗ, ସମ୍ପାଦକ ଗୁରୁପ୍ରସାଦ କାରାଲି, ଦୁଃଖବନ୍ଧୁ ସିଂ, ଲାଲା କାରାଲି, କାର୍ତ୍ତିକେଶ୍ୱର କରାଲି, ରବୀନ୍ଦ୍ର ସିଂ, ଅରବିନ୍ଦ ଯାଦବ, ନରେନ୍ଦ୍ର ଛଞ୍ଆଣ, ମହେନ୍ଦ୍ର କଣ୍ଟା, ହେମନ୍ତ କଣ୍ଟା, ଲିଙ୍ଗ ଓରାମ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପରଶଖଣ୍ଡିରେ ବୟସ୍କଙ୍କୁ କମ୍ବଳ ବଣ୍ଟନ



ପାଇକମାଲ,୬।୧୧(ସମିସ): ପାଇକମାଳ ବ୍ଲକ୍ ଛେତଗାଁ ପଞ୍ଚାୟତ ପରଶଖଣ୍ଡି ଗାଁରେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ବେଣୁଧର ରେନ୍ଧିଆ ଓ ବିନୋଦିନୀ ରେନ୍ଧିଆଙ୍କ ଦ୍ୱାରା କମ୍ବଳ ଓ ଚାଉଳ ବଣ୍ଟନ କରାଯାଇଛି। ଏହି ଅବସରରେ ସମ୍ବିତ ମହାଲିଙ୍ଗ, ତ୍ରିନାଥ ବିସ୍ରି, ଉତ୍ତମ ବାରିକ, ନୂଆଧର ସୁନା, ଅଞ୍ଜୁ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଦେବଗଡ଼,୬।୧୧(ସମିସ): ଦେବଗଡ଼ ଥାନାଞ୍ଚଳ ତିଲେଇବଣି ବିଟ ହାଉସ ଅଧୀନ କଣ୍ଢେଇକୋଳି ଗାଁର ବୁଲାଣି ନିକଟରେ ଗୁରୁବାର ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ହେଲେ ରିଆମାଳ ଥାନାଞ୍ଚଳର କୁମୁରାପାଲି ଗାଁର ତନ୍ମୟ ସାହୁ(୨୩)। ଆହତ ଯୁବକ ହେଲେ ସେହି ଗାଁର ରାଜକିଶୋର ନାୟକ। ଆଜି ସଂଧ୍ୟାରେ ତନ୍ମୟ ଓ ରାଜ କିଶୋର ବାଇକ ଯୋଗେ ଦେବଗଡରୁ ନିଜ ଘରକୁ ଫେରୁଥିଲେ। କଣ୍ଢେଇକୋଳି ଗାଁର ବୁଲାଣି ନିକଟରେ ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ତନ୍ମୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରାଜ କିଶୋରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନାପାଇ ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ୧୧ ବାର୍‌ହା ଶିକାରୀ ଗିରଫ

**ହୁକିଂ ସାମଗ୍ରୀ ସହ ୩ ମୃତ ବାର୍‌ହା ଜବତ**

ଦେବଗଡ଼, ୬/୧୧(ସମିସ)



ଦେବଗଡ଼ ବନଖଣ୍ଡ ଦେବଗଡ଼ ସେକ୍ସନ କଳାମାଟି ବିଟ ଅଧୀନ ସୁନାମୁଣ୍ଡା ଗ୍ରାମରେ ବେଆଇନ ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଗୁରୁବାର ଦେବଗଡ଼ ବନବିଭାଗ ପକ୍ଷରୁ ୧୧ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ବେଆଇନ ହୁକିଂରେ ବ୍ୟବହୃତ ସାମଗ୍ରୀ ସହ ୩ ମୃତ ବାର୍‌ହା ଜବତ କରାଯାଇଛି। ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାତ୍ରି କାଳୀନ ପାଟ୍ରୋଲିଂ ସମୟରେ ସୁନାମୁଣ୍ଡା ଗ୍ରାମରେ ଶିକାର ପାଇଁ ବେଆଇନ ଭାବେ ବିଦ୍ୟୁତ ତାର ସଂଯୋଗ କରାଯାଇଥିବା ସୂଚନା ମିଳିଥିଲା।

ଖବର ପରେ ବନ ବିଭାଗ ପକ୍ଷରୁ ସେହି ସ୍ଥାନରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ବନ କର୍ମଚାରୀ ମାନେ ଘଟଣା ସ୍ଥଳରେ ୧୧ ଜଣ ଶିକାରୀଙ୍କୁ କାବୁ କରିଥିଲେ। ଗିରଫ ବନ୍ୟ ଜନ୍ତୁ ଶିକାରୀ ମାନେ ସୁନାମୁଣ୍ଡା ଗ୍ରାମର ସୁଶାନ୍ତ କଲୋ (୩୨), ସୁଜିତ ସାହୁ (୩୫), ବୈରାଗୀ ବେହେରା(୨୦), ଜିତୁ ବେହେରା(୨୦), ଶୁକ୍ରୁ ନାଏକ (୨୭), କଳାମାଟି ଗ୍ରାମର ଦର୍ଶନ ବୁଢ଼ା (୪୫), ଦେବଗଡ଼ ପୌରାଞ୍ଚଳର ଦେବେନ୍ଦ୍ର ପାତ୍ର (୨୫), ଝରାଗୋଗୁଆର ସଞ୍ଜୟ ବେହେରା (୩୨), ଉତ୍ତମ ପେଣ୍ଟେଇ (୨୦), ଓ ସୁନୀଲ ମୁଣ୍ଡା (୨୬) ଏବଂ ସୁଳିଆ ଗ୍ରାମର ରାଜକିଶୋର ନାଏକ (୪୫) ବୋଲି ଜଣାପଡ଼ିଛି।

ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜପୁର କଟାପାଲିର ସମାଜସେବୀଙ୍କ ମୃତ୍ୟୁ

ଝାରସୁଗୁଡ଼ା,୬।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲାର ରାଜପୁର କଟାପାଲି ଠାରେ ବାସ କରୁଥିବା ସ୍ୱର୍ଗତ ଭାଗିରଥି ବେହେରାଙ୍କ ୯୧ ବର୍ଷ ବୟସରେ ମୃତ୍ୟୁ ହୋଇଯାଇଛି। ରାଜପୁର ପଞ୍ଚାୟତ ନୂତନ ଭାବେ ଗଠନ ପରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସଭ୍ୟ ଭାବେ କାର୍ଯ୍ୟ କରିଥିଲେ। ସମାଜର ଉନ୍ନତି ଓ ଗଠନ ମୂଳକ କାର୍ଯ୍ୟ କରିବା ସହିତ ରାଜପୁର କଟାପାଲି ସ୍କୁଲର କାର୍ଯ୍ୟକରୀ କମିଟିର ସଭାପତି ରହି ସୁନାମ ଅର୍ଜନ କରିଥିଲେ। ତାଙ୍କର ପୁରାଣ ପାଠ ଶୁଣିବା ପାଇଁ ସବୁଦିନେ ଶ୍ରୋତା ମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଥିଲା। ଗତକାଲି ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ବାସଗୃହକୁ ଆସି ଶେଷ ଦର୍ଶନ କରିଛନ୍ତି। ତାଙ୍କର ଦୁଇପୁଅ, ଦୁଇ ପୁତ୍ରବଧୂ ନାତି ନାତୁଣୀ, ଅଣ ନାତି ମୃତ୍ୟୁଶଯ୍ୟା ନିକଟରେ ରହିଥିଲେ। ଅପରାହ୍ଣରେ ତାଙ୍କ ମର ଶରୀରକୁ ସ୍ଥାନୀୟ ଶଶ୍ମାନକୁ ନିଆ ଯାଇଥିଲା। ତାଙ୍କ ପୁତ୍ର ବିଜୟ ବେହେରା ମୁଖାଗ୍ନୀ ଦେଇଥିଲେ।



## ଶିକ୍ଷଣ ଶିବିର 'ଉନ୍ମେଷ' ଉଦ୍‌ଯାପିତ




ଝାରସୁଗୁଡ଼ା,୬।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଟିଆରଏଲ, କ୍ରୋସାକି, ବେଲପାହାଡର ମିଳିତ ଆନୁକୂଲ୍ୟରେ ଜୁବଲି ହଲ, ଗୁମାଡେରାଠାରେ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୦୦ ଜଣ ଏ୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଦ୍ୱିତୀୟ ତ୍ରିଦିବସୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ଏଥିରେ ସଭାପତିତ୍ୱ କରିଥିଲେ। ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିଜ ଛାତ୍ର ଜୀବନ ଠାରୁ ପ୍ରଶାସନିକ ଅଧିକାରୀ ହେବା ପର୍ଯ୍ୟନ୍ତ ସାଉଁଟିଥିବା ଅଭିଜ୍ଞତାଗୁଡିକୁ ଛାତ୍ରଛାତ୍ରୀଙ୍କ ସହ ବାଣ୍ଟିଥିଲେ। ମାଟ୍ରିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ତଥା ଗୁଣାତ୍ମକ ଶିକ୍ଷା ପ୍ରାପ୍ତି ପାଇଁ ମାର୍ଗଦର୍ଶନ କରିଥିଲେ। ଛାତ୍ରଛାତ୍ରୀ ମଧ୍ୟ ଜିଲ୍ଲାପାଳଙ୍କ ସହିତ ସିଧାସଳଖ ଆଲୋଚନା କରି ଖୁସି ବ୍ୟକ୍ତ କରିଥିଲେ। ଝାରସୁଗୁଡ଼ା ବିଇଓ ଅନିଲ ପଟେଲ, କୋଲାବିରା ବିଇଓ ପ୍ରକାଶ ସାହୁ, ଲଖନପୁର ବିଇଓ ରାଜେନ୍ଦ୍ର ପ୍ରସାଦ ସାହୁ, ଲଇକେରା ବିଇଓ ହିମାଂଶୁ ବାଗ ଓ ଟିଆର୍‌ଏଲ୍ କ୍ରୋସାକି ବେଲପାହାଡର ପିଆର ଆଣ୍ଡ ସିଏସଆର ଜେନେରାଲ ମ୍ୟାନେଜର ଡ.ସନ୍ତୋଷ ମିଶ୍ର, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଭାରେ ଗିରିଧରଲାଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିଲେ। ଲଖନପୁର ବିଇଓ ରାଜେନ୍ଦ୍ର ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ପ୍ରାତଃକାଳରେ ଯୋଗ ପ୍ରଶିକ୍ଷକ ମହେନ୍ଦ୍ର ପଧାନଙ୍କ ଦ୍ୱାରା ପ୍ରତିଦିନ ଯୋଗ ଶିକ୍ଷା ଦିଆଯାଉଥିଲା। ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ପ୍ରଶ୍ନପତ୍ର ପ୍ରସ୍ତୁତ ପୂର୍ବକ ମୂଲ୍ୟାୟନ କରାଯାଇ ଛାତ୍ରଛାତ୍ରୀଙ୍କର ବିଷୟଭିତ୍ତିକ ଦ୍ୱନ୍ଦ ଦୂର କରାଯାଇଥିଲା। ଆସନ୍ତା ଡିସେମ୍ବର ମାସରେ ଏହାର ତୃତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ସୂଚନା ରହିଛି। ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଅଭିବୃଦ୍ଧି ନିମନ୍ତେ ସବୁବେଳେ ସେମାନଙ୍କ ଯୋଗାଯୋଗରେ ରହି ବିଷୟ ଭିତ୍ତିକ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ଗଡତିଆ ସାଧନକର୍ମୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାର ସଫଳ ରୂପାୟନ ପାଇଁ ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ରମେଶ ଖମାରି, ଟୁନାରଣା, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ଗୋବର୍ଦ୍ଧନ ସା, ଭାରତୀ ଭୋଇ, ଅରୁଣ ଭୋଇ, ଶିବଶଙ୍କର ମେହେର, ସବିତା ସାହୁ, ସୁଜିତ ପଧାନ, ପିଣ୍ଟୁ ପଧାନ ପ୍ରମୁଖଙ୍କୁ ସାଧନକର୍ମୀ ଭାବେ ନିଯୁକ୍ତ କରାଯାଇଛି।

## ବୈଜ୍ଞାନିକଙ୍କ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉଦ୍‌ବୋଧନ



ପଦ୍ମପୁର,୬।୧୧(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପଦ୍ମପୁରରେ ବିଶ୍ୱ ବୈଜ୍ଞାନିକ ଶିବେଶକୁ. ଜସ୍ ପେସିଫ ଶିଶୁ ଭାଇ ଭଉଣୀମାନଙ୍କୁ ବିଶ୍ୱ ବ୍ରହ୍ମାଣ୍ଡ ଗଠନ ବିଷୟରେ ମାର୍ଗଦର୍ଶନ କରିଛନ୍ତି। ସେ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ସଗରା ପଞ୍ଚାୟତ ସଦର ନିବାସୀ ଅଟନ୍ତି। ସେ ଏକାଧାରରେ ବିଶିଷ୍ଟ କସ୍ମୋଲଜିଷ୍ଟ, ଗଣିତଜ୍ଞ ଓ ବୈଜ୍ଞାନିକ ପ୍ରଚାରକ ଭାବେ ଦେଶ ପାଇଁ ଗୌରବ ଆଣିଛନ୍ତି। ପ୍ରଫେସର ଶିବେଶ ଜଜ୍ ପେସିଫ ଇନଷ୍ଟିଚ୍ୟୁଟ ଅଫ୍ କସ୍ମୋଲଜି (ଫିକ୍ସ)ର ସଂସ୍ଥାପକ ଓ ନିର୍ଦ୍ଦେଶକ ଅଟନ୍ତି। ତାଙ୍କ ଶାସ୍ତ୍ରୀୟ ଉତ୍କର୍ଷତାକୁ ସ୍ୱୀକାର କରି ୨୦୨୫ ବର୍ଷ ପାଇଁ ବିଶ୍ୱର ଶୀର୍ଷ ୨% ବୈଜ୍ଞାନିକ ମାନଙ୍କ ତାଲିକାରେ ତାଙ୍କୁ ସାମିଲ କରାଯାଇଛି। ସଭାରେ ସଭାପତି ପୃଥ୍ୱୀରାଜ ସାହୁ, ଉପ ସଭାପତି ଗୋପାଳ କୃଷ୍ଣ ମିଶ୍ର, ସମ୍ପାଦକ ଜନକଲାଲ ମେହେର, କୋଷାଧ୍ୟକ୍ଷ ଘନଶ୍ୟାମ ପୁଞ୍ଜି, ନିମନ୍ତ୍ରିତ ସଦସ୍ୟ ଡ.ବାଞ୍ଛାନିଧି ପଣ୍ଡା, ରୁଦ୍ର ନାରାୟଣ ଭୋଇ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ସମସ୍ତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ।

## ଜେଲ୍‌ରେ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ

ଝାରସୁଗୁଡ଼ା,୬।୧୧(ସମିସ): ଝାରସୁଗୁଡ଼ା ଜେଲରେ ଜଣେ କଏଦୀ ଆତ୍ମହତ୍ୟା ଉଦ୍ୟମ କରିଥିବା ନେଇ ଜଣାପଡିଛି। ଏହି ଘଟଣାକୁ ନେଇ ଝାରସୁଗୁଡା ଜେଲ ପୁଣି ବିବାଦ ଘେରକୁ ଆସିଛି। କଏଦୀ ଜଣଙ୍କ ହେଲେ ସଦର ଥାନା ଅଧୀନ କବରସ୍ଥାନ ପଡ଼ାରେ ରହୁଥିବା ଝାରଖଣ୍ଡର ଗରୱା ଜିଲ୍ଲା ନିବାସୀ ରାମ ରଜାକ ଓରଫ ରୋହିତ ରଜାକ ବୋଲି ସୂଚନା ରହିଛି। ଗୁରୁବାର ଅପରାହ୍ଣରେ ଝାରସୁଗୁଡ଼ା ଜେଲ ପରିସରରେ ଥିବା ଏକ ଗଛରେ ବିଚାରାଧୀନ କଏଦୀ ରୋହିତ ଗାମୁଛାରେ ଫାଶୀ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲା। ଗୁରୁତର ଭାବେ ତାକୁ ଉଦ୍ଧାର କରାଯାଇଥିଲା। ଏହାପରେ ବୁର୍ଲା ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାର ଅବସ୍ଥା ସଂକଟପନ୍ନ ଥିବା ବେଳେ ତାକୁ ଭୀମସାର ଆଇସିୟୁରେ ଭର୍ତ୍ତି କରାଯାଇଛି। ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ତା ନାମରେ ମାମଲା ରୁଜୁ ହୋଇଥିଲା। ଗତ ଜୁଲାଇ ୧୦ ତାରିଖରେ ତାକୁ ଗିରଫ କରାଯାଇଥିଲା। ସେବେଠାରୁ ସେ ଜେଲରେ ରହିଥିବା ନେଇ ଜଣାପଡିଛି।

## ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟିଲା ଅମଲା ସଂଘ



ବରଗଡ଼,୬।୧୧(ସମିସ): ବିଭନ୍ନ ସମସ୍ୟା ନେଇ ବରଗଡ଼ର ଓଡ଼ିଶା ଅମଲା ସଂଘ ଜିଲ୍ଲା ଶାଖାର କର୍ମକର୍ତ୍ତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରକୋଷ୍ଠରେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସହୁ ଓ ବରଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁଙ୍କୁ ସାକ୍ଷାତ କରିଛନ୍ତି। ଶିକ୍ଷା ବିଭାଗର ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ସମୟରେ ସଂଘର ଅଧକ୍ଷ୍ୟ ନନ୍ଦ ମିଶ୍ର, ସଭାପତି ଫାଲଗୁନି ପଣ୍ଡା, ସମ୍ପାଦକ ଜ୍ଞାନ ପ୍ରକାଶ ସାହୁ, ଉପଦେଷ୍ଟା ରମେଶ ଚନ୍ଦ୍ର ମେହେର, ବରିଷ୍ଠ ସହାୟକ ନିରାକାର ସାହୁ, ମୁଖ୍ୟ ସହାୟକ ଜନ୍ମଜୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ୟା ଗୁଡ଼ିକୁ ଶୁଣିବା ପରେ ଶୀଘ୍ର ସମାଧାନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

## ସାଇ ଭଜନ ଓ ଲକ୍ଷ୍ମୀ ଭଜନର ଶୁଭ ଉନ୍ମୋଚନ

ବରଗଡ଼,୬।୧୧(ସମିସ): ବରଗଡ଼ ସହରର ଜଣେ ସ୍ୱନାମଧନ୍ୟ ଡାକ୍ତର ଦମ୍ପତ୍ତି ଡ.ସୁସ୍ମିତା ଦାଶ ଓ ଡ.ରାଜେଶ୍ ତ୍ରିପାଠୀ କିଛି ନା କିଛି ନିଆରା କାର୍ଯ୍ୟକ୍ରମ କରି ସବୁବେଳେ ଚର୍ଚ୍ଚାରେ ରହି ଆସିଛନ୍ତି। ପ୍ରତିବର୍ଷ ନୂଆଁଖାଇ ସମୟରେ ନିରାଶ୍ରିତଙ୍କୁ ନିଜ ସାଇକୃପା ପଲି କ୍ଲିନିକ୍‌କୁ ଡାକିଥାନ୍ତି। ନିଜେ ଡାକ୍ତର ଦମ୍ପତ୍ତି ସମସ୍ତଙ୍କୁ ନୂଆ ଧାନରେ ପ୍ରସ୍ତୁତ ଭୋଜନ ପରସି ଦେଇଥାନ୍ତି। ଏପରିକି ଅନେକ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଖର୍ଚ୍ଚ ମଧ ସେମାନେ ବହନ କରୁଛନ୍ତି। ଗତ ମାସରେ ବରଗାଁର ଜଣେ ଅସହାୟ ମହିଳାଙ୍କ ଘରକୁ ଯାଇ ତାଙ୍କ ଚିକିତ୍ସା କରିବା ସହ ସମସ୍ତ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ସାଇବାବା ତଥା ମାଁ ଲକ୍ଷ୍ମୀଙ୍କ ଆଶୀର୍ବାଦ ଯୋଗୁ ଏମିତି ଅନେକ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରି ଥିବା କହିଥାନ୍ତି। ଆଜି ପବିତ୍ର ମାର୍ଗଶିର ପ୍ରଥମ ଗୁରୁବାର ସାଇକୃପା ପଲିକ୍ଲିନିକ୍ ଓ ହସ୍ପିଟାଲ ଠାରେ ସାଇ ଭଜନ ଏବଂ ଏକ ଲକ୍ଷ୍ମୀ ଭଜନ ପଦ୍ମଶ୍ରୀ ଡ.ହଳଧର ନାଗଙ୍କ ହାତରେ ଉନ୍ମୋଚିତ ହୋଇଛି। ଏଥିରେ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ ଗୀତ ଗାଇଥିବା ବେଳେ, ସଙ୍ଗୀତ ନିର୍ଦ୍ଦେଶକ କମଳେଶ୍ ଚକ୍ରବର୍ତ୍ତୀ ନିର୍ଦ୍ଦେଶନା ଦେଇଛନ୍ତି। ରତନ୍ ପୁଝାରୀ ସଂରଚନା ଏବଂ ଭିଡିଓଗ୍ରାଫି ସିପୁନ୍ କରିଛନ୍ତି। ଡ.ସୁସ୍ମିତା ଦାଶ ଗୀତ ଦୁଇଟିକୁ ପ୍ରଯୋଜନା କରିଛନ୍ତି। 'ସାଇକୃପା ଅର୍ଚ୍ଚନା ପାଢ଼ୀ' ଓ 'ଲକ୍ଷ୍ମୀପାହା ଅର୍ଚ୍ଚନା ପାଢ଼ୀ' ନାମରେ ଏହି ଦୁଇଟି ଗୀତ ୟୁଟ୍ୟୁବରେ ଉପଲବ୍ଧ ରହିଛି।



## ରୁଚିଦା ହାଇସ୍କୁଲରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଅମ୍ବାଭୋନା,୬।୧୧(ସମିସ): ବରଗଡ଼ ଜିଲ୍ଲା ଆମ୍ବଭୋନା ବ୍ଲକ୍ ଅଧୀନ ପୁରୁଷୋତ୍ତମ ସରକାରୀ ହାଇସ୍କୁଲ ରୁଚିଦାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅମ୍ବାଭୋନା ଥାନା ଅଧିକାରୀ ବିପିନ୍ ବାଗ ଏବଂ ତାଙ୍କର ସହଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଅଜୟ ମେହେର ଏଥିରେ ଅଧକ୍ଷତା କରିଥିଲେ। ହିନ୍ଦୀ ଶିକ୍ଷକ ସୁବୋଧ ଭୋଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନବମ ଓ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କ ସହ ବିଦ୍ୟାଳୟର ଶିକ୍ଷକ ହରବଲ୍ଲଭ ପ୍ରଧାନ, ପ୍ରଭାତ ନାୟକ, ବଳରାମ ରଣା, ଶିକ୍ଷୟିତ୍ରୀ ରୀନା ମେହେର, ତନୟା ତନସନା, ପୁଷ୍ପାଙ୍ଗିନୀ ଭୁଏ, ମେନକା ମେହେର, ସବିତା ଦେହେରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅମ୍ବାଭୋନା ଥାନା ଅଧିକାରୀ ବିପିନ୍ ବାଗ ଅଡିଓ ଭିଜୁଆଲ୍ ମାଧ୍ୟମରେ ସମାଜରେ ହେଉଥିବା ସାଇବର ଠକେଇ ପ୍ରତି ସମସ୍ତଙ୍କୁ ସଚେତନ କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଲିଫଲେଟ୍ ବଣ୍ଟନ କରାଯାଇଥିଲା। ସେଲଫି ପଏଣ୍ଟରେ ଛାତ୍ରଛାତ୍ରୀ ଫଟୋ ଉତ୍ତୋଳନ କରିଥିଲେ। ଶେଷରେ ହିନ୍ଦୀ ଶିକ୍ଷକ ସୁବୋଧ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଟୁହୁଙ୍ଗିଦାଦର ବିଦ୍ୟାଳୟରେ ଲାଗିଲା ସିସିଟିଭି


ଝାରବନ୍ଧ,୬।୧୧(ସମିସ)



ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍ ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁଙ୍କ ମାର୍ଗଦର୍ଶନ ତଥା ଅମଠି ପଞ୍ଚାୟତ ସରପଞ୍ଚ ଲକ୍ଷେ ସିଂ ଥପାଙ୍କ ସହାୟତାରେ ଅମଠି ପଞ୍ଚାୟତ ଅଧୀନ ଟୁହୁଙ୍ଗିଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କୋଠରୀରେ ସିସିଟିଭି ସଂଯୋଗ କରାଯାଇଛି। ଫଳରେ ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଅଭିଭାବକ ମାନେ ଘରେ ଥାଇ ବିଦ୍ୟାଳୟର ପାଠପଢ଼ା ଦେଖିପାରିବେ। ବିଦ୍ୟାଳୟରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଛାତ୍ରଛାତ୍ରୀ ଅନୁପାତରେ ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ବିଦ୍ୟାଳୟରେ ଏକ ସବୁଜିମା ଭରା ବଗିଚା ରହିଛି। ପିଲାଙ୍କ ପିଇବା ପାଣି ନିମନ୍ତେ ଫିଲ୍ଟର ବ୍ୟବସ୍ଥା କରାଯାଇଛି। ମୌଳିକ ସାକ୍ଷରତା ଏବଂ ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ ଉତ୍ସର୍ଗୀକୃତ ଶିକ୍ଷକ ମୀନକେତନ ଥପା ଅତ୍ୟନ୍ତ ନିଷ୍ଠାର ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଆସୁଛନ୍ତି। ତାଙ୍କ ଶ୍ରେଣୀ କୋଠରୀରେ ସ୍ୱଳ୍ପ ମୂଲ୍ୟ ତଥା ବିନା ମୂଲ୍ୟର ଅନେକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଛନ୍ତି। କିଛି ଦିନ ପୂର୍ବରୁ ଉକ୍ତ ବିଦ୍ୟାଳୟରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈତାଳି କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ସେଠଙ୍କ ବଳିଷ୍ଠ ନେତୃତ୍ୱରେ ସହକାରୀ ଶିକ୍ଷକ ଭୋଗ ସିଂ ଦାଉ, ନିରଞ୍ଜନ ସାଗର ଏବଂ ଶଶିକଳା ଗଣିତ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟରେ ବଜ୍ରପାତ ଅବରୋଧକ ଯନ୍ତ୍ର, ସାବୁନ ବ୍ୟାଙ୍କ, ଇଣ୍ଟରନେଟ ବ୍ୟବସ୍ଥା, ପକ୍ସୋ ମତାମତ ବାକ୍ସ ଆଦି କରାଯାଇଛି। ବୈତାଳି କ୍ଲଷ୍ଟର ସିଆରସିଙ୍କ ଉଦ୍ୟମ କ୍ରମେ କ୍ଲଷ୍ଟର ଅଧୀନ ପ୍ରତ୍ୟେକ ବିଦ୍ୟାଳୟରେ ଶିଶୁମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଯାହାକୁ ଅଭିଭାବକ ଏବଂ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି।

**ଘରେ ଥାଇ ଅଭିଭାବକ ଦେଖିବେ ପାଠପଢ଼ା**

## ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ସଚେତନତା



ଝାରସୁଗୁଡ଼ା,୬।୧୧(ସମିସ): ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ପେନସନ ଭୋଗୀମାନଙ୍କ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଝାରସୁଗୁଡ଼ା ଜିଲ୍ଲା କୋଷାଗାର କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଭାରତ ସରକାରଙ୍କର ସ୍ୱଳ୍ପ ସଞ୍ଚୟ ଯୋଜନା, ସାଇବର ସୁରକ୍ଷା ଓ ନିରାପଦ ସଞ୍ଚୟ ଉପରେ ଆଲୋକପାତ କରିଥିଲେ। ଟ୍ରେଜେରୀ ଅଫିସର କନକଲତା ଏକ୍କା ବକ୍ତବ୍ୟ ପ୍ରଦାନ କରିଥିଲେ। ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ରୂପେ ଗ୍ରହଣ କଲେ ଡାକ୍ତର



ବରଗଡ଼, ୬।୧୧(ସମିସ): ଲହଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଡାକ୍ତର ଚିତ୍ତରଞ୍ଜନ ଜେନା 'ନିକ୍ଷୟ ମିତ୍ରା' ଭାବେ ୧୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ରୂପେ ଗ୍ରହଣ କରିଛନ୍ତି। ଚିକିତ୍ସାଧୀନ ସମୟରେ ସେହି ଯକ୍ଷ୍ମା ରୋଗୀଙ୍କର ପୁଷ୍ଟିକର ଖାଦ୍ୟର ସମସ୍ତ ଖର୍ଚ୍ଚ ଡାକ୍ତର ଚିତ୍ତରଞ୍ଜନ ବହନ କରିବେ। କାର୍ଯ୍ୟକ୍ରମରେ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ରବିନାରାୟଣ ମିଶ୍ର, ଲହଣ୍ଡା ସରପଞ୍ଚ ଅର୍ଜୁନ ନାୟକ, ଯକ୍ଷା ରୋଗ ଅଧିକାରୀ ପ୍ରଭାସ ରଥ, ଡ.ସ୍ୱାଗତ ପ୍ରଧାନ, ଶିବାନନ୍ଦ ବହିଦାର, ଦେବବ୍ରତ ରଥ, ବେଦବ୍ୟାସ ସେଠ୍, ସୁଧୀର ଦାଶ, ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଡ.ଜେନା ଯକ୍ଷ୍ମା ରୋଗୀ ମାନଙ୍କ 'ନିକ୍ଷୟ ମିତ୍ରା' ହୋଇ ନିଜ ଶକ୍ତି ମୁତାବକ ସାହାଯ୍ୟ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

### ଏପର୍ଯ୍ୟନ୍ତ ଜିଲ୍ଲାରେ ଖୋଲିନି ମଣ୍ଡି

# ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟତିକ୍ରମ

**ନିର୍ବାଚନ ପାଇଁ ସମୟ ଅଛି, ଚାଷୀଙ୍କ ପାଇଁ ନାହିଁ**

ବରଗଡ଼, ୬।୧୧(ସମିସ)

ବରଗଡ଼ ଜିଲ୍ଲାକୁ ଓଡ଼ିଶାର ଭାତ ହାଣ୍ଡି ବୋଲି କୁହାଯାଏ। ଏଠାରେ ଧାନ ଚାଷ ଓ ଅନ୍ୟ ଖାଦ୍ୟ ଅଧିକ ଉତ୍ପାଦନ ହୋଇଥାଏ। ହେଲେ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଧାନ ସଂଗ୍ରହ ହେଉକି କି ଚାଷୀଙ୍କ କଥା ହେଉ ଡବଲ ଇଞ୍ଜିନ ସରକାରକୁ କୌଣସି ଚିନ୍ତା ନାହିଁ ବୋଲି ଆମ୍ ଆଦମୀ ପାର୍ଟି ରାଜ୍ୟ ସମ୍ପାଦକ ଭବାନୀ ସାହୁ ଅଭିଯୋଗ କରିଛନ୍ତି। ଏପର୍ଯ୍ୟନ୍ତ ଜିଲ୍ଲାର ମଣ୍ଡି ଖୋଲି ନାହିଁ। ପୂର୍ବ ବର୍ଷ ଗୁଡିକରେ ପ୍ରାୟ ନଭେମ୍ବର ପ୍ରଥମ ସପ୍ତାହରେ ଧାନ ସଂଗ୍ରହ ଆରମ୍ଭ ହୋଇଥାଏ। ଏନେଇ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ବୈଠକ ଅକ୍ଟୋବର ମାସରେ ସରିଥାଏ। ହେଲେ ଏଥର ନା ଡିଏଲପିସି ମିଟିଂ ହେଲା ନା ଧାନ ସଂଗ୍ରହ ଆରମ୍ଭ ହେଲା। କାରଣ ବର୍ତ୍ତମାନ ସରକାରଙ୍କ ସମ୍ପୂର୍ଣ୍ଣ ଦୃଷ୍ଟି କେବଳ ନୂଆପଡ଼ା ନିର୍ବାଚନ ଉପରେ। କେବଳ ପ୍ରଚାରରେ ସରକାର ବ୍ୟସ୍ତ। ବରଗଡ଼ ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ଚାଷୀ ଧାନ କାଟି ବିଲରେ ଖଳାରେ ବା ଜାତୀୟ ରାଜପଥରେ ଶୁଖାଉ ଥିବା ଦେଖିବାକୁ ମିଳୁଛି। ସେହିପରି ଚଳିତ ବର୍ଷ ଚାଷୀ ପଞ୍ଜୀକରଣରେ ବହୁତ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରୁ ବଞ୍ଚିତ ହୋଇଛନ୍ତି। କେମିତି ଧାନ ବିକ୍ରି କରିବେ ବୋଲି ଚିନ୍ତାରେ ରହିଛନ୍ତି। ଅନ୍ୟପକ୍ଷେ ବାତ୍ୟା ମୋନ୍ଥାରେ ହୋଇଥିବା ଚାଷୀଙ୍କ କ୍ଷୟକ୍ଷତିର କୌଣସି ଆକଳନ ଏପର୍ଯ୍ୟନ୍ତ ହୋଇ ନଥିବାରୁ ସେମାନେ କ୍ଷୁବ୍ଧ ଥିବା ଶ୍ରୀ ସାହୁ କହିଛନ୍ତି। ସେହିପରି ଚଳିତ ବର୍ଷ ଧାନର ଏମ୍ଏସପି ୬୯ ଟଙ୍କା ବୃଦ୍ଧି ହୋଇଛି। ଓଡ଼ିଶା ଚାଷୀଙ୍କୁ ତାହା ଏ ସରକାର ପ୍ରଦାନ କରିବା ନେଇ କୌଣସି ସ୍ପଷ୍ଟୋକ୍ତି ରଖି ନାହାନ୍ତି। ନୂଆପଡ଼ା ନିର୍ବାଚନକୁ ନେଇ ସରକାର ଯେତେ ଚିନ୍ତିତ ସେତିକି ଚାଷୀଙ୍କ ପାଇଁ ହେଲେ ସମସ୍ତେ ଉପକୃତ ହୁଅନ୍ତେ ବୋଲି ଶ୍ରୀ ସାହୁ କହିଛନ୍ତି।

## କାଳସି ପୂଜା ମହାସମାରୋହରେ ଉଦ୍‌ଯାପିତ



ଭଟଲି, ୬।୧୧(ସମିସ): ଭଟଲି ରଥଦାଣ୍ଡ ପଡ଼ିଆରେ ଦୀର୍ଘ ୫ ଦିନ ଧରି ବୀର ସୁରେନ୍ଦ୍ର ସାଏ, ଭଟଲି ପାତିକାର ପଲ୍ଲୀ ଦ୍ୱାରା ମହାକାଳସି ପୂଜା ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଏହି ମର୍ମରେ ରଥଦାଣ୍ଡ ପଡ଼ିଆରେ ଯାତ୍ରା ସମ୍ରାଟ ଗଣେଶ ଅପେରା, ଯଶୋବନ୍ତ ସାଗର ଅର୍କେଷ୍ଟ୍ରା, ରଜନୀଗନ୍ଧା ଟୁଖେଲ ଦଣ୍ଡ ନୃତ୍ୟ, ମହିଷା ମର୍ଦ୍ଦିନୀ ନାଟକ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସିନ୍ଧୁନନ୍ଦିନୀ ଆଚାର୍ଯ୍ୟ ସମାଜସେବୀ ଏବଂ ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ପଧାନଙ୍କ ଦ୍ୱାରା କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଥିଲା। ସେହିପରି ଭଟଲି ବ୍ଲକ ବିଶ୍ୱ ହିନ୍ଦୁ ପରିଷଦ ସଭାପତି ବିଜୟ ମେହେରଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଥିଲା। ଏହି ପର୍ବରେ ସଭାପତି ନିରଞ୍ଜନ ପାତିକାର, ଉପସଭାପତି ସାମନ୍ତ ପାତିକାର, ସମ୍ପାଦକ ସରୋଜ ପାତିକାର, କୋଷାଧ୍ୟକ୍ଷ ଅଶୋକ ପାତିକାର ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଈଶ୍ୱର ପାତିକାର ଏବଂ ଅନିଲ ପାତିକାର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଞ୍ଚଳ ମହାବିଦ୍ୟାଳୟରେ ବ୍ରହ୍ମାଣ୍ଡ ଓ ଆମ୍ ଅଧ୍ୟୟନ ଉପରେ ବ୍ୟାଖ୍ୟାନ

ପଦ୍ମପୁର, ୬।୧୧(ସମିସ): ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରରେ "ବ୍ରହ୍ମାଣ୍ଡର ଆଶ୍ଚର୍ଯ୍ୟକୁ ଅନୁସନ୍ଧାନ କରିବା: ମହାକାଶ, ଜ୍ୟୋତିର୍ବିଜ୍ଞାନ ଏବଂ ଷ୍ଟେମ୍ ଶିକ୍ଷା" ବିଷୟରେ ଆମନ୍ତ୍ରିତ ବ୍ୟାଖ୍ୟାନ ଆୟୋଜିତ ହୋଇଛି। ମହାବିଦ୍ୟାଳୟର ଭୌତିକ ବିଜ୍ଞାନ ବିଭାଗ, ଗଣିତ ବିଭାଗ ଓ ଆଇକ୍ୟୁଏସିର ଯୁକ୍ତ ଉଦ୍ୟମରେ କାର୍ଯ୍ୟକ୍ରମଟି ସମ୍ମିଳିତ ଭାବେ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥିଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ୟାସିଫିକ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କସ୍ମୋଲୋଜି ଆଣ୍ଡ ସେଲ୍ଲୋଲୋଜି (ପିଆଇସିଏସ୍)ର ସଂସ୍ଥାପକ ନିର୍ଦ୍ଦେଶକ ଏବଂ ପ୍ରଫେସର ଡ.ଶିବେଶ ଜାସ୍ ପ୍ୟାସିଫିକ୍ ଯୋଗ ଦେଇଥିଲେ। ସେ ବ୍ରହ୍ମାଣ୍ଡ, ଖଗୋଳ ବିଜ୍ଞାନ, ମହାକାଶ ବିଜ୍ଞାନ ଏବଂ ଏସ୍‌ଟିଇଏମ୍(ଷ୍ଟେମ୍) ଶିକ୍ଷା ବିଷୟରେ ଜ୍ଞାନବର୍ଦ୍ଧକ ଉପସ୍ଥାପନା କରିଥିଲେ। ବ୍ରହ୍ମାଣ୍ଡକୁ ବୁଝିବା ସହିତ ସ୍ୱୟଂକୁ ବୁଝିବାର ମହତ୍ତ୍ୱ ବ୍ୟାଖ୍ୟା କରିଥିଲେ। ବିଜ୍ଞାନ, ଭୂଗୋଳ, ଶିକ୍ଷା, ମନୋବିଜ୍ଞାନ ଓ ଦାର୍ଶନିକତାର ଦୃଷ୍ଟାନ୍ତ ଦେଇ ସେ ଛାତ୍ରଛାତ୍ରୀଙ୍କୁ ବିଶ୍ୱାସ, ଆତ୍ମଚେତନା ଓ ସୃଜନଶୀଳ ଚିନ୍ତାଧାରା ପ୍ରତି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଭୌତିକ ବିଭାଗର ବିଭାଗ ଅଧ୍ୟକ୍ଷ ଓମ୍ ପ୍ରକାଶ ସତ୍‌ନାମୀଙ୍କ ଦ୍ୱାରା କରାଯାଇଥିଲା। ଗଣିତ ବିଭାଗର ବିଭାଗ ଅଧ୍ୟକ୍ଷା ଝୁନୁ ପରିଡ଼ା ଅତିଥିଙ୍କ ପରିଚୟ ଦେଇଥିଲେ। ଶେଷରେ ଆଇକ୍ୟୁଏସିର ସଂଯୋଜକ ନବକୃଷ୍ଣ ମିଶ୍ର ଧନ୍ୟବାଦ ଜଣାଇଥିଲେ। ଡ.ବାଞ୍ଛାନିଧି ପଣ୍ଡା, ଡ.ତୁଷାରକାନ୍ତ ସାହୁ, ବାଲଗୋପାଲ୍ ମେହେର, ମୋନାଲିସା ସ୍ୱାଇଁ, ବୁନୀ ସାହୁ, ନିକିତା ଭୋଇଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ ପ୍ରାଧ୍ୟାପିକା, ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବିଶ୍ୱ କଲ୍ୟାଣ ପାଇଁ ଲକ୍ଷେ ୮୮ ଦୀପଦାନ



ବରଗଡ଼, ୬।୧୧(ସମିସ): ସ୍ଥାନୀୟ ଆନନ୍ଦ କଲ୍ୟାଣ ମଣ୍ଡପ ପାଖରେ ବିଶ୍ୱ କଲ୍ୟାଣ ପାଇଁ କୋଶଳ ଆନ୍ଧ୍ର କଲଚରାଲ ଆସୋସିଏସନ ପକ୍ଷରୁ ଲକ୍ଷେ ୮୮ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଗୁରୁବାର ଶିବ ପାର୍ବତୀଙ୍କ ବିବାହ ସହ ହୋମଯଜ୍ଞ ପୂର୍ଣ୍ଣାହୁତୀ ପରେ ରାତ୍ରିରେ ଉଦ୍‌ଯାପିତ ହେବ। ଏହି ଅବସରରେ ବୁଧବାର ସକାଳ ସାଢ଼େ ୮ ଟାରେ ଦେବ ଦେବ ମହାଦେବ ଏବଂ ମାଁ ପାର୍ବତୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ପରେ ଯଥାରୀତି ପୂଜାପାଠ, ହୋମଯଜ୍ଞ ସହ ଦୀପଦାନ କରାଯାଇଛି। ରାତ୍ରି ସାଢ଼େ ୭ ଟାରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଠାରେ ବାଲାଜୀ ବାବାଙ୍କ ମନ୍ଦିର ନିର୍ମାଣ କରାଯିବ ବୋଲି କମିଟି ପକ୍ଷରୁ ଡି.ମୁରଳୀ କ୍ରିଷ୍ଣା କହିଛନ୍ତି। ଏଥିରେ ଡି.ମୁରଳୀ କ୍ରିଷ୍ଣା, ରାଜା, ପ୍ରତାପ, ଶ୍ରୀହରି, ସତ୍ୟ ପ୍ରସାଦ, ସତ୍ୟନାରାୟଣ, ପଓନ ଏବଂ ନାଗେଶ୍ୱର ରାଓ ସପତ୍ନୀକ କର୍ତ୍ତାକର୍ତ୍ତୀ ଦାୟିତ୍ୱ ବହନ କରିଥିଲେ। ବିଜୟ ନଗରମର ଅରୁଗଣ୍ଟି ରବି ଶର୍ମା ଓ ଅନ୍ୟ ମାନେ କାର୍ଯ୍ୟକ୍ରମର ପୌରୋହିତ୍ୟ କରିଥିଲେ।

## ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ସଫଳତା

ବରଗଡ଼, ୬।୧୧(ସମିସ): ତ୍ରିଦିବସୀୟ ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା କଟକ ସ୍ଥିତ ଜେ.ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଗତ ୩୧ ରୁ ୨ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ସମ୍ପାଦକ ତଥା କୋଚ ବିଜୟ ଭୋଇଙ୍କ ନେତୃତ୍ୱରେ ବରଗଡ଼ ଜିଲ୍ଲାରୁ ୨୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଅନୁଭବ ଆଶୀର୍ବାଦ ନନ୍ଦ, ପ୍ରିୟା ବେହେରା ଏବଂ ରୋହିତ ମାଝୀଙ୍କୁ ସ୍ୱର୍ଣ୍ଣ ପଦକ, ଆହ୍ୱାନ ମିଶ୍ର ଅନ୍ୱେଷା ଗର୍ତିଆ, ଯୁବାନ ଅଗ୍ରୱାଲ, ସାଗର ମେହେର ଏବଂ ଯୁବରାଜ ଭୋଇଙ୍କୁ ରୌପ୍ୟ ପଦକ ସମେତ ବରଗଡ଼ ଜିଲ୍ଲା ସର୍ବମୋଟ ୨୨ଟି ପଦକ ହାସଲ କରିଛି। ସଙ୍ଘର ସଭାପତି ନବକିଶୋର ପାଣିଗ୍ରାହୀ ଏବଂ ଉପସଭାପତି ଆଶୁତୋଷ ରଥଙ୍କ ସମେତ ବରଗଡ଼ ବାସୀ ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।








## ଜଳାଶୟ ଦୂଷିତ କରିବାରୁ ରାଇସ ମିଲ୍ ସିଲ୍ କଲା ପ୍ରଶାସନ

ବିଜେପୁର, ୬।୧୧(ସମିସ)

ବରଗଡ଼ ଜିଲ୍ଲା ବିଜେପୁରର ଦାମୋଦର କଟାର ଦୂଷିତ ହେଉଥିବା ପାଣି ପ୍ରସଙ୍ଗକୁ ନେଇ ଗୁରୁବାର ସୀତାରାମ ଫୁଡ୍ ରାଇସ ମିଲକୁ ପ୍ରଶାସନ ସିଲ କରିଛି। ସୂଚନାଯୋଗ୍ୟ, ବିଜେପୁର ବାଉଁଶପୋଲା ପଟରେ ଥିବା ଉକ୍ତ ରାଇସ ମିଲରୁ ନିର୍ଗତ ହେଉଥିବା ଦୂଷିତ ପାଣି ଓ ବର୍ଜ୍ୟ ବସ୍ତୁ ଦାମୋଦର ପୋଖରୀରେ ମିଶୁଥିବାର ଅଭିଯୋଗ କରିଥିଲେ ବିଜେପୁର ବାସୀ। ଏହା ଫଳରେ ପୋଖରୀର ପାଣି ମାତ୍ରାଧିକ ଦୂଷିତ ହୋଇ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। କିଛି ସ୍ଥାନୀୟ ଲୋକେ ଏ ସଂକ୍ରାନ୍ତରେ ମିଲ ମାଲିକଙ୍କୁ ତାଗିଦ୍ କରିଥିବା ବେଳେ ମିଲ ପକ୍ଷରୁ ଅଭିଯୋଗକୁ ଖଣ୍ଡନ କରାଯାଇଥିଲା। ଫଳରେ ଗତ ସୋମବାର ଗ୍ରାମବାସୀ ଶୋଭାଯାତ୍ରାରେ ଆସି ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସୂଚନାକ୍ରମେ ଜଳ ଓ ପରିମଳ ବିଭାଗ ପକ୍ଷରୁ ଦାମୋଦର ପୋଖରୀର ପାଣି ପରୀକ୍ଷା କରାଯାଇଥିଲା। ପାଣି ମାତ୍ରାଧିକ ଦୂଷିତ ହୋଇଥିବା ପରୀକ୍ଷଣରୁ ଜଣା ପଡ଼ିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବିଜେପୁର ତହସିଲଦାର ଜ୍ୟୋତିପ୍ରକାଶ ଭୋଇଙ୍କ ଉପସ୍ଥିତିରେ ପାଣି ଯାଞ୍ଚ କରିବା ସହିତ ଅଭିଯୋଗର ତଦନ୍ତ କରାଯାଇଥିଲା। ଘଟଣା ସଂକ୍ରାନ୍ତରେ ପଦ୍ମପୁର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅର୍ଗୁଲାଙ୍କ ନିର୍ଦ୍ଦେଶ କ୍ରମେ ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସୀତାରାମ ଫୁଡ୍ ପ୍ରଡକ୍ଟକୁ ସିଲ କରାଯାଇଥିବାର ସୂଚନା ମିଳିଛି। ଅନ୍ୟ ପକ୍ଷରେ ପୋଖରୀ ପାଣିକୁ ବିଶୁଦ୍ଧ କରିବା ଦିଗରେ ମଧ୍ୟ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

## ପାଠକଙ୍କ ଅପେକ୍ଷାରେ ସୂଚନା କେନ୍ଦ୍ର ପାଠାଗାର



ପଦ୍ମପୁର, ୬।୧୧(ସମିସ): ପୁସ୍ତକ ଅଛି କିନ୍ତୁ ପଢ଼ିବାକୁ କେହି ନାହାନ୍ତି। ପଦ୍ମପୁର ଉପଖଣ୍ଡ ସୂଚନା କେନ୍ଦ୍ର ପାଠାଗାରରେ ଏ ଭଳି ସ୍ଥିତି ଦେଖିବାକୁ ମିଳିଛି। ପଦ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସର ଉପର ମହଲାରେ ଏହି ପାଠାଗାର ରହିଛି। ୧୫ରୁ ଊର୍ଦ୍ଧ୍ୱ ଆଲମାରୀ ସେଠାରେ ରହିଛି। ଅନେକ ମୂଲ୍ୟବାନ ପୁସ୍ତକ ଭିତରେ ଦୀର୍ଘ ଦିନ ହେଲା ଖତ ଖାଉଛି। ଦିନ ଥିଲା ସେହି ଆଲମାରୀ ଗୁଡ଼ିକରୁ ଅନେକ ପୁସ୍ତକ ବାହାର କରାଯାଇ ପଢ଼ା ହେଉଥିଲା। କିନ୍ତୁ ଏବେ ସେଗୁଡିକ ସତେ ଯେମିତି ଅଲୋଡ଼ା ହୋଇ ପଡ଼ିଛି। ପୂର୍ବରୁ ଏହା ପଦ୍ମପୁର ଟାଉନହଲ ଠାରେ ଚାଲିଥିଲା। ସକାଳ ୮ରୁ ୧୧ ଏବଂ ସନ୍ଧ୍ୟା ୫ରୁ ୮ ପର୍ଯ୍ୟନ୍ତ ପାଠାଗାର ଖୋଲାଯାଉଥିଲା। ପ୍ରତିଦିନ ୩୦/୪୦ ଜଣ ଛାତ୍ର ଆସୁଥିଲେ। ୪ ବର୍ଷ ପରେ ଏହା ନିଜସ୍ୱ କୋଠାକୁ ଆସିଛି। ତାହା ପରଠାରୁ ଏହି ପାଠାଗାରକୁ କେହି ଆସୁ ନ ଥିବା ଦେଖିବାକୁ ମିଳିଛି। ଫଳରେ ପୁସ୍ତକ ସବୁ ଆଲମାରୀ ଭିତରେ ପଡ଼ି ରହିଛି।

## ଅଜଣା ଗାଡ଼ି ନେଲା ଦୁଇ ଜୀବନ

ବଲାଙ୍ଗିର,୬।୧୧(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ଅଧୀନ ଭରସୁଜା ଛେଲିଆପାଟ ମନ୍ଦିର ନିକଟରେ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଗୁରୁବାର କରକଟିଆ ଛକରେ ରାସ୍ତାରୋକ କରାଯାଇଛି। ବାଇକ୍‌ରେ ଯାଉଥିବା ୨ ଜଣଙ୍କୁ କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥଲା। ସମ୍ପୃକ୍ତ ଗାଡିକୁ ଧରିବାରେ ପୁଲିସ ବିଫଳ ହୋଇଛି। ଅନ୍ୟପକ୍ଷରେ ବହୁ କଷ୍ଟରେ ଚାଷବାସ କରି ପରିବାର ଚଳାଉଥିବା ୨ ଜଣଙ୍କ ମୃତ୍ୟୁ ପରେ ସେମାନଙ୍କ ପରିବାର ପାଇଁ ସମସ୍ୟା ବଢି ଯାଇଛି। ଏଣୁ କ୍ଷତିପୂରଣ ଦାବିରେ ଏହି ରାସ୍ତାରୋକ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ଲୋଇସିଂହା-ପଦମପୁର ରାସ୍ତା ଭରସୁଜା ନିକଟସ୍ଥ ଛେଲିଆପାଟ ମନ୍ଦିରରେ ଏକ ଅଜଣା ଗାଡି ବାଇକକୁ ଧକ୍କା ଦେଇଥିଲା। ଏହି ଘଟଣାରେ ବାଇକରେ ଥିବା ୨ ଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତିମାନେ ନିକଟସ୍ଥ ସାହାଜଛାପର ଗାଁର ଚେରୁ ବେହେରା ଓ ସୁରେଶ ପଧାନ ବୋଲି ଜଣାପଡିଥିଲା। ଆଗଲପୁର ପୁଲିସ ମୃତଦେହ ଉଦ୍ଧାର କରି ରାତିରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଗୁରୁବାର ଉଭୟଙ୍କ ବ୍ୟବଚ୍ଛେଦ ସରିବା ପରେ ପୁଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା; କିନ୍ତୁ ଯେଉଁ ଗାଡି ଏହି ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା ସେହି ଗାଡିକୁ ପୁଲିସ ଧରିବାରେ ବିଫଳ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଗୁରୁବାର ଗାଁରେ ମୃତଦେହ ପହଞ୍ଚିବା ପୂର୍ବରୁ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବା ଦାବିରେ ଲୋକେ ରାସ୍ତାରୋକ କରିଥିଲେ। ବାରମ୍ବାର ଏହିଭଳି ଭାବେ ଲୋଇସିଂହା ଓ ଆଗଲପୁର ଥାନା ଅଞ୍ଚଳରେ ଦୁର୍ଘଟଣା ଘଟାଉଥିବା ଗାଡି ଫେରାର ହୋଇଯାଉଚି। ସେହି ଗାଡିକୁ ଠାବ କରିବାରେ ପୁଲିସ ବିଫଳ ହେଉଛି। ଏହାଫଳରେ ପରିବାର ଲୋକଙ୍କୁ କୌଣସି କ୍ଷତିପୂରଣ ମିଳିପାରୁ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ୩ ଘଣ୍ଟା ପରେ କ୍ଷତିପୂରଣ ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକ ହଟିଥିଲା।

# ଶଗଡ଼କୁ ବଳିଗଲାଣି ଇସ୍ପାତ ଏକ୍ସପ୍ରେସ୍

ବଲାଙ୍ଗିର,୬।୧୧(ସମିସ)

ପଶ୍ଚିମଓଡିଶା ସହ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ରେଳସେବା ଗତ ପ୍ରାୟ ୨ ବର୍ଷ ହେଲା ସମୟସୀମାରେ ବେଶ୍ ପ୍ରଭାବିତ ହୋଇଛି। ଏହି ଦୁଇ ଅଞ୍ଚଳକୁ ସଂଯୋଗ କରୁଥିବା ଟିଟିଲାଗଡ-ହାଓଡା(୧୨୮୭୨) ଏକ୍ସପ୍ରେସ ପ୍ରତିଦିନ ଘଣ୍ଟା ଘଣ୍ଟା ବିଳମ୍ବରେ ଚାଲିଥିବା ଦେଖିବାକୁ ମିଳିଛି। ତେବେ ଏହା କାହିଁକି ବିଳମ୍ବରେ ଚାଲିଛି, ଏଥିରେ ସୁଧାର ହେବ ନା ଟ୍ରେନର ସମୟ ପରିବର୍ତ୍ତନ ତାହା ରେଳ ବିଭାଗ ସ୍ପଷ୍ଟ କରୁନାହିଁ। ଏହାର ପ୍ରଭାବ ସାରା ପଶ୍ଚିମଓଡିଶାରେ ପଡିଛି। ବିଶେଷ କରି ବଲାଙ୍ଗିର ଜିଲ୍ଲାବାସୀ ଏଥିରେ ଅଧିକ ପ୍ରଭାବିତ ହେଉଛନ୍ତି। ଏହି ଟ୍ରେନ ଉପରେ ସରକାରୀ, ବେସରକାରୀ, ଛାତ୍ରଛାତ୍ରୀ, ବ୍ୟାଙ୍କ କର୍ମଚାରୀ, ବ୍ୟବସାୟୀ ଏହିଭଳି ଅନେକ ବର୍ଗର ଲୋକ ନିର୍ଭର କରୁଛନ୍ତି। ବିଳମ୍ବ ସମସ୍ୟା ଏବେ ଏମାନଙ୍କୁ ସମସ୍ୟାରେ ପକାଇଛି।

ପଶ୍ଚିମଓବଙ୍ଗର ହାଓଡାରୁ ପଶ୍ଚିମଓଡିଶାର ଟିଟିଲାଗଡ ତଥା କଣ୍ଟାବାଞ୍ଜିକୁ ଟିଟିଲାଗଡ - ହାଓଡା(୧୨୮୭୨) ଇସ୍ପାତ ଏକ୍ସପ୍ରେସ ସଂଯୋଗ କରୁଛି। ରେଳ ବିଭାଗ ସମୟ ଅନୁସାରେ ଏହି ଟ୍ରେନ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ ରେଳଷ୍ଟେସନରୁ ସକାଳ ୫.୧୫ରେ ଛାଡୁଛି। ବରଗଡ, ସମ୍ବଲପୁର, ରାଉରକେଲା ଦେଇ ସଂଧ୍ୟା ୬.୩୦ରେ ଏହା ହାଓଡ଼ାରେ ପହଞ୍ଚିବା କଥା; କିନ୍ତୁ ଗତ ପ୍ରାୟ ୨ ବର୍ଷ ହେଲା ଏହି ଟ୍ରେନର ସମୟ ସୀମାର କିଛି ଠିକ୍ ଠିକଣା ନାହିଁ। ଏହି ଟ୍ରେନ ଦ୍ୱାରା ବଲାଙ୍ଗିର ଜିଲ୍ଲା ସମେତ ପଶ୍ଚିମଓଡିଶାର ବିଭିନ୍ନ ବର୍ଗର ଲୋକେ ଲାଭବାନ ହେଉଥିଲେ। ସରକାରୀ, ବେସରକାରୀ, ବ୍ୟାଙ୍କ କର୍ମଚାରୀ, ଛାତ୍ରଛାତ୍ରୀ ନିଜ ଗନ୍ତବ୍ୟସ୍ଥଳକୁ ଠିକ ସମୟରେ ପହଞ୍ଚିବା ପାଇଁ ଏହି ଟ୍ରେନକୁ ଭରସା କରୁଥିଲେ। ବଲାଙ୍ଗିର ବାସିନ୍ଦା ସମ୍ବଲପୁରରେ ଚାକିରୀ କରୁଥିଲେ ମଧ୍ୟ ଅତି ସହଜରେ ନିଜ ଗନ୍ତବ୍ୟ ସ୍ଥଳକୁ ଠିକ ସମୟରେ ପହଞ୍ଚିବା ପୁଣି କାମ ସରି ଘରକୁ ଫେରିବା ପାଇଁ ଏହି ଟ୍ରେନ ବେଶ୍ ସହାୟକ ହୋଇଥିଲା। ଏହାର ସମୟ ସାରଣୀ ଲୋକଙ୍କ ଆବଶ୍ୟକତା ଅନୁସାରେ ହିଁ ରଖାଯାଇଥିଲା। ତେବେ କାହିଁକି, କେଉଁ କାରଣରୁ ଏହି ଟ୍ରେନର ସମୟ ସାରଣୀ ଏହିଭଳି ଭାବେ ପ୍ରଭାବିତ ହୋଇଛି ତାହା ଆଜି ବି ଅସ୍ପଷ୍ଟ। ଏପରିକି ରେଳ ବିଭାଗ ପକ୍ଷରୁ ଏହି ଟ୍ରେନ ସମୟରେ କୌଣସି ପରିବର୍ତ୍ତନ ମଧ୍ୟ କରାଯାଇନାହିଁ।



ତେବେ ଏହି ବିଳମ୍ବତାର ପ୍ରଭାବ ଲୋକଙ୍କ ଜୀବନଶୈଳୀ ଉପରେ ପଡିଥିବାରୁ ଏହାଦ୍ୱାରା ପ୍ରତିଦିନ ଶହ ଶହ ଲୋକ ପ୍ରଭାବିତ ମଧ୍ୟ ହେଉଛନ୍ତି। ଏକ ରେଳ ସଂପର୍କିତ ୱେବସାଇଟ ତଥ୍ୟ ଅନୁସାରେ ଏହି ଟ୍ରେନ ଗତ ମାସକ ମଧ୍ୟରେ ୭୬.୯୨ ପ୍ରତିଶତ ବିଳମ୍ବ ହୋଇଛି। ଗତ ୬ ମାସ ରେ ପ୍ରାୟ ୮୨.୦୫ ପ୍ରତିଶତ ବିଳମ୍ବ ହୋଇଛି। ସେହିପରି ଗତ ଗୋଟିଏ ବର୍ଷରେ ପ୍ରାୟ ୮୭.୯୦ ପ୍ରତିଶତ ଦିନ ବିଳମ୍ବରେ ଚାଲିଛି। ଏହି ବିଳମ୍ବତା କିଛି ମିନିଟ ନୁହଁ; ପ୍ରାୟ ଗୋଟିଏ ଘଣ୍ଟାରୁ ଅଧିକ ସମୟ ବିଳମ୍ବରେ ଚାଲିଥିବା ଜଣାପଡିଛି; ଏଥିରୁ ଏହା ସ୍ପଷ୍ଟ କରୁଛି ଏହି ଏକ୍ସପ୍ରେସ ଟ୍ରେନ କେତେ ସମୟାନୁବର୍ତ୍ତିତା ରହିଛି। କେଉଁ ଦିନ ଦୁଇ ଘଣ୍ଟା ତ କେଉଁଦିନ ୧୦ ଘଣ୍ଟା ବି ଟ୍ରେନ ବିଳମ୍ବରେ ଚାଲିଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ଟିଟିଲାଗଡରୁ ଟ୍ରେନ ଛାଡିବା ସମୟରେ ଟ୍ରେନ ହାଓଡାରୁ ଆସି ପହଞ୍ଚିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହା ଲୋକଙ୍କ ପାଇଁ ଏକ ବଡ ସମସ୍ୟା ହୋଇଥିବା ବେଳେ ଜଣେ ବି ଜନପ୍ରତିନିଧି ଏଥିପ୍ରତି ମୁହଁ ଖୋଲିନାହାନ୍ତି। ଟ୍ରେନ ସମୟକୁ ବ୍ୟବସ୍ଥିତ କରିବା ପାଇଁ ପଦୁଟିଏ ବି ରେଳ ବିଭାଗକୁ ଜଣାଇନାହାନ୍ତି; ଯାହାକି ଉଦ୍‌ବେଗର ବିଷୟ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅନେକ ସଚେତନ ନାଗରିକ ସାମାଜିକ ଗଣମାଧ୍ୟମ ଜରିଆରେ ଏନେଇ ରେଳ ବିଭାଗ ପାଖରେ ନିଜ ଅଭିଯୋଗ ରଖିଛନ୍ତି ସତ; କିନ୍ତୁ ରେଳ ବିଭାଗ ସେଥିପ୍ରତି କେବେ ଗୁରୁତ୍ୱ ଦେଇ ନାହିଁ।

# ଅପାରଗତାର ଉଚିତ ଜବାବ୍ ଦେବେ ଭୋଟର

## ନିର୍ବାଚନୀ ସଭାରେ ବିଜେପିକୁ ଟାର୍ଗେଟ୍ କଲା ବିଜେଡି

**ନୂଆପଡ଼ା, ୬।୧୧(ସମିସ)**

ନୂଆପଡ଼ା ଉପନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଜୁ ଜନତା ଦଳର ପ୍ରଚାର ଅଭିଯାନ ଆହୁରି ଶାଣିତ ହେବାରେ ଲାଗିଛି। ଗୁରୁବାର ନୂଆପଡ଼ା ବ୍ଲକ କେରମେଲୀ ପଞ୍ଚାୟତର ଗୋଲାବନ୍ଧ, ଧରମବାନ୍ଧା, ଭରୁଆମୁଣ୍ଡା, ଚୂଳାଭଟ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜେଡି ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି।ସମାବେଶରେ ବିଜେଡି ନେତାମାନେ ଉପସ୍ଥିତ ହୋଇ ମହିଳା, ଚାଷୀ, ଶ୍ରମିକ, କେନ୍ଦୁପତ୍ର ତୋଳାଳିଙ୍କୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବରୁ ବିଜେଡି ସରକାର ଦ୍ୱାରା ଚାଲିଥିବା ବିଭିନ୍ନ

### ବିଭିନ୍ନ ପଞ୍ଚାୟତରେ ଜମୁଛି ବିଜେଡିର ପ୍ରଚାର

ଜନହିତକାରୀ ସାମାଜିକ ଯୋଜନା ବିଷୟରେ ଅବଗତ କରିଛନ୍ତି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ରମେଶ ଚନ୍ଦ୍ର ବେହେରା, ବିଧାୟକ ମାନସ ମାଡକାମି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ବିଜେଡି ନେତା ପ୍ରମୋଦ ପାଢ଼ୀ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ମହିଳାଙ୍କୁ ଜଙ୍ଗଲ, ଜମି ଓ ଜୀବିକା ଅଧିକାର ଦେଇ ସଶକ୍ତ କରିଥିବା ସହ ମହିଳାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱାବଲମ୍ବନ ନିମନ୍ତେ ଅନେକ ଯୋଜନା ପ୍ରଚଳିତ କରିଛନ୍ତି କହିଥିଲେ।ତେବେ ବର୍ତ୍ତମାନ ମୋହନ ମାଝୀଙ୍କ ସରକାର ଜମିକୁ ସାର ଯୋଗାଇ ପାରିଲେ ନାହିଁ କି ମଣ୍ଡିରେ ଚାଷୀଙ୍କ ଠାରୁ ଧାନ କିଣି ପାରିଲେ ନାହିଁ। ତେଣୁ ଆଗାମୀ ୧୧ ତାରିଖରେ ବିଜେପି ସରକାରଙ୍କର ଅପାରଗତାକୁ ଉଚିତ ଜବାବ୍ ଦେବା ପାଇଁ ଆହ୍ୱାନ ଦେଇଛନ୍ତି। ସମାବେଶରେ ଗ୍ରାମ ଓ ପଞ୍ଚାୟତସ୍ତରର ବିଜେଡି କର୍ମୀମାନେ, ମହିଳା ନେତୃତ୍ୱ ଓ ସ୍ଥାନୀୟ ମହିଳାମାନେ ଉପସ୍ଥିତ ରହି ନବୀନ ବାବୁଙ୍କ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି। ସଭାରେ ଯୁବ ନେତା ଭୂପେନ୍ଦ୍ର ନାୟକ, ଶିବାନନ୍ଦ ପରିଛା, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ, ହିତେଶ ବେହେରା, ସୁବ୍ରତ ବାବୁ ପ୍ରମୁଖ ସାମିଲ ଥିଲେ।









# ‘ବିଜେପି ସରକାର ଚାଷୀ ବିରୋଧୀ’

**ନୂଆପଡ଼ା, ୬।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି ପକ୍ଷରୁ ନୂଆପଡ଼ା ବ୍ଲକ କେରମେଲୀ ପଞ୍ଚାୟତର ଗୋଲାବନ୍ଧ, ଧରମବାନ୍ଧା, ଭରୁଆମୁଣ୍ଡା, ଚୂଳାଭାଟ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଦଳୀୟ ନେତୃବୃନ୍ଦ ଯୋଗଦେଇ ମହିଳା, ଚାଷୀ, ଶ୍ରମିକ, କେନ୍ଦୁପତ୍ର ତୋଳାଳିଙ୍କୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବରୁ ଥିବା ବିଜେଡି ସରକାର ଦ୍ୱାରା ଚାଲୁଥିବା ବିଭିନ୍ନ ଜନହିତକାରୀ ସାମାଜିକ ଯୋଜନା ବିଷୟରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ରମେଶ ଚନ୍ଦ୍ର ବେହେରା, ବିଧାୟକ ମାନସ ମାଡ଼କାମି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ବିଜେଡ଼ି ନେତା ପ୍ରମୋଦ ପାଢ଼ୀ ପ୍ରମୁଖ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ମହିଳାଙ୍କୁ ଜଙ୍ଗଲ, ଜମି ଓ ଜୀବିକା ଅଧିକାର ଦେଇ ସଶକ୍ତ କରିଛନ୍ତି। ମହିଳାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ନବୀନ ବାବୁଙ୍କ ଅବଦାନ ଅତୁଳନୀୟ ରହିଛି। କିନ୍ତୁ ବର୍ତ୍ତମାନ ମୋହନ ମାଝୀଙ୍କ ସରକାର ଜମିକୁ ସାର ଯୋଗାଇ ପାରିଲେ ନାହିଁ କି ମଣ୍ଡିରୁ ଧାନ କିଣିବାରେ ବିଫଳ ହୋଇଛି। ଜମିକୁ ସାର ଦେଇ ପାରି ନ ଥିବା ବିଜେପି ସରକାର ଚାଷୀ ବିରୋଧୀ ବୋଲି କହିଛନ୍ତି। ସଭାରେ ନବୀନ ପଟ୍ଟନାୟକ ଘୋଷଣା କରିଥିବା ବିଭିନ୍ନ ସାମାଜିକ ଯୋଜନା ବିଷୟ ସହ ବିଜେପି ସରକାରଙ୍କ ଶୋଷଣକାରୀ ନୀତି ବିଷୟରେ ଆଲୋଚନା କରିଥିଲେ।ଆଗାମୀ ଉପନିର୍ବାଚନରେ ବିଜୁ ଜନତା ଦଳ ସପକ୍ଷରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତକୁ ଶକ୍ତିଶାଳୀ କରିବା ଆହ୍ୱାନ ଦିଆଯାଇଲା।ସଭାରେ ଯୁବ ନେତା ଭୂପେନ୍ଦ୍ର ନାୟକ, ଶିବାନନ୍ଦ ପରିଛା, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ, ହିତେଶ ବେହେରା, ସୁବ୍ରତ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ଉପନିର୍ବାଚନ ସମ୍ପର୍କିତ ସଚେତନତା

# ଭୋଟର ସୂଚନାପତ୍ର ଓ ଭୋଟର ମାର୍ଗଦର୍ଶିକା ପୁସ୍ତିକା ବିତରଣ



**ନୂଆପଡ଼ା, ୬।୧୧(ସମିସ):** ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ମତଦାତାଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି।ଏହି ଉଦ୍ଦେଶ୍ୟରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶଙ୍କ ମାର୍ଗଦର୍ଶନରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଭୋଟର ସୂଚନା ପତ୍ର ଓ ଭୋଟର ମାର୍ଗ ଦର୍ଶିକା ପୁସ୍ତିକା ବିତରଣ କରିଛନ୍ତି।ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ୨ ଲକ୍ଷ ୫୧ହଜାର ୯୧୯ଭୋଟର ସୂଚନା ପତ୍ର ଏବଂ ୮୫ହଜାର ଭୋଟର ମାର୍ଗ ଦର୍ଶିକା ପୁସ୍ତିକା ବିତରଣ କରାଯାଇଛି। ଭୋଟର ତାଲିକାରେ ମତଦାତାଙ୍କ ନାମ, ମତଦାନ କେନ୍ଦ୍ର ସମ୍ପର୍କିତ ସୂଚନା, ଭୋଟଦାନ ତାରିଖ ଏବଂ ସମୟ, ମତଦାନ ସମୟରେ କଣ କରିବେ - ନ କରିବେ, କ୍ୟୁଆର୍ କୋଡ ବ୍ୟବହାର କରି କିପରି ଭୋଟର ବିବରଣୀ ଶୀଘ୍ର ପାଇପାରିବେ ଏ ସମ୍ପର୍କିତ ସୂଚନା ଭୋଟର ସୂଚନା ପତ୍ରରେ ଉପଲବ୍ଧ କରାଯାଇଛ। ସେହିପରି ଭୋଟର ମାର୍ଗ ଦର୍ଶିକା ପୁସ୍ତିକାରେ ମତଦାତା ସୁବିଧାରେ କେମିତି ଭୋଟ ଦେବେ, ଭୋଟର ପଞ୍ଜୀକରଣ ପାଇଁ ଯୋଗ୍ୟତା, ଭୋଟର ତାଲିକାରେ ନାମ ଅଛି କି ନାହିଁ ତାହା କେମିତି ଜାଣିବେ, ନିର୍ବାଚନ ନିୟମ ଉଲ୍ଲଂଘନ ଘଟିଲେ କିପରି ଅଭିଯୋଗ କରିବେ, ପୋଷ୍ଟାଲ ବାଲାଟ ସୁବିଧା, ନିର୍ବାଚନନାମାଙ୍କନ ଓ ପ୍ରାର୍ଥୀ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ସୂଚନା ଉପଲବ୍ଧ ରହିଛି।

# ନବୀନ ବଦଳାଇଛନ୍ତି ଗ୍ରାମାଞ୍ଚଳର ସାମାଜିକ ଓ ଅର୍ଥନୈତିକ ସ୍ଥିତି

**ସିନାପାଲି, ୬।୧୧(ସମିସ):** ଏମିତି ଏକ ଦିନ ଥିଲା ଗ୍ରାମାଞ୍ଚଳର ଜନସାଧାରଣ ସହର ଉପରେ ନିର୍ଭର କରୁଥଲେ। ଘର କରଣ ସାମଗ୍ରୀ ସହିତ ନିତ୍ୟ ବ୍ୟବହାର ଦ୍ରବ୍ୟ କିଣା ବିକା ପାଇଁ ସହର ଯାଉଥିଲେ। ଉପାନ୍ତରୁ ସହର ଯିବା ପାଇଁ କଷ୍ଟ ସାଧ ହୋଇ ଯିବାକୁ ବାଧ ବାଧକତା ହେଉଥିଲେ। ଏବେ ଆଉ ସେଦିନ ନାହିଁ ଦ୍ୱାର ମୁହଁରେ ମିଳୁଛି ସବୁକିଛି। ପୂର୍ବ ନବୀନ ସରକାର ଅମଳରେ ଗ୍ରାମାଞ୍ଚଳର ବିକାଶ ସାଙ୍ଗକୁ ଅଞ୍ଚଳର ଜନସାଧାରଣଙ୍କ ସୁବିଧା ପାଇଁ ଅନେକ ଯୋଜନା କରିଥିବା ବେଳେ ତନ୍ମଧ୍ୟରୁ ଆଦର୍ଶ ଗ୍ରାମୀଣ ବଜାର ଅନ୍ୟତମ।ଗ୍ରାମାଞ୍ଚଳର ଜନସାଧାରଣ ଏହି ବଜାର ରେ ତାଙ୍କର ଚାହିଦା ମୁତାବକ ସାମଗ୍ରୀ କିଣୁଥିବା ବେଳେ ଉପାର୍ଜିତ ସାମଗ୍ରୀ ସାଙ୍ଗକୁ ପନିପରିବା ବିକ୍ରିର ଆବଶ୍ୟକତାକୁ ପୂରଣ କରୁଛି।ଗ୍ରାମାଞ୍ଚଳ ଜନସାଧାରଣଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସାଙ୍ଗକୁ ବ୍ୟବସାୟ କରିବାର ଖୋରାକ ଯୋଗାଇଛି। ସୀମାନ୍ତବର୍ତ୍ତି ଅଞ୍ଚଳର ଜନସାଧାରଣ ଛତିଶଗଡ଼ ଅଞ୍ଚଳର ବଜାର ଉପରେ ନିର୍ଭର କରୁଥଲେ।ସେଠାରେ ତାଙ୍କର ନିତ୍ୟ ବ୍ୟବହାର ସାମଗ୍ରୀ ସାଙ୍ଗକୁ ପୂଜା ପାର୍ବଣ, ପାରମ୍ପରିକ ଉତ୍ସବ, ଘର ଚଳନି ସାମଗ୍ରୀ ପାଇଁ ଦୂରରେ ଥିବା ଛତିଶଗଡ଼ ସାଙ୍ଗକୁ ଅନ୍ୟାନ୍ୟ ସହରକୁ ଯିବାକୁ ପଡୁଥିଲା। ହେଲେ ନବୀନ ସରକାର ସମୟରେ ଏହାକୁ ଉପଲବ୍ଧି କରି ଗ୍ରାମାଞ୍ଚଳ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏକ ମହତ ଉଦ୍ଦେଶ୍ୟ ନେଇ ଆଦର୍ଶ ଗ୍ରାମୀଣ ବଜାର ସୃଷ୍ଟି କରିଥିଲେ। ଯାହା ଏବେ ଗ୍ରାମାଞ୍ଚଳର ଜନସାଧାରଣଙ୍କ ସାମୁହିକ ସ୍ୱାର୍ଥ ସାଧନରେ ବେଶ ସହାୟକ ହୋଇ ପାରିଛି। ନୂଆପଡ଼ା ଜିଲ୍ଲାର ସିନାପାଲି ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ସଦର ସିନାପାଲି ସହରକୁ ଆସିବାକୁ ହେଲେ ଦିର୍ଘ ୨୫ରୁ ୩୦ କିଲୋମିଟର ଦୂର ଦେଇ ସହରକୁ ଆସିବା ପଡେ। ଏଠାକୁ ଆସିବା ପରିବର୍ତ୍ତେ ସୀମାନ୍ତ ଛତିଶଗଡ଼ ରାଜ୍ୟର ଗୋହେରାପଦର, ଝେରଗାଁ, ଇନ୍ଦା ଗାଁ, ଅମଲିପଦର, ଉର୍ମାଲ ସମେତ ଅନେକ ସାପ୍ତାହିକ ବଜାର ସହିତ ସହର ଉପରେ ନିର୍ଭର କରୁଥଲେ। ସେଠାରୁ ସାମାଜିକ ବିବାହ, ପୂଜା ପାଠ, ପର୍ବ ପର୍ବାଣୀ, ବିଭିନ୍ନ ବ୍ୟବସାୟୀ କରଣ ନେଣ ଦେନ ଚାଲି ଆସୁଥିଲା। ଏପରିକି ଅଳଙ୍କାର ସାମଗ୍ରୀର କିଣା ବିକା ଟଙ୍କା ନେବା ଦେବା କାର୍ଯ୍ୟ ମଧ୍ୟ ହେଉଥିଲା।



ଏପରି ସ୍ଥିତି ରେ ନବୀନ ସରକାର ଅମଳ ରେ ବଜାର ବ୍ୟବସ୍ଥାର ସୁଦୃଢ଼ୀ କରଣ ଫଳରେ ଗ୍ରାମାଞ୍ଚଳ ଜନସାଧାରଣଙ୍କ ବ୍ୟବସାୟିକ ବ୍ୟବସ୍ଥା ପରିବର୍ତ୍ତନ ଆସିଛି। ଆଗ ଭଳି ଛତିଶଗଡ଼ ଉପରେ ନିର୍ଭରଶିଳ ନ ହୋଇ ଗାଁ ଦାଣ୍ଡରେ ଗଢି ଉଠିଥିବା ବଜାର ଉପରେ ନିଜର ମନମୁତାବକ ସାମଗ୍ରୀ ସାଙ୍ଗକୁ ଉପାର୍ଜିତ ଦ୍ରବ୍ୟ ବିକ୍ରି କରି ବେଶ ଆଶସନ୍ତୋଷ ଲାଭ କରୁଛନ୍ତି।

### ଗ୍ରାମାଞ୍ଚଳକୁ ସୁଦୃଢ଼ କରିଛି ଆଦର୍ଶ ଗ୍ରାମୀଣ ବଜାର

### ଦ୍ୱାରମୁହଁରେ ମିଳୁଛି ଚାହିଦା ମୁତାବକ ଘରକରଣା ସାମଗ୍ରୀ

ସିନାପାଲି ଅଞ୍ଚଳର ଆଦିବାସୀ ଅଧ୍ୟୁଷିତ ତଥା ସୀମାନ୍ତ ରେ ଗଢି ଉଠିଥିବା ଅନେକ ସାପ୍ତାହିକ ବଜାର ଏବେ ଚଳ ଚଞ୍ଚଳ ହୋଇ ଉଠିଥିବା ବେଳେ ଛାଉଣୀ ସାଙ୍ଗକୁ ପିଣ୍ଡି ଯୋଗୁଁ ବର୍ଷ ର ବାର ମାସ ହସ ଖୁସି ରେ ନିଜର ଆବଶ୍ୟକତାକୁ ପୁରଣ କରୁଥିବା ବେଳେ ପରସ୍ପର ମଧ୍ୟରେ ଭାବ ର ଆଦାନ ପ୍ରଦାନ ସାଙ୍ଗକୁ ବ୍ୟବସାୟର ଆଧୁନିକକରଣ ଯୋଗୁଁ ଆର୍ଥିକ ଓ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଘଟିଛି। ଯାହା ନବୀନ ଯୁଗର ଏକ ଅଧବସାୟ ଯୁଗାନ୍ତକାରୀ ପରିବର୍ତ୍ତନଶୀଳ ନୂତନ ବିକଶିତ ଓଡ଼ିଶା ଗଠନର ଏକ ପ୍ରମୁଖ ଅଙ୍ଗ ଭାବରେ ସର୍ବବିଦିତ ହୋଇ ରହିବ ଏହା ନିଃସନ୍ଦେହ।

# ପ୍ରଚାର କମ୍; ଆରୋପ-ପ୍ରତ୍ୟାରୋପ ବେଶି

**ନୂଆପଡ଼ା, ୬।୧୧ (ସମିସ):** ଘାସିରାମ ମାଝୀଙ୍କ ମୃତ୍ୟୁପରେ ନୂଆପଡ଼ାରେ ୧୯୯୭ରେ ଉପନିର୍ବାଚନ ହୋଇଥିଲା। ଦୀର୍ଘ ୨୮ ବର୍ଷ ପରେ ପୁଣି ଥରେ ଏଠିକାର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ଉପନିର୍ବାଚନ ହେଉଛି। ସାଧାରଣ ନିର୍ବାଚନ ଠାରୁ ଉପନିର୍ବାଚନ ଚିତ୍ର ଟିକିଏ ଭିନ୍ନ ଦେଖିବାକୁ ମିଳୁଛି। ଏଠାରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ପ୍ରଚାର, ଭୋଟର ସଚେତନତା କମ୍ ଆରୋପ-ପ୍ରତ୍ୟାରୋପ ବେଶି ହେଉଥିବା ଦେଖାଯାଇଛି। ଏହାକୁ ବିଭିନ୍ନ ମହଲରେ ସମାଲୋଚନ ମଧ ହେଉଛି। ନୂଆପଡ଼ାକୁ ଲୋକେ କଥାରେ କଥାରେ କହନ୍ତି ୩୦ନମ୍ବର ଜିଲ୍ଲା। ଏଠିକାର ବିକାଶ କହିଲେ କେତୋଟି ଚକ ଚକିଆ ରାସ୍ତା ସାଙ୍ଗକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭଳି ସାତ ମହଲା କୋଠାକୁ କୁହାଯାଇଥାଏ। ଏବେବି ଜିଲ୍ଲାରେ ଦାଦନ, ମାଓବାଦୀ ଏବଂ ବେରୋଜଗାର ସମସ୍ୟା ଲୋକଙ୍କ ପିଛା ଛାଡୁନାହିଁ। ମୈଦାନରେ ଥିବା ନେତାମାନେ ଏଠିକାର ସମସ୍ୟା କଥା କମ ପରସ୍ପର ପରସ୍ପର ମଧ୍ୟରେ ଆରୋପ ପ୍ରତ୍ୟାରୋପ କରୁଥିବା ଦେଖାଯାଉଛି।

### ଚା ଖଟିରେ ବିତୁଛି ସକାଳ, ଗଳିକୁ ଯିବାକୁ ସାହସ ନାହିଁ

ନିର୍ବାଚନ ତାରିଖ ଘୋଷଣା ହେବା ଦିନ ଠାରୁ ନୂଆପଡ଼ା ଜିଲ୍ଲା ସଦର ମହକୁମା ସମେତ ଜିଲ୍ଲାର ଜନସଂଖ୍ୟା ବଢ଼ି ଚାଲିଛି। ଏହାକୁ ବର୍ତ୍ତମାନ ଲୋକେ ମିନି କ୍ୟାପିଟାଲ ବୋଲି କହିବାକୁ ଲାଗିଲେଣି। ସକାଳ ହେଲେ ଜିଲ୍ଲା ସଦର ମହକୁମାରେ ଟ୍ରାଫିକ୍ ଭିଡ଼। ମାଳ ମାଳ ବଡ ଟାୟାର ବାଲା ଗାଡି ସାଙ୍ଗକୁ କୋଳାହଳ ବଢ଼ି ଯାଉଛି। ଏଭଳି ଗୋଳିଆ ପାଣିରୁ ମାଛ ଧରିବାକୁ ବିଭିନ୍ନ ଦଳୀୟ ନେତୃବର୍ଗ ବିଭିନ୍ନ ରକମ କରି ଚା ଖଟିରେ ତଥା କଥିତ ବଡ ବଡିଆ ଗଣ ମାଧ୍ୟମର ଦୃଷ୍ଟି ଆକର୍ଷଣ କରୁଛନ୍ତି। କାହିଁକି ନା ଆଜିକୁ ବାର ବର୍ଷ ହେବ ନୂଆପଡ଼ା ଏନ୍ଏସି ଘୋଷଣା ହୋଇଥିବା ବେଳେ ନୂଆପଡ଼ା ସହରରେ ମାଳ ମାଳ ସମସ୍ୟା। ଏସବୁ ଦେଖିବାକୁ ନେତା ଚା ଖଟିରୁ ଓହ୍ଲାଇ ଗଳିକୁ ଯିବାକୁ ସାହସ କରୁନଥିବା ଚର୍ଚ୍ଚାର ବିଷୟହୋଇଛି।

### ଗାଁ ଗାଁରେ ଡେରା ପକାଇଛନ୍ତି ନେତା

ନିର୍ବାଚନ ତାରିଖ ଘୋଷଣା ହେଲା। ନାମାଙ୍କନ ପତ୍ରଦାଖଲ ପ୍ରକ୍ରିୟା ଶେଷ ହେବାପରେ ନେତା ନୂଆପଡ଼ା ଛାଡି ଗାଁମାନଙ୍କରେ ଡେରା ପକାଇବା ଆରମ୍ଭ କଲେ। ଏପରିକି ପ୍ରତି ପଞ୍ଚାୟତରେ ବିଧାୟକ, ପୂର୍ବତନ ବିଧାୟକ କିମ୍ବା ତାଙ୍କର ପ୍ରତିନିଧିମାନଙ୍କର ଡେରା ପଡ଼ିଛି।ଏଭଳି ସ୍ଥିତିରେ ଗାଁ ଗୁଡିକରେ ପ୍ରଚାରରେ ନେତା ଘୂରି ବୁଲିଲା ବେଳକୁ ମଧ୍ୟାହ୍ନ ହେଉକି ରାତିରେ ଭୋଜି ଭାତର ଭଣ୍ଡାରା ଖୋଲୁଛନ୍ତି। ନିର୍ବାଚନୀ ନିୟମାନୁଯାୟୀ ଭୋଜିଭାତ କି ଟଙ୍କା ଦେଇ ଭୋଟରଙ୍କୁ ପ୍ରଭାବିତ କରିବାକୁ ନିର୍ବାଚନ କମିଶନ କଡ଼ାକଡି ଧରୁଥିବା କୁହାଯାଏ। ହେଲେ ଏସବୁ ଖୋଲା ଖୋଲି ଚାଲିଥିବା ପର୍ଯ୍ୟବେକ୍ଷକଙ୍କ ନଜରକୁ ଆସୁନାହିଁ କି ବୋଲି ଚର୍ଚ୍ଚା ହେଉଛି।

### ଦିବ୍ୟାଙ୍ଗ କରୁଛନ୍ତି ସଚେତନତା

ଗଣତନ୍ତ୍ରର ସୁରକ୍ଷା ପାଇଁ ଯେ ଦିବ୍ୟାଙ୍ଗମାନେ ମଧ ସଚେତନତାର ମଙ୍ଗ ଧରୁଛନ୍ତି। ଗାଁ ଗାଁରେ ଢୋଲ ମାଦଳ ଧରି ବିଭିନ୍ନ ଗୀତ ମାଧ୍ୟମରେ ଗଣତନ୍ତ୍ରର ସୁରକ୍ଷା ପାଇଁ ସଚେନତା କରୁଥିବା ଦେଖାଯାଇଛି। ଗାଁରେ ମଦ ମାଂସ କି ଟଙ୍କାରେ ଲାଳାୟିତ ନହୋଇ ସଠିକ ଲୋକ ଏବଂ ଦଳକୁ ଭୋଟ ଦିଅନ୍ତୁ ବୋଲି ଗୀତରେ ମର୍ମ ରଖିଥିବା ପରିଲକ୍ଷିତ ହୋଇଛି। ବୁଧବାର ଦିନ କୋମନ ବ୍ଲକ ଦାବ୍ରି ଗାଁରେ ଶାନ୍ତିଲାଲ ଶବର ନାମକ ଜନୈକ ଦିବ୍ୟାଙ୍ଗ ଯୁବକଙ୍କ ନେତୃତ୍ୱରେ ସମର୍ଥ ବୋଲି ଏକ ସଂଗଠନ କରି ସଚେତନା କାର୍ଯ୍ୟକ୍ରମ କରିଥିଲେ। ଏଥିରେ ବିଜେପି ତରଫରୁ ଶିଖା ଆଜାଦ, ବିରଞ୍ଚି ଶବରଙ୍କ ସମେତ ସ୍ଥାନୀୟ ଗାଁ ମୁଖିଆ ଯୋଗ ଦେଇଥିବା ବେଳେ ଗାଁର ବହୁ ଶିଶୁ ମହିଳା ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଏହି ଦଳ ବିଭିନ୍ନ ରାଜନୈତିକ ସଭାକୁ ଯାଇ ଏଭଳି ପ୍ରଦର୍ଶନ କରୁଥିବା ଦେଖାଯାଉଛି।

## ବିଜେପିର ପ୍ରଚାର ମଙ୍ଗ ଧରିଲେ ୨ ମୁଖ୍ୟମନ୍ତ୍ରୀ

# ଦଳୀୟ ପ୍ରାର୍ଥୀଙ୍କ ପାଇଁ ମାଗିଲେ ଭୋଟ

**ନୂଆପଡ଼ା, ୬।୧୧ (ସମିସ)**

ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆଙ୍କ ପାଇଁ ପ୍ରଚାର ମଙ୍ଗ ଧରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାର ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଉଦ୍ୟାନବନ୍ଧ ଏବଂ କୋମନାରେ ରୋଡ଼ ଶୋ’ କରିବା ସହ ଜୟ ଢୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଗୁରୁବାର ଅପରାହ୍ନରେ କୋମନା ବ୍ଲକ ଉଦ୍ୟାନବନ୍ଧ ଠାରେ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇ ଉଦ୍ୟାନବନ୍ଧ ସହରରେ ରୋଡ଼ କରିଥିଲେ। ପରେ କୋମନା ସହରରେ ନିର୍ବାଚନୀ ପ୍ରଚାର କରି ଏକ ରୋଡ ଶୋ’ରେ ଯୋଗ ଦେଇଥିଲେ।

ପଡୋଶୀ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ପ୍ରଚାର ସଭାରେ ଯୋଗ ଦେଇଥିଲେ। ସ୍ଥାନୀୟ ନୂଆପଡ଼ା ବ୍ଲକ ପଞ୍ଚମପୁର ଗାଁରେ ଆୟୋଜିତ ବିଜେପିର ପ୍ରଚାର ସଭାରେ ଯୋଗ ଦେଇ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଜିଲ୍ଲା ସଭାପତି କମଲେଶ କୁମାର ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସାଏ ବିଶେଷ ଅତିଥିଭାବେ ଯୋଗ ଦେଇଥିଲେ।ଜୟ ଢୋଲକିଆ ବିଧାୟକ ହେବା ପରେ କେନ୍ଦ୍ର ଓ ରାଜ୍ୟରୁ ପଇସା ଆଣି ନୂଆପଡ଼ାର ସାମଗ୍ରିକ ବିକାଶ କରିବେ ବୋଲି ଶ୍ରୀ ସାଏ କହିଛନ୍ତି। ଏହି ବିଜୟ ସଂକଳ୍ପ ସମାବେଶରେ ରାଜ୍ୟ ବିଜେପି ସଭାପତି ମନ ମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ପୂର୍ବତନ ସଭାପତି ବସନ୍ତ କୁମାର ପଣ୍ଡା ପ୍ରାର୍ଥୀ ଜୟ ଢୋଲକିଆ, ସ୍ୱର୍ଗତ ରାଜୁ ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ସାଂସଦ ମାଳବିକା ଦେବୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ସୁଶ୍ରୀ ଲତା ଉସେଣ୍ଡି, ସମୀର ମହାନ୍ତି, ରାୟପୁର ବିଧାୟକ ପୁରନ୍ଦର ମିଶ୍ରଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।






## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଐତିହ୍ୟ

- ୧୮୫୮ - ସ୍ୱାଧୀନତା ସଂଗ୍ରାମୀ ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଜନ୍ମ।
- ୧୮୭୫- ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟ 'ବନ୍ଦେ ମାତରମ୍' ଗୀତର ରଚନା କଲେ।
- ୧୯୬୮ - ତତ୍କାଳୀନ ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୮୨- ତୁର୍କୀରେ ସମ୍ବିଧାନ ଲାଗୁ କରାଗଲା।
- ୨୦୦୨- ଇରାନ୍ ଆମେରିକୀୟ ଉତ୍ପାଦର ବିଜ୍ଞାପନ ଉପରେ କଟକଣା ଲଗାଇଲା।
- ୨୦୧୨- ଗୁଏଟ୍‌ମାଲାରେ ଭୂମିକମ୍ପ ଯୋଗୁ ୫୨ ଜଣଙ୍କ ମୃତ୍ୟୁ।



## ୨୦୨୬ରେ 'କିଙ୍ଗ୍'

ବଲିଉଡ୍ ବାଦଶାହ ଶାହାରୁଖ ଖାନ ନିକଟରେ ତାଙ୍କର ୬୦ ତମ ଜନ୍ମଦିନ ପାଳନ କରିଛନ୍ତି। ଶାହାରୁଖ୍‌ଙ୍କ ଜନ୍ମଦିନ (ନଭେମ୍ବର ୨) ଅବସରରେ ତାଙ୍କର ଆଗାମୀ ଫିଲ୍ମ 'କିଙ୍ଗ୍'ର ଟିଜର୍ ଆସିଛି। ଏଥିରେ ଫିଲ୍ମର ନାମ ସହ ରିଲିଜ୍ ଡେଟ୍ ମଧ୍ୟ ଘୋଷଣା କରାଯାଇଛି। ଟିଜର୍‌ରେ ଶାହାରୁଖ୍ ଧଳା କେଶ, କାନରେ କାନଫୁଲ ପିନ୍ଧିଥିବାର ଦେଖାଯାଇଛନ୍ତି। ଏଥିରେ ଶାହାରୁଖ୍‌ଙ୍କ ଆକ୍ସନ ସିନ୍‌ଗୁଡ଼ିକ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହାସହ ଫିଲ୍ମର ନାମ 'କିଙ୍ଗ୍' ହେବ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ୨୦୨୬ରେ ପରଦାକୁ ଆସିବ। ଫିଲ୍ମର ବଜେଟ୍ ରହିଛି ୨୦୦ କୋଟି। ଏଥିରେ ଶାହାରୁଖ୍‌ଙ୍କ ସହ ଦୀପିକା ପାଦୁକୋନ୍, ଅଭିଷେକ ବଚ୍ଚନ, ଅନୀଲ କପୁର, ଜ୍ୟାକି ସ୍ରଫ୍ ପ୍ରମୁଖ ନଜର ଆସିବେ। 'କିଙ୍ଗ୍'ରେ ଶାହାରୁଖ୍‌ଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଦେଖାଯିବେ।

## ଶରୀର ପାଇଁ ଭଲ ବିନା ତେଲର ଖାଦ୍ୟ



ଅତ୍ୟଧିକ ତେଲ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ହେଲେ ବିନା ତେଲରେ ରୋଷେଇ କରିବା ଅସମ୍ଭବ, ଏକଥା ସମସ୍ତେ ଜାଣନ୍ତି। ଅବଶ୍ୟ ଆଜିକାଲି ବିନା ତେଲରେ କେତେକ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ସେହିପରି ଖାଦ୍ୟ ପ୍ରସ୍ତୁତି ଲାଗି କେଉଁ ତେଲ ଉତ୍ତମ, ତା'କୁ ନେଇ ବି ଦ୍ୱନ୍ଦ୍ୱ ଲାଗି ରହେ। ବିଶେଷକରି ସୋରିଷ ତେଲ ଓ ଅଲିଭ୍ ତେଲ ବ୍ୟବହାର କରିବାକୁ ନେଇ ଲୋକେ ଶଙ୍କାରେ ରହନ୍ତି। ହେଲେ ଭାରତୀୟଙ୍କ ମଧ୍ୟରେ ସୋରିଷ ତେଲ ଖୁବ୍ ଲୋକପ୍ରିୟ। ଭାରତୀୟ ବ୍ୟଞ୍ଜନଗୁଡ଼ିକରେ ସୋରିଷ ତେଲର ଅଧିକ ବ୍ୟବହାର କରାଯାଏ। ଅନେକ ଗବେଷଣାନୁସାରେ, ହାଲକାଫୁଲକା ବ୍ୟଞ୍ଜନରେ ଅଲିଭ୍ ତେଲ ବ୍ୟବହାର କରିବା ଭଲ। ଅନ୍ୟପକ୍ଷରେ ଏନେଇ ଡାକ୍ତରଙ୍କ କହିବା କଥା, ଏମିତି କୌଣସି ତେଲ ନାହିଁ, ଯାହା ଶରୀର ପାଇଁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ତେଣୁ ଖାଦ୍ୟରେ ଯେତେସମ୍ଭବ କମ୍ ମାତ୍ରାରେ ତେଲ ବ୍ୟବହାର କରିବା ଉଚିତ। ତେବେ ଓଜନ କମ୍ କରିବାକୁ ଚାହୁଁଥିବା ଲୋକେ ନିଜ ଡାଏଟ୍‌ରେ ତେଲ କମ୍ କରିବା ଦରକାର। ଲଗାତାର ଦୁଇ ସପ୍ତାହ ପର୍ଯ୍ୟନ୍ତ ଖାଦ୍ୟରୁ ତେଲ ବାଦ୍ ଦେବା ଦ୍ୱାରା ଏହାଦ୍ୱାରା ଅନେକ ଫାଇଦା ମିଳିଥାଏ। ବିନା ତେଲର ଖାଦ୍ୟ ପ୍ରାଚନକ୍ରିୟା ପାଇଁ ଭଲ ହୋଇଥାଏ। ବିନା ତେଲରେ ଖାଦ୍ୟ ଖାଇବା ଦ୍ୱାରା ପେଟ ଫୁଲା ଓ ହଜମ ଜନିତ ସମସ୍ୟାର ଆଶଙ୍କା କମ୍ ଥାଏ। ତେଲରେ ବହୁତ ଅଧିକ କ୍ୟାଲୋରି ଥାଏ। ତେଣୁ ଏହାକୁ ଖାଦ୍ୟରେ ବ୍ୟବହାର ନ କରିବା ଦ୍ୱାରା ଶରୀରରେ କ୍ୟାଲୋରି ପରିମାଣ ହ୍ରାସ ପାଏ। ତେଲରେ ଚର୍ବି ଓ କ୍ୟାଲୋରି ଥାଏ। ତେଣୁ ବିନା ତେଲରେ ଖାଦ୍ୟ ପ୍ରସ୍ତୁତି କରିବା ଦ୍ୱାରା ଓଜନ କମ୍ କରିବାରେ ଏହା ସାହାଯ୍ୟ କରେ। ବିନା ତେଲରେ ରୋଷେଇ କରିବା ଦ୍ୱାରା ସାଚ୍ୟୁରେଟେଡ୍ ଫ୍ୟାଟ୍ ଏବଂ ଟ୍ରାନ୍ସ ଫ୍ୟାଟ୍ କମ୍ ହୁଏ। ଏହାଦ୍ୱାରା ଶରୀରରେ ଏଲ୍‌ଡିଏଲ୍(ଖରାପ) କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଏ, ହୃଦ୍ ରୋଗ ଆଶଙ୍କା କମ୍ ହୁଏ। ଅନ୍ୟପଟେ ବିନା ତେଲରେ ବି ଆଜିକାଲି ଅନେକ ସ୍ୱାଦିଷ୍ଟ ରାନ୍ଧଣା ପ୍ରସ୍ତୁତ କରାଯାଉଛି। ଇଡ୍‌ଲି, ଢୋକଲା, ସୁପ୍, ଓଟ୍ସ, ଉପମା, ଦଳିଆ, ସାଲାଡ ମଧ୍ୟ ତିଆରି କରାଯାଇପାରିବ। ଅନ୍ୟପକ୍ଷରେ ଜଣେ ତେଲ ବଦଳରେ ଘିଅ ବ୍ୟବହାର କରିପାରିବେ। ଏଥିରେ ଅନେକ ପୋଷକତତ୍ତ୍ୱ ଥାଏ।

## ବିନା ଦୋକାନୀରେ ଚାଲେ ଦୋକାନ



ବିଶ୍ୱର ପ୍ରତ୍ୟେକ ସହର ନିଜସ୍ୱ ସ୍ୱତନ୍ତ୍ରତା ତଥା ଭିନ୍ନତା ପାଇଁ ଜଣାଯାଏ। ଏଭଳି ଏକ ସହର ହେଉଛି ନାଗାଲାଣ୍ଡର ଫୁଟ୍‌ସେରୋ। ଏହି ସହରରେ ଥିବା ଥିବା ଦୋକାନଗୁଡ଼ିକରେ ଦୋକାନୀ ବସନ୍ତିନି। ଦୋକାନରେ ଜିନିଷ ଭର୍ତ୍ତି ହୋଇଥିଲେ ସୁଦ୍ଧା ଏହାକୁ ବିକ୍ରି କରିବା ପାଇଁ ଦୋକାନୀ ନ ଥାନ୍ତି। ଦୋକାନରେ ଥିବା ପ୍ରତ୍ୟେକ ଜିନିଷ ଉପରେ ଏହାର ମୂଲ୍ୟ ଲେଖାଯାଇଥାଏ। ସେହି ଅନୁଯାୟୀ, ଲୋକେ ନିଜ ଆବଶ୍ୟକ ଜିନିଷ କିଣି ଦୋକାନରେ ଟଙ୍କା ରଖି ଦେଇ ଯାଆନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଦୋକାନରେ ଥିବା କ୍ୟାସ୍ ବକ୍ସରୁ ଚୋରି ମଧ୍ୟ ହୁଏନାହିଁ। ଏଠାକାର ଦୋକାନୀମାନଙ୍କର ଲୋକଙ୍କ ଉପରେ ଥିବା ବିଶ୍ୱାସ ଓ ଗ୍ରାହକଙ୍କ ସଚ୍ଚୋଟପଣିଆ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏଠାରେ ୨୦ ଟି ଦୋକାନ ଅଛି। ବିଶେଷ କରି ମହିଳା ଚାଷୀମାନେ ଏହି ଦୋକାନ ଚଳାଇଥାନ୍ତି। ଦୋକାନଗୁଡ଼ିକରେ ଫଳ, ପନିପରିବା, ଆଚାର, ଜାମ୍ ଓ ଜୁସ୍ ବିକ୍ରି ହୋଇଥାଏ। ସକାଳୁ ନେଇ ସଞ୍ଜ ଯାଏ ଏହି ଦୋକାନ ସବୁ ଖୋଲା ରହିଥାଏ। ଏହାର ମାଲିକମାନେ କ୍ଷେତରୁ ଘରକୁ ଫେରିଲାବେଳେ ଦୋକାନରୁ ଟଙ୍କା ନେଇ ଯାଆନ୍ତି। ଦୋକାନ ମଧ୍ୟରେ ସିସିଟିଭି କ୍ୟାମେରା ଲାଗି ନାହିଁ କି ଏହାକୁ ସୁରକ୍ଷାକର୍ମୀମାନେ ମଧ୍ୟ ଜଗନ୍ତି ନାହିଁ। ସ୍ଥାନୀୟ ଅଞ୍ଚଳର ଜଣେ ସମାଜସେବୀ ଅଙ୍ଗ ବେଖୋଟାଲୁଙ୍କ କହିବାନୁଯାୟୀ, ଏହି ଦୋକାନଗୁଡ଼ିକ ୧୫ ବର୍ଷ ପୂର୍ବରୁ ଖୋଲାଯାଇଛି। ଦୋକାନରୁ ନାଗା ଓ ଅଣନାଗା ଶ୍ରେଣୀର ଲୋକମାନେ ଜିନିଷ କିଣାବିକା କରିଥାନ୍ତି। ଲୋକମାନେ ଜିନିଷ ନେଇ ଦୋକାନରେ ଥିବା ବାକ୍ସରେ ଟଙ୍କା ରଖି ଦିଅନ୍ତି। ସେହିପରି କେହି କେହି ୟୁପିଆଇ ପେମେଣ୍ଟ ମଧ୍ୟ କରିଥାନ୍ତି। ଏଠାକାର ମହିଳା ଚାଷୀମାନେ ଦୋକାନରୁ ନିତିଦିନ ପାଖାପାଖି ୨୦୦୦ ଟଙ୍କା ଆୟ କରନ୍ତି। ଅବଶ୍ୟ ବେଳେ ବେଳେ ଲୋକ ଟଙ୍କା ନ ଦେଇ ମଧ୍ୟ ଜିନିଷ ନେଇଯାଆନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏଭଳି ଦୋକାନ ଦେଖି ଆଚମ୍ବିତ ହୋଇଥାନ୍ତି।

## ସୁନା ଷ୍ଟ୍ରରେ ପିଅନ୍ତି ଚା'



ଥଣ୍ଡାପାନୀୟ କିମ୍ବା ପଇଡ଼ ପିଇବା ସମୟରେ ଅନେକ ଲୋକ ଷ୍ଟ୍ର ବ୍ୟବହାର କରନ୍ତି। ଷ୍ଟ୍ର ମୁଖ୍ୟତଃ ପ୍ଲାଷ୍ଟିକ୍ କିମ୍ବା କାଗଜରୁ ତିଆରି ହୋଇଥାଏ। ହେଲେ ଚୀନ୍, ଝେଜିୟାଙ୍ଗ ପ୍ରଦେଶର ଶୌଉ ନାମକ ବ୍ୟକ୍ତି କେବଳ ଚା ପିଇବା ପାଇଁ ଭାରତୀୟ ମୁଦ୍ରାରେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏକ ସୁନାର ଷ୍ଟ୍ର ତିଆରି କରିଛନ୍ତି। ବିନା ଷ୍ଟ୍ରରେ ଚା' ପିଇବାକୁ ତାଙ୍କୁ ଭଲ ଲାଗୁ ନ ଥିବାରୁ ବରାଦ ଦେଇ ସେ ୧୦୦ ଗ୍ରାମ୍ ସୁନାରେ ଏହି ଷ୍ଟ୍ରଟିକୁ ତିଆରି କରିଥିଲେ। ଦିନେ ସେ ଇଲେକ୍ଟ୍ରିକ୍ ବାଇକ୍‌ରେ ଘରକୁ ଯାଉଥିବାବେଳେ ଭୁଲବଶତଃ ଷ୍ଟ୍ରଟି ତାଙ୍କ ପ୍ୟାଣ୍ଟ ପକେଟ୍‌ରୁ ଖସି ଯାଇଥିଲା। ଘଣ୍ଟାଏ ଖୋଜିବା ପରେ ବି ଷ୍ଟ୍ରଟି ମିଳି ନ ଥିଲା। ଏହାପରେ ସେ ପୁଲିସ୍‌ର ସହାୟତା ନେଇଥିଲେ। ଦୁଇଜଣ ପୁଲିସ୍ ଅଧିକାରୀ ବହୁତ ଖୋଜାଖୋଜି ପରେ ସୁନା ଷ୍ଟ୍ରଟିକୁ ଏକ ମ୍ୟାନ୍‌ହୋଲରୁ ୧୦୦ ମିଟର ଦୂରରେ ଫୁଟପାଥ ନିକଟରେ ପାଇଥିଲେ। ସୁନା ନିର୍ମିତ ଷ୍ଟ୍ରଟିକୁ ପାଇବା ପରେ ଶୌଉ ବହୁତ ଖୁସି ହୋଇଯାଇଥିଲେ। ଅବଶ୍ୟ ଏହା ଏବେ ଚେପା ହୋଇ ଯାଇଥିବାରୁ ଏହାକୁ ତରଳାଇ ପୁଣିଥରେ ଏକ ନୂଆ ଷ୍ଟ୍ର ତିଆରି ପାଇଁ ସେ ଚିନ୍ତା କରିଛନ୍ତି। ଭବିଷ୍ୟତରେ ଏହାକୁ ଆଉ ପ୍ୟାଣ୍ଟ ପକେଟ୍‌ରେ ନେଇ କୌଣସି ସ୍ଥାନକୁ ଯାତ୍ରା କରିବେ ନାହିଁ ବୋଲି ମଧ୍ୟ ସେ କହିଛନ୍ତି। ଶୌଉଙ୍କ ପାଖରେ ସୁନା ସହ ଏକ ରୂପାରଷ୍ଟ୍ର ମଧ୍ୟ ରହିଛି।

## ସଞ୍ଜୀବନୀ

'ସକାଳ'ର ସ୍ୱାସ୍ଥ୍ୟ

## ଯନ୍ତ୍ରଣା ଲାଘବ କରେ ଫିଜିଓଥେରାପି




**ମାନସିକ ଏବଂ ଶାରୀରିକ ସୁସ୍ଥତା ଦିଗରେ ବ୍ୟବହାର ହେଉଥିବା ଚିକିତ୍ସାକୁ ଫିଜିଓଥେରାପି କୁହାଯାଏ। ଫିଜିଓଥେରାପି ଦ୍ୱାରା ଅନେକ ରୋଗର ଯନ୍ତ୍ରଣା ଦୂର ହୁଏ। ତେଣୁ କିଛି ନିର୍ଦ୍ଦିଷ୍ଟ ରୋଗ ପାଇଁ ଫିଜିଓଥେରାପିର ସାହାଯ୍ୟ ନେଇ ପାରିବେ।**

**ସ୍ପଣ୍ଡିଲାଇଟିସ୍:** ଆଜିକାଲି ଭୁଲ୍ ଶୈଳୀରେ ବସିବା ଓ ବ୍ୟାୟାମ ନ କରିବା ଯୋଗୁଁ ମେରୁଦଣ୍ଡ ଯନ୍ତ୍ରଣା ହେଉଛି। ଅଣ୍ଟାରୁ ନେଇ ମୁଣ୍ଡପଛ ପର୍ଯ୍ୟନ୍ତ ରହିଥିବା ମେରୁଦଣ୍ଡ ହାଡ଼ର ହେଉଥିବା ଯନ୍ତ୍ରଣାକୁ ସ୍ପଣ୍ଡିଲାଇଟ୍ସ କୁହାଯାଏ। ଏଥିପାଇଁ ଫିଜିଓ ଥେରାପି ନେଲେ ଯନ୍ତ୍ରଣାରୁ ଉପଶମ ମିଳିଥାଏ। ସେହିପରି ମେରୁଦଣ୍ଡ ଯନ୍ତ୍ରଣା, ଆଣ୍ଠୁଗଣ୍ଠିବାତ, ସନ୍ଧିବାତ, କାନ୍ଧଖଞ୍ଜା ଯନ୍ତ୍ରଣା, ଅଷ୍ଟିଓଆର୍ଥ୍ରାଇଟିସ୍ ଆଦି ହେଲେ ଫିଜିଓ ଥେରାପି ଦ୍ୱାରା ଯନ୍ତ୍ରଣାରୁ ଆରାମ ମିଳିପାରେ। ଗାଉଟ୍, ଅଣ୍ଟାବ୍ୟଥା, ବ୍ରେନ୍‌ଷ୍ଟ୍ରୋକ୍, ସ୍ପୋର୍ଟସ ଇଞ୍ଜୁରି, ଲିଗାମେଣ୍ଟ ଇଞ୍ଜୁରି ଆଦି ପାଇଁ ଫିଜଓଥେରାପିର ମୁଖ୍ୟ ଭୂମିକା ରହିଛି।

**ଶ୍ୱାସକ୍ରିୟା ଜନିତ ସମସ୍ୟା:** ଆଜ୍‌ମା, ସିଓପିଡି, ବ୍ରୋଙ୍କାଇଟିସ୍ ଆଦି ଶ୍ୱାସଜନିତ ସମସ୍ୟାରୁ ଉପଶମ ପାଇବାକୁ ଫିଜିଓଥେରାପିର ସାହାଯ୍ୟ ନେଇପାରିବେ।

**ମାଇଗ୍ରେନ ବା ମୁଣ୍ଡବିନ୍ଧା:** ଲଗାତାର ମୁଣ୍ଡ ବିନ୍ଧି ବେକରୁ କାନ୍ଧପର୍ଯ୍ୟନ୍ତ ଯନ୍ତ୍ରଣା ହୁଏ। ତେବେ ଫିଜିଓଥେରାପି ଦ୍ୱାରା ଯନ୍ତ୍ରଣାରୁ ଆରାମ ମିଳିପାରେ। ତେବେ ରୋଗୀର ବୟସ ଏବଂ ଯନ୍ତ୍ରଣାର ତୀବ୍ରତା ଅନୁସାରେ ଫିଜିଓଥେରାପି କରାଯାଏ। ଏହା ସରଳ ବ୍ୟାୟାମ ସହିତ ସମାନ ନୁହେଁ, ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଇ କରିବା ଆବଶ୍ୟକ।

## ମଳାଶୟ କର୍କଟ



**ଖରାପ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ବଂଶାନୁଗତ, ଶାରୀରିକ ନିଷ୍କ୍ରିୟତା ଆଦି ଯୋଗୁଁ ଏବେ ବହୁ ଲୋକ କର୍କଟର ଶିକାର ହେଉଛନ୍ତି। ତନ୍ମଧ୍ୟରୁ ମଳାଶୟ ତଥା ରେକ୍ଟମରେ ହେଉଥିବା କର୍କଟକୁ ମଳାଶୟ କର୍କଟ କୁହାଯାଏ। ଏହି କର୍କଟରେ ମଳାଶୟରୁ ରକ୍ତ ବାହରିଥାଏ। ତେଣୁ ଏହାର ଲକ୍ଷଣକୁ ଚିହ୍ନଟ କରି ଚିକିତ୍ସା ଯୋଗାଇଲେ ପୀଡ଼ିତ ସ୍ୱାଭାବିକ ଜୀବନ ଅତିବାହିତ କରି ପାରିବେ।**

ମଳାଶୟ କର୍କଟ ହେଲେ ଶରୀରରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଏ। ମଳାଶୟରୁ ରକ୍ତ ପଡ଼ିବା ସହ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ମଳତ୍ୟାଗରେ ସମସ୍ୟା ଓ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯାଏ। ପତଳା ଝାଡ଼ା ହୋଇ ଥକ୍କାପଣ ଲାଗିବା, ଦୁର୍ବଳ ଅନୁଭବ, ତଳିପେଟ ଯନ୍ତ୍ରଣା ଆଦି ହୁଏ। ଅଚାନକ ଓଜନ କମିବା ଲକ୍ଷଣ ଦେଖାଯାଏ। ପ୍ରାଥମିକ ପର୍ଯ୍ୟାୟରୁ ଏହାକୁ ଅଣଦେଖା କଲେ, ମଳାଶୟରୁ କର୍କଟ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପିପାରେ। ତେଣୁ ଉପରୋକ୍ତ ଲକ୍ଷଣ ଦେଖିଲେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ରେକ୍ଟମ ୧୨ରୁ ୧୫ ସେମି ଲମ୍ବା। ଏହା ତିନିଟି ଭାଗରେ ବିଭକ୍ତ। ତେଣୁ କର୍କଟ ହୋଇଥିବା ସ୍ଥାନର ଚିହ୍ନଟ ପାଇଁ ଡିଜିଟାଲ ରେକ୍ଟାଲ ପରୀକ୍ଷା (ଡିଆର୍‌ଇ) ସହିତ ଶାରୀରିକ ପରୀକ୍ଷଣ କରାଯାଏ। କୋଲୋନୋସ୍କୋପି, ବାୟୋପ୍ସି, ସିଟି ସ୍କାନ୍, ଏମ୍‌ଆର୍‌ଆଇ, ପିଇଟି ସିଟି, ଅଲଟ୍ରାସାଉଣ୍ଡ ଆଦି ପରୀକ୍ଷା କରାଯାଏ। ତେବେ କର୍କଟର ସ୍ଥିତି ଉପରେ ସର୍ଜରୀ ନିର୍ଭରଶୀଳ। ଏବେ ରୋବୋଟିକ୍ ସର୍ଜରୀ ମଧ୍ୟ ହୋଇପାରୁଛି। ସନ୍ତୁଳିତ ଖାଦ୍ୟ ସେବନ ସହିତ ନିୟମିତ ବ୍ୟାୟାମ ଜରୁରି। ଓଜନ ନିୟନ୍ତ୍ରଣରେ ରଖିବା ଆବଶ୍ୟକ ରହିଛି।

## ମଧୁମେହ ପାଇଁ ରାମବାଣ ବଥୁଆ



**ବଥୁଆ ଶାଗ କେବଳ ସ୍ୱାଦରେ ସୀମିତ ନୁହେଁ, ଏହା ସଞ୍ଜୀବନୀ ସଦୃଶ। ଏହା ଭିଟାମିନ୍- ବି୧, ବି୨, ବି୫ ଏବଂ ଭିଟାମିନ୍-ସିରେ ଭରପୂର। ଏଥିରେ କ୍ୟାଲ୍‌ସିୟମ, ଲୌହସାର, ମ୍ୟାଗ୍ନେସିୟମ୍ ଆଦି ରହିଛି। ଦୈନିକ ବଥୁଆ ଖାଇବା ଦ୍ୱାରା ଏହା ରକ୍ତକୁ ସଫା କରି ନାନା ରୋଗ ଦୂର କରେ।**

ବଥୁଆ ସେବନ ଦ୍ୱାରା ଚକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ବଥୁଆର ମୁଖ୍ୟ ଭୂମିକା ରହିଛି।

**ମଧୁମେହ ପାଇଁ ବରଦାନ:** ବଥୁଆ ମଧୁମେହ ପାଇଁ ପ୍ରାକୃତିକ ଔଷଧ ରୂପେ କାମ କରେ। ରକ୍ତରେ ଇନସୁଲିନ୍‌ସ୍ତରକୁ ସନ୍ତୁଳିତ ରଖେ। ଚିକିତ୍ସକଙ୍କ ପରାମର୍ଶରେ ଏହାକୁ ବ୍ୟବହାର କଲେ ରକ୍ତଚାପ ସନ୍ତୁଳିତ ହୋଇଥାଏ। ତେଣୁ ଗିଲପତ୍ର, ଭୂର୍ସୁଙ୍ଗପତ୍ର, ବଥୁଆ, ଗୁଡ଼ୁମାରୀ, ଜାମୁକୋଳି ମଞ୍ଜି ୧୦ ଗ୍ରାମ୍‌କୁ ୨୦୦ ମିଲି ପାଣିରେ ସିଝାଇ ୫୦ ମିଲି ଅବଶେଷ ରଖି ସକାଳ ସନ୍ଧ୍ୟାରେ ଦୁଇବେଳା ସେବନ କଲେ ଏହା ହିତକର ହୋଇଥାଏ।

**ଓଜନ ନିୟନ୍ତ୍ରଣକାରୀ:** ବଥୁଆରେ ଥିବା ଫାଇବର ପେଟକୁ ଦୀର୍ଘ ସମୟ ପୂରିଲା ରଖିବାରେ ସାହାଯ୍ୟ କରେ। ଏହା ଶରୀରର ଖରାପ କୋଲେଷ୍ଟ୍ରଲ୍‌କୁ କମ୍ କରି ହୃଦ୍‌ସ୍ୱାସ୍ଥ୍ୟ ଠିକ୍ ରଖିବାରେ ସାହାଯ୍ୟ କରେ। ତ୍ୱଚା ଏବଂ କେଶର ଚମକ ବୃଦ୍ଧି ପାଏ। ଯଦି ଚାହିଁବେ, ବଥୁଆରୁ ତିଆରି ପରଟା ଏବଂ ଶାଗ ଖାଇପାରିବେ। ଏହା ଶୀତଋତୁରେ ଶରୀରକୁ ଶକ୍ତି ଦେଇଥାଏ। ବଥୁଆ ରସ ୧୦ ମିଲିକୁ ମହୁ ସହିତ ମିଶାଇ ଦିନକୁ ଦୁଇଥର ସେବନ କରିପାରିବେ।

## ହୃଦ୍‌ଘାତ ପୂର୍ବର ସୂଚନା ଦେବ ଏଆଇ



ହୃଦ୍‌ଘାତ ଏପରି ଏକ ସ୍ଥିତି ଯେଉଁଥିରେ ପ୍ରତିଟି ସେକେଣ୍ଡ ମୂଲ୍ୟବାନ୍। ହୃଦ୍‌ରୋଗର ସାମାନ୍ୟ ଲକ୍ଷଣ ଦେଖିବା ମାତ୍ରେ, ତୁରନ୍ତ ଡାକ୍ତରୀ ସହାୟତାରେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। ହେଲେ ଏବେ ଏଆଇ ଭବିଷ୍ୟତରେ ଜଣେ ହୃଦ୍‌ଘାତର ଶିକାର ହେବ କି ନାହିଁ କହିପାରିବ। ଏନେଇ ନେଦରଲ୍ୟାଣ୍ଡ, ରେଡ୍‌ବୋର୍ଡ ବିଶ୍ୱବିଦ୍ୟାଳୟ ମେଡିକାଲ ସେଣ୍ଟରର ବୈଜ୍ଞାନିକମାନେ ନୂତନ ଏଆଇ କୌଶଳ ବିକଶିତ କରିଛନ୍ତି। ଏହି କୌଶଳ ରୋଗୀର ରକ୍ତ ନଳୀରେ ଅନ୍ତଃଆବରଣର ଦୁର୍ବଳତାକୁ ଚିହ୍ନଟ କରି ହୃଦ୍‌ଘାତ ଆଶଙ୍କା ସମ୍ବନ୍ଧରେ ଭବିଷ୍ୟବାଣୀ କରିପାରିବ। ଏନେଇ ବୈଜ୍ଞାନିକମାନେ କିଛି ଜଣଙ୍କ କ୍ଷେତ୍ରରେ ପରୀକ୍ଷା କରିଥିଲେ। ଏଥିପାଇଁ ରକ୍ତନଳୀରେ କ୍ଷୁଦ୍ର କ୍ୟାମେରାକୁ ପ୍ରୟୋଗ କରାଯାଏ। କ୍ୟାମେରାଟି ଧମନୀ ପଥରୁ ଅନେକ ଫଟୋ ନେଇ ଏଆଇକୁ ପଠାଇଥାଏ। ଏଆଇ ଫଟୋକୁ ସଠିକ୍ ଭାବେ ବିଶ୍ଳେଷଣ କରି ଧମନୀର କେଉଁ ଅଂଶ କମ୍‌ଜୋର ରହିଛି ଏବଂ ଭବିଷ୍ୟତରେ ହୃଦ୍‌ଘାତର ଆଶଙ୍କା କେଉଁଠି ସୃଷ୍ଟି ହେବ ତାହା ଜଣାଇଥାଏ। ଏନେଇ ଗବେଷକ କୁହନ୍ତି, ଏଆଇ ଦ୍ୱାରା ରୋଗର ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ହୋଇପାରିଲେ, ଡାକ୍ତରଙ୍କ ପରାମର୍ଶ କ୍ରମେ ସଠିକ୍ ସମୟ ମଧ୍ୟରେ ଚିକିତ୍ସା ଯୋଗାଇ ଦିଆଯାଇପାରିବ। ଆବଶ୍ୟକସ୍ଥଳେ ଷ୍ଟେଣ୍ଟ ଲଗାଇ ସମ୍ଭାବିତ ହୃଦ୍‌ଘାତ ପୂର୍ବର ସୂଚନା ମିଳିପାରିବ। ଏହାଦ୍ୱାରା ଅନେକଙ୍କ ଜୀବନ ବଞ୍ଚି ପାରିବ।

# ଭାରତକୁ ଜିତାଇଲେ ସ୍ପିନର୍

## ଚତୁର୍ଥ ଟି-୨୦ରେ ଅକ୍ଷର ପଟେଲ୍ ଶ୍ରେଷ୍ଠ ଖେଳାଳି




ଗୋଲ୍ଡକୋଷ୍ଟ,୬।୧୧(ଏଜେନ୍ସି): ସ୍ପିନରଙ୍କ କଞ୍ଜୁସ ବୋଲିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଚତୁର୍ଥ ଟି-୨୦ରେ ଭାରତ ୪୮ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ବ୍ୟାଟିଂ ଲାଗି କଷ୍ଟକର ହେଉଥିବା ଏହି ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୭ ରନ୍ କରିଥିଲା। ଜବାବରେ ଭାରତୀୟ ସ୍ପିନରଙ୍କୁ ଉଚିତ ମୁକାବିଲା କରି ନପାରି ଅଷ୍ଟ୍ରେଲିଆ ୧୮.୨ ଓଭରରେ ୧୧୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ୪ ଓଭର ବୋଲିଂ କରି ୨୦ ରନ୍‌ରେ ୨ୱିକେଟ ଓ ବ୍ୟାଟିଂରେ ୧୧ ବଲ୍‌ରୁ ଅପରାଜିତ ୨୧ ରନ୍ କରିଥିବା ବାମହାତୀ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ବିଜୟ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭ୍ରମଣକାରୀ ଭାରତ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ୫ମ ତଥା ଶେଷ ମୁକାବିଲା ଶନିବାର ବ୍ରିସ୍‌ବେନ୍‌ରେ ଖେଳାଯିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷାଯୋଗୁ ବାତିଲ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ତୃତୀୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ଆଜିର ବିଜୟ ପରେ ଭାରତ ୨୦୦୮ ପରେ ଅଷ୍ଟ୍ରେଲିଆରେ ଦ୍ୱିପାକ୍ଷିକ ଟି-୨୦ ସିରିଜ୍ ହାରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଏହି ସମୟ ମଧ୍ୟରେ ଖେଳାଯାଇଥିବା ୪ଟି ସିରିଜ୍ ମଧ୍ୟରୁ ୨ଟି ଡ୍ର ରହିଥିଲାବେଳେ ଅନ୍ୟ ୨ଟିରେ ଭାରତ ବିଜୟୀ ହୋଇଥିଲା। ଏଠାରେ ମଧ୍ୟ ଅଷ୍ଟ୍ରେଲିଆ ଘରୋଇ ମାଟିରେ ଦ୍ୱିତୀୟ ସର୍ବନିମ୍ନ ଟି-୨୦ ସ୍କୋର କରିଛି। ଦଳର ସର୍ବନିମ୍ନ ଟି-୨୦ ସ୍କୋର ହେଉଛି ୧୧୧। ୨୦୨୨ ନ୍ୟୁଜିଲାଣ୍ଡ ବିପକ୍ଷ ସିଡନୀ ମ୍ୟାଚ୍‌ରେ ଏହା ହୋଇଥିଲା। ଅଷ୍ଟ୍ରେଲିଆରେ ଅଷ୍ଟ୍ରେଲିଆ ବିପକ୍ଷରେ ଡିଫେଣ୍ଡ କରିବାରେ ମଧ୍ୟ ଏହା ଦ୍ୱିତୀୟ ସର୍ବନିମ୍ନ। ପୂର୍ବର ଭାରତ ୨୦୨୦ କାନବେରାରେ ଖେଳାଯାଇଥିବା ମ୍ୟାଚ୍‌ରେ ୧୬୨ ରନ୍ ସ୍କୋରକୁ ଡିଫେଣ୍ଡ କରିଥିଲା। ଏହି ସବୁ ସଫଳତା ଲାଗି ଭାରତ ୨୦୦୮ରୁ ଅଷ୍ଟ୍ରେଲିଆରେ ଟି-୨୦ ସିରିଜ୍‌ରେ ଅପରାଜେୟ ରହିଛି।

କାରାରା ଓଭାଲରେ ପ୍ରଥମକରି ଏକ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯାଉଥିଲାବେଳେ ବ୍ୟାଟିଂ ଲାଗି ପିଚ୍ ଆଦୌ ସହଜ ନ ଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଅନଇଭିନ ବାଉନ୍ସ ଓ ଟର୍ଣ୍ଣର ମୁକାବିଲା କରିବାରେ ସଫଳ ହୋଇ ନ ଥିଲା। ଯାହା ଫଳରେ ବଡ ବଡ ସଟ୍ ଦେଖିବାକୁ ମିଳିଥିଲେ ମଧ୍ୟ ଦଳ କ୍ରମାଗତ ୱିକେଟ ହରାଇ ୧୬୭ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ପ୍ରଥମ ୪ଜଣ ବ୍ୟାଟର ଭଲ ଆରମ୍ଭ ପାଇଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ରୂପାନ୍ତରିତ କରି ପାରି ନ ଥିଲେ। ସେମାନଙ୍କ ମଧ୍ୟରେ ଓପନର ଶୁବମନ ଗିଲ ୩୯ ବଲ୍‌ରେ ସର୍ବାଧିକ ୪୬, ଅଭିଷେକ ଶର୍ମା ୨୧ ବଲ୍‌ରୁ ୨୮ ରନ୍ ଉଠାଇଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ଶିବମ ଦୁବେ ୨୨ ଓ ସୂର୍ଯ୍ୟକୁମାର ଯାଦବ ୨୦ ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟର ବେଶି ସମୟ ତିଷ୍ଠି ନ ଥିଲେ। ତିଳକ ବର୍ମା ୫, ଜିତେଶ ଶର୍ମା ୩, ୱାଶିଂଟନ ସୁନ୍ଦର ୧୨ ରନ୍ କରିଥିଲେ। ଅକ୍ଷର ପଟେଲ ୨୧ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ନାଥାନ ଏଲିସ ଓ ଲେଗ୍ ସ୍ପିନର ଆଦାମ ଜାମ୍ପା ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ୧୬୮ ରନ୍‌ର ଟାର୍ଗେଟକୁ ପିଛା କରି ଅଷ୍ଟ୍ରେଲିଆର ଦୁଇ ଓପନର ମିଚେଲ ମାର୍ଶ (୨୪ବଲ୍‌ରେ ୩୦) ଓ ମାଥ୍ୟୁ ସର୍ଟ (୧୯ବଲ୍‌ରେ ୨୫) ଭଲ ଆରମ୍ଭ କରିଥିଲେ। ସର୍ଟଙ୍କୁ ୩୭ ରନ୍ ସ୍କୋରରେ ଆଉଟ କରି ଶିବମ ଦୁବେ ବ୍ରେକ୍ ଥ୍ରୁ ଦେଇଥିଲେ। ଏହି ସମୟରେ ଭାରତୀୟ ସ୍ପିନର ମିଡ୍‌ଲ ଓଭରରେ ଟାଇଟ ବୋଲିଂ କରି ଅଷ୍ଟ୍ରେଲିଆକୁ ଅଟକାଇଥିଲେ। ଏମାନେ ମିଳିତଭାବେ ୯.୨ ଓଭର ବୋଲିଂ କରି ୪୯ ରନ୍ ବିନିମୟରେ ୬ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ତୃତୀୟ ସ୍ପିନର ଭାବେ ବୋଲିଂ କରିଥିବା ୱାଶିଂଟନ ସୁନ୍ଦର ୧.୨ ଓଭରରେ ୩ ରନ୍ ଦେଇ ସର୍ବାଧିକ ୩ଜଣ, ଅକ୍ଷର ପଟେଲ ୨୦ ରନ୍‌ରେ ୨ଜଣ ଓ ବରୁଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଗ୍ଲେନ୍ ମ୍ୟାକ୍ସୱେଲଙ୍କ ୱିକେଟ ଅକ୍ତିଆର କରିଥିଲେ। ପେସ୍ ବୋଲରଙ୍କ ମଧ୍ୟରେ ସବୁଠାରୁ ମନ୍ଥର ବୋଲିଂ କରୁଥିବା ଶିବମ ଦୁବେ ମଧ୍ୟ ପିଚ୍‌ରୁ ଫାଇଦା ଉଠାଇ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଅନ୍ୟ ୩ଜଣ ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଏହାର ଅର୍ଥ ଭାରତ ପକ୍ଷରୁ ବୋଲିଂ କରିଥିବା ୬ଜଣ ବୋଲରଙ୍କୁ ୱିକେଟ ମିଳିଥିଲା। ଅନ୍ୟ ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ମଧ୍ୟରେ ଜୋଶ ଇଂଲିଶ ୧୨, ଟିମ୍ ଡେଭିଡ୍ ୧୪, ଜୋଶ ଫିଲିପି ୧୦, ମାର୍କସ ଷ୍ଟୋଇନିସ ୧୭ ରନ୍ କରିଥିଲେ। ଏଠାରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳି ବୋଲିଂ କରି ନ ଥିବା ମ୍ୟାକ୍ସୱେଲ ମାତ୍ର ୪ଟି ବଲ୍ ଖେଳି ୨ ରନ୍ କରିପାରିଥିଲେ। ଦଳ ଶେଷ ୬ଟି ୱିକେଟ ମାତ୍ର ୨୧ ରନ୍‌ରେ ହରାଇଥିଲା।



## ରାଷ୍ଟ୍ରପତିଙ୍କୁ ଭେଟିଲେ ବିଶ୍ୱ ଚାମ୍ପିଅନ ଖେଳାଳି

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ହରାଇ ଦିନିକିଆ ମହିଳା ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ହୋଇଥିବା ଭାରତର ଖେଳାଳିମାନେ ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଆଶୀର୍ବାଦ ନେଇଛନ୍ତି। ମହିଳା ଖେଳାଳିଙ୍କ ଏହି ଚମତ୍କାର ପ୍ରଦର୍ଶନକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବେଶ ପ୍ରଶଂସା କରିଛନ୍ତି। ଏଭଳି ଖେଳ ମାଧ୍ୟମରେ ଦେଶର ଗୌରବ ବଢ଼ାଇଥିବାରୁ ସମସ୍ତ ଖେଳାଳିଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ ସମସ୍ତ ଖେଳାଳିମାନଙ୍କର ସ୍ୱାକ୍ଷର ଥିବା ଏକ ଜର୍ସି ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ। ବିଶ୍ୱକପ୍ ଟ୍ରଫିକୁ ମଧ୍ୟ ରାଷ୍ଟ୍ରପତିଙ୍କୁ କରକମଳରେ ପ୍ରଦାନ କରାଯାଇଥିଲା। ଖେଳାଳିମାନେ ଯେପରି ସାହସ, ଏକତା ଓ ଏକାଗ୍ରତା ଦେଖାଇ ଟାଇଟଲ ବିଜୟୀ ହୋଇଛନ୍ତି ତାହା ଭାରତର ଯୁବ ପିଢ଼ିକୁ ଅନୁପ୍ରାଣୀତ କରିବ ବୋଲି ଦ୍ରୌପଦୀ ମୁର୍ମୁ କହିଥିଲେ।

## ଚେସଷ୍ଟ୍ରଫ୍ ପକ୍ଷରୁ ଓଡ଼ିଶାରେ ବୃହତ ଚେସ୍ ପ୍ରତିଯୋଗିତା

ଭୁବନେଶ୍ୱର,୬।୧୧(ସମିସ): ରାପିଡ୍ ଓ ବ୍ଲିଜ୍ ଫର୍ମାଟରେ ଏକ ବୃହତ୍ ଚେସ୍ ପ୍ରତିଯୋଗିତା ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ନଭେମ୍ବର ୮ ଓ ୯ ତାରିଖ ଦୁଇଦିନ ଧରି ରାଜଧାନୀ ୟୁନିଟ୍-୩'ରେ ଥିବା ଓଏଏସ୍ ଭବନରେ ଅନୁଷ୍ଠିତ ହେବ। ଏଥିରେ ମୋଟ ପୁରସ୍କାର ରାଶି ରହିଛି ରେକର୍ଡ ୧ ଲକ୍ଷ ୭୫୦୦୦ ଟଙ୍କା। ଏହା ମଧ୍ୟରୁ ରାପିଡ଼ ଚାମ୍ପିଅନଙ୍କୁ ଟ୍ରଫି ସହ ନଗଦ ୨୧,୦୦୦ ଟଙ୍କା ଓ ବ୍ଲିଜ୍ ଚାମ୍ପିଅନଙ୍କୁ ଟ୍ରଫି ସହ ୭,୫୦୦ ଟଙ୍କା ପ୍ରଦାନ କରାଯିବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଆଇଏମ୍ ତଥା ଡାକ୍ତର ଅନ୍ୱେଷ ଉପାଧ୍ୟାୟ ଓ ସମ୍ବିତ ପଣ୍ଡାଙ୍କ ସମେତ ଏକାଧିକ ଶୀର୍ଷ ଖେଳାଳି ସ୍ୱୀକୃତି ପ୍ରଦାନ କରିଛନ୍ତି। ଇଣ୍ଟରନ୍ୟାସନାଲ ଆର୍ବିଟର ନିହାରରଞ୍ଜନ ସାସମଲ ଓ ତାଙ୍କ ଟିମ୍ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଖେଳାଳିମାନେ ନଭେମ୍ବର ୭ ବା ଶୁକ୍ରବାର ସୁଦ୍ଧା ଚିଫ୍ ଆର୍ବିଟର ନିହାର ସାସ୍‌ମଲଙ୍କୁ ଫୋନ ନଂ ୯୯୩୭୦-୦୭୯୪୫ କିମ୍ବା ଆୟୋଜକ ଚେସ୍‌ଷ୍ଟ୍ରଫ ଏକାଡେମୀ ନିର୍ଦ୍ଦେଶକ ସ୍ୱାଂଶୁ ସତ୍ୟକାମଙ୍କୁ ଫୋନ୍ ନଂ ୮୨୪୯୬-୧୭୮୯୩ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

### ମହିଳା ପ୍ରିମିୟର ଲିଗ୍ ନିଲାମ

## ଲୌରା, ଦୀପ୍ତିଙ୍କୁ ଛାଡ଼ିଲା ଜ୍ୟାଣ୍ଟ୍ସ





ଅହମ୍ମଦାବାଦ୍, ୬।୧୧ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍‌ର ମେଗା ନିଲାମ ପୂର୍ବରୁ ଫ୍ରାଞ୍ଚାଇଜ୍‌ଗୁଡିକ କେଉଁର୍ ଖେଳାଳିଙ୍କୁ ରଖିବେ ଓ କାହାକୁ ଛାଡିବେ ତାହା ଘୋଷଣା କରିଛନ୍ତି। ସର୍ବଶେଷ ଟିମ୍ ଗୁଜରାଟ ଜ୍ୟାଣ୍ଟ୍ସ ଦିନିକିଆ ବିଶ୍ୱକପ୍ ରନର୍ସଅପ୍ ଦଳ ଦକ୍ଷିଣ ଆଫ୍ରିକାର ଅଧିନାୟକ ଲୌରା ୱଲଭାର୍ଟଙ୍କୁ ଛାଡ଼ିଦେଇଛି। ସେହିପରି ଦିନିକିଆ ବିଶ୍ୱକପ୍‌ର ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଦୀପ୍ତି ଶର୍ମାଙ୍କୁ ମଧ୍ୟ ତାଙ୍କ ଟିମ୍ ଛାଡିଦେଇଛି।

ରିଟେନ ହୋଇଥିବା ଖେଳାଳିଙ୍କ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ନାଟ-ସିଭର ବ୍ରଣ୍ଟ, ହରମନପ୍ରୀତ୍ କୌର, ହ୍ୟାଲି ମାଥ୍ୟୁସ, ଅମନଜ୍ୟୋତ କୌର ଓ ଜି କାମିନି ରହିଛନ୍ତି। ଆରସିବି ସ୍ମୃତି ମନ୍ଧାନା, ରିଚା ଘୋଷ, ଏଲିସେ ପେରୀ, ଶ୍ରେୟଙ୍କା ପାଟିଲ, ଗୁଜରାଟ ଜାଏଣ୍ଟସ ଆସ୍‌ଲେ ଗାର୍ଡନର ଓ ବେଥ ମୁନୀ ଓ ୟୁପି ୱାରିୟର୍ଜ ଶ୍ୱେତା ସେରାୱତଙ୍କୁ ରିଟେନ କରିଛି। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ଜେମିମା ରୋଡ୍ରିଗ୍ସେଜ୍, ଶେଫାଳି ବର୍ମା, ଆନାବେଲ ସଦରଲାଣ୍ଡ, ମାରିଜାନ କାପ୍ ଓ ନିକି ପ୍ରସାଦଙ୍କୁ ନିଲାମି ପ୍ରକ୍ରିୟାର ବାଦ୍ ଦେଇଛି। ନଭେମ୍ବର ଶେଷ ସପ୍ତାହରେ ମହିଳା ପ୍ରିମିୟର ଲିଗ୍‌ର ମହାନିଲାମ ହେବ।

## ଆଜିଠୁ ରାଜ୍ୟ ଥ୍ରୋବଲ୍ ଚାମ୍ପିଅନସିପ୍



ଭୁବନେଶ୍ୱର,୬।୧୧(ସମିସ): ଓଡ଼ିଶା ଥ୍ରୋବଲ ଆସୋସିଏସନ ଏବଂ ସୋଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୩୩ତମ ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍ ଆସନ୍ତାକାଲିଠାରୁ କ୍ୟାମ୍ପସ-୨ରେ ଥିବା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ଏଥିରେ ପୁରୁଷ ବିଭାଗରେ ୨୨ଟି ଓ ମହିଳା ବିଭାଗରେ ୨୦ଟି ଦଳ ଅଂଶଗ୍ରହଣ କରିବେ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଥ୍ରୋବଲ ଆସୋସିଏସନ ସମ୍ପାଦକ ଜିତେନ୍ଦ୍ରନାଥ ଦାଶ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୋଆ କ୍ରୀଡ଼ା ଅଧିକାରୀ ସୁନିତା ବର୍ମା, ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ, ଟେକ୍ନିକାଲ ଅଫିସିଆଲ ଦୀପ୍ତିରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗକରାଯିବ। ଗ୍ରୁପ୍ ପର୍ଯ୍ୟାୟରେ ରାଉଣ୍ଡରବିନ ଲିଗ୍ ଭିତ୍ତିରେ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ରୁ ୨ ଶ୍ରେଷ୍ଠ ଦଳ କ୍ୱାର୍ଟରଫାଇନାଲକୁ ଯିବେ। କ୍ୱାର୍ଟରଫାଇନାଲରୁ ନକ୍‌ଆଉଟ ପର୍ଯ୍ୟାୟ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟରୁ ଶ୍ରେଷ୍ଠ ୨୫ଜଣ ଲେଖାଏଁ ଖେଳାଳି ଚୟନ କରାଯିବ। ଏମାନଙ୍କୁ ଏକ ଶିବିରରେ ପ୍ରଶିକ୍ଷଣ ଦେବା ପରେ କେରଳରେ ଡିସେମ୍ବର ମାସ ଖେଳାଯିବାକୁ ଥିବା ଜାତୀୟ ଥ୍ରୋବଲ ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ।

### ଚାପ୍‌ମ୍ୟାନଙ୍କ ବିସ୍ଫୋରକ ଅର୍ଦ୍ଧଶତକ

## ଦ୍ୱିତୀୟ ଟି-୨୦ ସିରିଜ୍ ଜିତିଲା ନ୍ୟୁଜିଲାଣ୍ଡ

ଅକ୍‌ଲାଣ୍ଡ, ୬।୧୧ (ଏଜେନ୍ସି): ମାର୍କ ଚାପମ୍ୟାନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ନ୍ୟୁଜିଲାଣ୍ଡ ମାତ୍ର ୩ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଇଡେନ ପାର୍କରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚାପ୍‌ମ୍ୟାନ୍ ୧୯ ବଲ୍‌ରୁ ଅର୍ଦ୍ଧଶତକ ଓ ୨୮ଟି ବଲ୍‌ରୁ ୬ ଚୌକା ଓ ୭ ଛକା ସହ ୭୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୦୭ ରନ୍ କରିଥିଲା। ଜବାବରେ ରୋଭମ୍ୟାନ୍ ପାୱେଲ, ରୋମାରିଓ ସେଫର୍ଡ ଓ ମାଥ୍ୟୁ ଫୋର୍ଡେଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ୱେଷ୍ଟଇଣ୍ଡିଜ୍ ୮ ୱିକେଟରେ ୨୦୪ ରନ୍ କରି ମାତ୍ର ୩ ରନ୍‌ରେ ହାରିଯାଇଥିଲା। ୨୦୮ ରନ୍‌ର ଟାର୍ଗେଟକୁ ପିଛା କରି ୱେଷ୍ଟଇଣ୍ଡିଜ୍ ୧୩ ଓଭର ସୁଦ୍ଧା ୯୩ ରନ୍‌ରେ ୬ ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ୭ମ ୱିକେଟରେ ପାୱେଲ ଓ ସେଫର୍ଡ ୨୪ ବଲ୍‌ରୁ ୬୨ ଓ ୮ମ ୱିକେଟରେ ପାୱେଲ ଓ ଫୋର୍ଡ ୧୮ ବଲ୍‌ରୁ ୪୭ ରନ୍ ଉଠାଇଥିଲେ ମଧ୍ୟ ଦଳ ଟାର୍ଗେଟରେ ପହଞ୍ଚିପାରି ନ ଥିଲା। ୮ମ ଖେଳାଳିଭାବେ ଆଉଟ ହୋଇଥିବା ପାୱେଲ ୧୬ ବଲ୍‌ରୁ ୧ଚୌକା ଓ ୬ଛକା ସହ ସର୍ବାଧିକ ୪୫, ୭ମ ଖେଳାଳି ଭାବେ ଆଉଟ ହୋଇଥିବା ସେଫର୍ଡ ୧୬ ବଲ୍‌ରୁ ୧ଚୌକା ଓ ୪ଛକା ସହ ୩୪ ଏବଂ ଫୋର୍ଡେ ୧୩ବଲ୍‌ରୁ ଅପରାଜିତ ୨୯ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ବିଜୟୀ ଦଳର ମିଚେଲ ସାଣ୍ଟନର ଓ ଇସ୍ ସୋଧି ୩ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଚାପମ୍ୟାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



### ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

## ଜୁରେଲ-୧୩୨*, ଭାରତ ୨୫୫

ବେଙ୍ଗାଲୁରୁ,୬।୧୧(ଏଜେନ୍ସି): ୱିକେଟରକ୍ଷକ ବ୍ୟାଟର ଧ୍ରୁବ ଜୁରେଲଙ୍କ ଅପରାଜିତ ଶତକ ସହାୟତାରେ ଏଠାରେ ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା ପାଇ ଏକ ସମ୍ମାନଜନକ ସ୍କୋର ସଂଗ୍ରହ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଏକଦା ୧୨୬ ରନ୍‌ରେ ୭ ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ଜୁରେଲ ୧୩୨ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିବା ଫଳରେ ଭାରତ ପ୍ରଥମ ଇନିଂସରେ ୨୫୫ ରନ୍ କରିଅଲଆଉଟ ହୋଇଯାଇଥିଲା। ଜୁରେଲଙ୍କୁ ଉପଯୁକ୍ତ ସହାୟତା ଦେଇଥିବା କୁଲଦୀପ ଯାଦବ ୮୮ ବଲ୍‌ରେ ୨୦ ଓ ମହମ୍ମଦ୍ ସିରାଜ ୩୧ ବଲ୍‌ରୁ ୧୫ ରନ୍ ଉଠାଇଥିଲେ। ୮ମ ୱିକେଟରେ ଜୁରେଲ ଓ କୁଲଦୀପ ୧୭୩ ବଲ୍‌ରୁ ୭୯ ଏବଂ ୮ମ ୱିକେଟରେ ଜୁରେଲ ଓ ସିରାଜ ୫୫ ବଲ୍‌ରୁ ୩୪ ରନ୍ ଉଠାଇ ଦଳର ସମ୍ମାନ ରକ୍ଷା କରିଥିଲେ। ଶେଷଯାଏ ଆଉଟ ହୋଇ ନ ଥିବା ଜୁରେଲ ୧୭୫ ବଲ୍ ଖେଳି ୧୨ ଚୌକା ଓ ୪ ଛକା ସହ ୧୩୨ ରନ୍ କରିଥିଲେ। ଭାରତର ପ୍ରଥମ ୫ଜଣ ବ୍ୟାଟରଙ୍କ ମଧ୍ୟରୁ ଦୁଇ ଓପନର ଲୋକେଶ ରାହୁଲ ୧୦ ଓ ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲି ପାରି ନ ଥିଲେ। ପରବର୍ତ୍ତୀ ୩ଜଣ ବ୍ୟାଟର ସାଇ ସୁଦର୍ଶନ ୧୭, ଦେବଦତ୍ତ ପଡ଼ିକାଲ ୫ ଓ ଅଧିନାୟକ ଋଷଭ ପନ୍ତ ୨୪ ରନ୍ କରିବାକୁ ସମର୍ଥ ହୋଇଥିଲେ। ଏମାନଙ୍କ ପରେ ହର୍ଷ ଦୁବେ ୧୪ ଓ ଆକାଶଦୀପ ୦ରେ ଆଉଟ ହେବାରୁ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

ଦକ୍ଷିଣ ଆଫ୍ରିକା ପକ୍ଷରୁ ୨୪ ବର୍ଷୀୟ ବାମହାତୀ ଫାଷ୍ଟ ବୋଲର ତିଆନ ଭାନ୍ ଭୁରେନ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଅନ୍ୟତମ ଫାଷ୍ଟ ବୋଲର ସେପୋ ମୋରେକିଙ୍କୁ ୨ଟି, ଅଫ୍ ସ୍ପିନର ପ୍ରେନେଲାନ୍ ସୁବ୍ରାୟେନ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା। ଦୁଇ ଦେଶ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଇଡେନ ଗାର୍ଡେନ୍ସରେ ନଭେମ୍ବର ୧୪ରୁ ଆରମ୍ଭ ହେବ।

### ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬

## ଅହମ୍ମଦାବାଦ କିମ୍ବା ଶ୍ରୀଲଙ୍କାରେ ଫାଇନାଲ

ଦୁବାଇ,୬।୧୧(ଏଜେନ୍ସି): ଭାରତର ଛୋଟିଆ ସେଣ୍ଟରରେ ମହିଳା ବିଶ୍ୱକପ୍ କ୍ରିକେଟର ସଫଳ ଆୟୋଜନ ପରେ ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ପୁରୁଷ ଟି-୨୦ ବିଶ୍ୱକପ୍‌କୁ ଟପ୍ ସେଣ୍ଟରେ ଆୟୋଜନ କରିବାକୁ ଆଇସିସି ସ୍ଥିର କରିଛି। ଏଠାରେ ଅନୁଷ୍ଠିତ ଆଇସିସି ବୈଠକରେ ଏହା ଏକପ୍ରକାର ସ୍ଥିର ହୋଇଛି, କେବଳ ଔପଚାରିକ ଘୋଷଣାକୁ ବାକି ରହିଛି। ଟି-୨୦ ବିଶ୍ୱକପ୍‌କୁ ଭାରତ ଓ ଶ୍ରୀଲଙ୍କା ମିଳିତଭାବେ ଆୟୋଜନ କରିବେ। ପୂର୍ବ ରାଜିନାମା ଅନୁଯାୟୀ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ସେହିପରି ପାକିସ୍ତାନ କିମ୍ବା ଶ୍ରୀଲଙ୍କା ସେମିଫାଇନାଲକୁ ଗଲେ କଲମ୍ବୋରେ ଏହି ମ୍ୟାଚ୍ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଅହମ୍ମଦାବାଦ୍‌ରେ ଖେଳାଯିବାକୁ ସ୍ଥିର ହୋଇଛି। କିନ୍ତୁ ପାକିସ୍ତାନ ଯଦି ଫାଇନାଲକୁ ଯାଏ, ତେବେ ଏହି ମ୍ୟାଚ୍‌ଟି ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଖେଳାଯିବ ବୋଲି ଆଇସିସି ଟୁର୍ ଆଣ୍ଡ ଫିକ୍ସଚର କମିଟି ପକ୍ଷରୁ ଖେଳସୂଚୀ ପ୍ରସ୍ତୁତ କରାଯାଇଛି। ଭାରତର ଟପ୍ ଭେନ୍ୟୁ ଯଥା ଅହମ୍ମଦାବାଦ୍, ମୁମ୍ବଇ,




ଦିଲ୍ଲୀ, କୋଲକାତା ଓ ଚେନ୍ନଇରେ ଖେଳାଯିବ। ନିକଟରେ ଶେଷ ହୋଇଥିବା ୫୦ ଓଭର ବିଶିଷ୍ଟ ମହିଳା ବିଶ୍ୱକପ୍ ଇନ୍ଦୋର, ବିଶାଖାପାଟଣା, ଗୌହାଟି, ନଭି ମୁମ୍ବଇରେ ଖେଳାଯାଇଥିଲା। ସେହିପରି ଭାରତକୁ ଆସି ନ ଥିବାରୁ ପାକିସ୍ତାନ ତାହାର ମ୍ୟାଚ୍ ଗୁଡିକ ଶ୍ରୀଲଙ୍କାର କଲମ୍ବୋରେ ଖେଳିଥିଲା। ଟି-୨୦ ବିଶ୍ୱକପ୍ ଲାଗି ଶ୍ରୀଲଙ୍କାରେ ୨ କିମ୍ବା ୩ଟି ଭେନ୍ୟୁ ଚିହ୍ନଟ କରାଯାଇଛି। ବେଙ୍ଗାଲୁରୁ ଏହି ତାଲିକାରୁ ବାଦ୍ ପଡ଼ିଥିବା ଜଣାଯାଇଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିଜୟ ଉତ୍ସବ ପାଳନବେଳେ ହୋଇଥିବା ଦଳାଚକଟା ଯୋଗୁଁ ଏହି ଷ୍ଟାଡିୟମ୍‌କୁ ଏବେ ବନ୍ଦ ରଖାଯାଇଛି। ଏପରିକି ଆଇପିଏଲ୍ ମ୍ୟାଚ୍ ମଧ୍ୟ ଆୟୋଜନ କରିବାକୁ ଅନୁମତି ମିଳିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ମହିଳା ବିଶ୍ୱକପ୍ ଲାଗି ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌କୁ ଭେନ୍ୟୁ ଚୟନ କରାଯାଇଥିଲା। କିନ୍ତୁ ସରକାର ସେଠାରେ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ନ ଦେବାରୁ ଚିନ୍ନାସ୍ୱାମୀରେ ଖେଳାଯିବାକୁ ଥିବା ମ୍ୟାଚ୍ ଗୁଡିକୁ ନଭି ମୁମ୍ବାଇକୁ ସ୍ଥାନାନ୍ତରିତ କରାଯାଇଥିଲା।

ଏଥର ୨୦୨୬ ଟି-୨୦ ବିଶ୍ୱକପ୍‌ରେ ୨୦ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ଖେଳିବେ ଓ ଗ୍ରୁପ୍‌ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ସୁପର-୮'କୁ ଉନ୍ନୀତ ହେବେ। ସୁପର-୮'ରେ ଦଳଗୁଡ଼ିକୁ ଦୁଇଟି ଗ୍ରୁପରେ ଭାଗ କରାଯିବ। ଏଥିରେ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଆସନ୍ତାବର୍ଷ ଫେବୃଆରୀରେ ଏହି ବିଶ୍ୱକପ୍ ଖେଳାଯିବ। ଏଠାରେ ଦେଖିବାର କଥା ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଉଛନ୍ତି କି ନା। ଏହା ଯଦି ହୁଏ, ତେବେ ପାକିସ୍ତାନ ସହ ଖେଳିବାକୁ ଭାରତ ଶ୍ରୀଲଙ୍କା ଯିବ।



ଥାଇଲାଣ୍ଡରେ ଆୟୋଜିତ ବିଶ୍ୱ ଜୁ-ଜିତ୍‌ସୁ ଚାମ୍ପିଅନ୍‌ସିପ୍‌ରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶାର ଅନୁପମା ସ୍ୱାଇଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS